READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ବର୍ଷ-୬ ସଂଖ୍ୟା-୪୫ ୨୧ - ୨୭ ନଭେମ୍ବର, ୨୦୨୨ ଭୁବନେଶ୍ୱର Monday Weekly VOL-6 ISSUE-45 21st - 27th NOVEMBER, 2022 BHUBANESWAR ₹ 5/- (8 Pages)

### ଇଚ୍ଛାଧୀନ କୋଟା: ରଦ୍ଦ ହେବନି ଆବଣ୍ଟନ

## ବଦଳିଲା ୮ ବର୍ଷ ପୂର୍ବର ନିଷ୍ପତ୍ତି

**ଭୁବନେଶ୍ୱର :** ବହୁଚର୍ଚ୍ଚିତ ଇଚ୍ଛାଧୀନ କୋଟାରେ ଆବଣ୍ଟିତ ଘର ଓ ପ୍ଲଟକୁ ରଦ୍ଦ କରିବା ନିମନ୍ତେ ତାରା ଦତ୍ତ କମିଟିର ସୁପାରିଶକୁ ଗ୍ରହଣ କରିଥିବା ରାଜ୍ୟ କ୍ୟାବିନେଟ ପ୍ରାୟ ୮ ବର୍ଷ ପରେ ନିଜର ନିଷ୍ପତ୍ତିରୁ ଓହରି ଯାଇଛନ୍ତି। ଆଉ ଇଚ୍ଛାଧୀନ କୋଟାରେ ସମସ୍ତ ପ୍ଲଟ୍ ଓ ଘରର ସିଙ୍ଗଲ ଆବଣ୍ଟନ ବୈଧ ରହିବ ତଥା ସେମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ରାଜ୍ୟ ସରକାରଙ୍କ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛନ୍ତି। ଅର୍ଥାତ୍ ତାରା ଦତ୍ତ କମିଟି ସୁପାରିଶ ଅନୁସାରେ ଇଚ୍ଛାଧୀନ କୋଟାରେ ଆବଂଟିତ ସମସ୍ତ ଘର ଓ ପ୍ଲଟକୁ ରଦ୍ଦ କରାଯିବ ନାହିଁ ବରଂ କେବଳ ଏହି କୋଟାରେ ଏକାଧିକ ଘର ଅବା ପ୍ଲଟ୍ ନେଇଥିବା ବ୍ୟକ୍ତିଙ୍କ ଆବଣ୍ଟନକୁ ରଦ୍ଦ




କରାଯିବ। ତାରା ଦତ୍ତ ଟାସ୍କଫୋର୍ସର ସୁପାରିଶକୁ ପ୍ରାୟ ୮ ବର୍ଷରେ ଡଷ୍ଟବିନକୁ ପକାଇ ଇଚ୍ଛାଧୀନ କୋଟାକୁ ଆଇନସମ୍ମତ ଓ ବୈଧ କରିବାକୁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକରେ ମୋଟ ୧୭ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ଇଚ୍ଛାଧୀନ କୋଟାରେ ବିଡିଏ, ସିଡିଏ ଓ ରାଜ୍ୟ ଗୃହ ନିର୍ମାଣ ବୋର୍ଡ ଦ୍ୱାରା ସେତେବେଳର ନିୟମ ବା ବ୍ରୋଚର ଅନୁସାରେ ଯେଉଁମାନଙ୍କୁ ଗୋଟିଏ ପ୍ଲଟ୍ ଅବା କୋଠା ଆବଣ୍ଟନ ହୋଇଥିଲା ସେମାନଙ୍କୁ ତାରା ଦତ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଟାସ୍କଫୋର୍ସ ରିପୋର୍ଟରୁ ବାଦ୍ ଦିଆଯିବାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଟାସ୍କଫୋର୍ସ ରିପୋର୍ଟର ଅନୁଚ୍ଛେଦ ୪୮(୭)ର ଅନୁମୋଦନ ଅନୁସାରେ,ବିଡିଏ, ସିଡିଏ ଓ ରାଜ୍ୟ ଗୃହ ନିର୍ମାଣ ବୋର୍ଡ ଦ୍ୱାରା ଯେଉଁ ସବୁ ଏକକ ଆବଣ୍ଟନ ରହିଛି ତାକୁ ରାଜ୍ୟ କ୍ୟାବିନେଟ ୮ବର୍ଷ ତଳର ଟାସ୍କଫୋର୍ସ ରିପୋର୍ଟରୁ ବାଦ୍ ଦେବା ପାଇଁ ମଞ୍ଜୁର କରିଛନ୍ତି। ତେବେ ରାଜ୍ୟ କ୍ୟାବିନେଟର ଏଭଳି ନିଷ୍ପତ୍ତି ପରୋକ୍ଷରେ ନିଜର କ୍ଷମତାର ଅପବ୍ୟବହାର କରି ଘର ଓ ପ୍ଲଟ୍ ➤ ପୃ-୬

## ଖାଲି ହେଉଛି ଦେଶର ଖାଦ୍ୟ ଭଣ୍ଡାର

### ବନ୍ଦ ହୋଇପାରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା

### ଚାଉଳ, ଗହମ ପରେ ଖୁଦ ରପ୍ତାନୀ ଉପରେ କଟକଣା ଲାଗୁ

**ଭୁବନେଶ୍ୱର :** କେନ୍ଦ୍ର ସରକାରଙ୍କ କୃଷି ବିରୋଧୀ ନୀତି ଯୋଗୁଁ ଚାଷୀ ଚାଷରୁ ମୁହଁ ଫେରାଇବା ଆରମ୍ଭ କରିଛି। ପରିଣତି ସ୍ୱରୂପ ଗହମ ଓ ଚାଉଳର ଉତ୍ପାଦନ ହ୍ରାସ ହୋଇ ଚାଲିଛି ଓ ଦେଶର ଖାଦ୍ୟ ଭଣ୍ଡାର ଖାଲି ହେବାରେ ଲାଗିଛି। ଗହମ ପରେ ଚାଉଳର ସଂରକ୍ଷଣ ପରିମାଣ ଦିନକୁ ଦିନ ହ୍ରାସ ପାଇ ଚାଲିଛି। ପରିଣତିସ୍ୱରୂପ ଗହମ ଓ ଚାଉଳ ପରେ ବିଦେଶକୁ ଖୁଦ ରପ୍ତାନୀ ଉପରେ କେନ୍ଦ୍ର ସରକାର କଟକଣା ଲଗାଇଛନ୍ତି। ଏପରିକି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଯୋଗାଇ ଦିଆଯାଉଥିବା ୫ କିଲୋ ଖାଦ୍ୟ ଶସ୍ୟ ପ୍ରଦାନକୁ ବନ୍ଦ କରିବାକୁ ବିଚାରାଲୋଚନା ଚାଲିଛି। ଗୁଜରାଟ, ହିମାଚଳ ସହ ବିଭିନ୍ନ ଉପନିର୍ବାଚନ ଯୋଗୁଁ ଏହି ନିଷ୍ପତ୍ତି ସ୍ଥଗିତ ରହିଛି ଏବଂ ନିର୍ବାଚନ ଶେଷ ପରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇପାରେ ବୋଲି ସୂଚନା ମିଳିଛି। ଏହା ସତ୍ତ୍ୱେ ବାରମ୍ବାର ଦାବି ସତ୍ତ୍ୱେ ଓଡ଼ିଶାରୁ ଉଷୁନା ଉଠାଣ ଉପରେ ଟାଳଟୁଳ ନୀତି ଅବଲମ୍ବନ କରୁଛି ଏଫ୍‌ସିଆଇ। ରାଜ୍ୟ ପ୍ରଶାସନ, ବିଜେଡି ସାଂସଦ ଓ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ ସତ୍ତ୍ୱେ କେନ୍ଦ୍ର ସରକାର ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଓଡ଼ିଶା ପଣ୍ୟାଗାରରେ ଉଷୁନା ଚାଉଳ ଭର୍ତ୍ତି ହୋଇ ରହିଛି; ପୁଣି ଆଗକୁ ଖରିଫ ଧାନ ସଂଗ୍ରହ ଆରମ୍ଭ ହେବାକୁ ଯାଉଛି। ଏପରି ସ୍ଥିତିରେ କ୍ରୟ ହେବାକୁଥିବା ଧାନ ଓ ଉତ୍ପାଦିତ ଚାଉଳର ସଂରକ୍ଷଣ ନେଇ ଚିନ୍ତା ବଢ଼ିଛି। କେନ୍ଦ୍ର ସରକାରଙ୍କ କୃଷି ନୀତି ଯୋଗୁଁ ସାରା ଦେଶରେ ଚାଷୀ ଚାଷରୁ ମୁହଁ ଫେରାଇବାରେ ଲାଗିଛନ୍ତି। କେନ୍ଦ୍ର କୃଷି ମନ୍ତ୍ରଣାଳୟର ପରିସଂଖ୍ୟାନ ଅନୁସାରେ ୨୦୨୧ ମସିହାରେ ସାରା ଦେଶରେ ୪୦୭ ଲକ୍ଷ ହେକ୍ଟର ଜମିରେ ଧାନ ଚାଷ କରାଯାଇଥିଲା। ୨୦୨୨ ମସିହାରେ ଏହା ୩୮୪ ଲକ୍ଷ ହେକ୍ଟରକୁ ହ୍ରାସ ପାଇଛି। ଅର୍ଥାତ୍ ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଧାନ ଅଞ୍ଚଳରେ ପ୍ରାୟ ୨୩ ଲକ୍ଷ ହେକ୍ଟର କମ୍ ଜମିରେ ଧାନ ଚାଷ କରାଯାଇଛି। ଏହାର ନକରାତ୍ମକ ପ୍ରଭାବ ଖାଦ୍ୟଶସ୍ୟ ଭଣ୍ଡାର ଉପରେ ପଡ଼ିଛି। ଏହି ସ୍ଥିତିରୁ ମୁକୁଳିବାକୁ କେନ୍ଦ୍ର ସରକାର ଚାଉଳ ରପ୍ତାନୀ ଉପରେ କଟକଣା ଜାରି କରିଥିଲେ, ଗତ ସେପ୍ଟେମ୍ବର ୯ ତାରିଖରେ ଖୁଦ ରପ୍ତାନୀ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି ଭାରତ ହେଉଛି ବିଶ୍ୱର ସବୁଠାରୁ ବଡ ଚାଉଳ ରପ୍ତାନୀକାରୀ ଓ ୧୫୦ ଦେଶକୁ ଭାରତରୁ ଚାଉଳ ରପ୍ତାନୀ ହୋଇଥାଏ। ଗତ ବର୍ଷ ଭାରତରୁ ୨୦୦ ଲକ୍ଷ ଟନ୍ ଚାଉଳ ରପ୍ତାନି ହୋଇଥିଲା, ଚଳିତ ଆର୍ଥିକ ➤ ପୃ-୬

## ବଢ଼ିବ ବିଧାୟକଙ୍କ ଦରମା ଓ ଭତ୍ତା

**ଭୁବନେଶ୍ୱର :** ରାଜ୍ୟର ବିଧାୟକମାନଙ୍କର ଦରମା, ଭତ୍ତା ଓ ଅନ୍ୟାନ୍ୟ ସୁବିଧାସୁଯୋଗରେ ବୃଦ୍ଧି ହେବାର ସମ୍ଭାବନା ରହିଛି। ଏନେଇ ଗଠିତ କମିଟି ଆସନ୍ତା ଶୀତ ଅଧିବେଶନରେ ତାଙ୍କର ରିପୋର୍ଟ ବାଚସ୍ପତିଙ୍କୁ ପ୍ରଦାନ କରିବେ। ବିଭିନ୍ନ ରାଜ୍ୟରେ ବିଧାୟକମାନଙ୍କୁ ମିଳୁଥିବା ଦରମା,ଭତ୍ତା ଓ ସୁବିଧାସୁଯୋଗକୁ ଅନୁଧ୍ୟାନ କରିବା ପରେ କମିଟି ଓଡ଼ିଶାରେ ବିଧାୟକମାନଙ୍କ ଦରମା ଓ ଅନ୍ୟାନ୍ୟ ସୁବିଧାରେ ବୃଦ୍ଧି ହେବା ସପକ୍ଷରେ ମତ ବ୍ୟକ୍ତ କରିଛନ୍ତି। ବାଚସ୍ପତିଙ୍କ ନିର୍ଦ୍ଦେଶରେ ବରିଷ୍ଠ ବିଜେଡି ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଅଧ୍ୟକ୍ଷତାରେ ଗଠିତ ପରାମର୍ଶଦାତା କମିଟିର ଚତୁର୍ଥ ବୈଠକ ବିଧାନସଭା ପରିସରରେ ଅନୁଷ୍ଠିତ ହୋଇଥିଲା। ଏ ସମ୍ପର୍କରେ ଶ୍ରୀ ଶତପଥୀ ସୂଚନା ଦେଇ କହିଛନ୍ତି ଯେ, ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି ସଂକ୍ରାନ୍ତ ଦାବି ଉପରେ କମିଟି ବିଚାରବିମର୍ଶ କରିଛି। ଆସନ୍ତା ଶୀତ ଅଧିବେଶନରେ କମିଟି ତାଙ୍କର ରିପୋର୍ଟ ବାଚସ୍ପତିଙ୍କୁ ପ୍ରଦାନ କରିବେ। ଏହି ବୈଠକରେ କମିଟିର ସଦସ୍ୟ ଥିବା ବିଜେପି ଦଳର ମୁଖ୍ୟ ସଚେତକ ମୋହନ ମାଝୀ ଓ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଅନୁପସ୍ଥିତ ଥିବାରୁ କମିଟି ପୁଣିଥରେ ବୈଠକ କରି ଦରମା ଓ ଭତ୍ତା ଆଦିର ଚୂଡ଼ାନ୍ତ କରିବ। ତେବେ ବୈଠକରେ ରାଜ୍ୟର ବିଧାୟକମାନେ ଏବେ ପାଉଥିବା ଦରମା, ଭତ୍ତା ଓ ସୁବିଧାସୁଯୋଗ ସହ ଅନ୍ୟ ରାଜ୍ୟରେ ବିଧାୟକମାନଙ୍କୁ ମିଳୁଥିବା ➤ ପୃ-୬

## ଶିକ୍ଷାରେ ଉତ୍କର୍ଷ ପାଇଁ ୧୦୦ କୋଟି ଟଙ୍କାର ପୁରସ୍କାର

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫ଟି ରୂପାନ୍ତରିତ ସ୍କୁଲ ତଥା ଅନ୍ୟ ସ୍କୁଲ ମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଶିକ୍ଷାର ଉତ୍କର୍ଷ ଲାଭ କରୁଥିବା ସ୍କୁଲ ଛାତ୍ରଛାତ୍ରୀ, ଶିକ୍ଷାନୁଷ୍ଠାନ ଓ ପ୍ରଧାନ ଶିକ୍ଷକ, ଶିକ୍ଷକଶିକ୍ଷୟିତ୍ରୀ,ସରପଞ୍ଚ ସ୍କୁଲ ପରିଚାଳନା କମିଟି ତଥା ପୁରାତନ ଛାତ୍ରମାନଙ୍କୁ ସେମାନଙ୍କ ଅବଦାନ ପାଇଁ ବର୍ଷକୁ ୧୦୦ କୋଟି ଟଙ୍କାର ପୁରସ୍କାର ଘୋଷଣା କରିଛନ୍ତି। ବ୍ଲକ୍, ଜିଲ୍ଲା ଓ ରାଜ୍ୟସ୍ତରରେ ଏହି ପୁରସ୍କାର ପ୍ରଦାନ କରାଯିବ। ୫୦ ହଜାର ଛାତ୍ରଛାତ୍ରୀ, ୧୫୦୦ ପ୍ରଧାନ ଶିକ୍ଷକ ଓ ଶିକ୍ଷକ-ଶିକ୍ଷୟିତ୍ରୀ, ସ୍କୁଲ ପରିଚାଳନା କମିଟି ସରପଞ୍ଚ ପୁରାତନ ଛାତ୍ରମାନଙ୍କୁ ଏହି ପୁରସ୍କାର ପ୍ରଦାନ



କରାଯିବ। ସ୍ଥାନୀୟ ୟୁନିଟ-୯ ସ୍ଥିତ ସରକାରୀ ହାଇସ୍କୁଲରେ ରାଜ୍ୟସ୍ତରୀୟ ଶିଶୁ ଦିବସ ଉତ୍ସବର ଉଦ୍‌ଯାପନୀ ସମାରୋହରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏହି ପୁରସ୍କାର ଘୋଷଣା କରିଛନ୍ତି। ➤ ପୃ-୬

## 'ବାଲିଯାତ୍ରା ଆୟବ୍ୟୟର ଅଡିଟ୍ ହେଉ'

**କଟକ:** ମହାମାରୀ କରୋନା ପରେ ପ୍ରଥମ ଥର ପାଇଁ ମହା ଆଡମ୍ବରେ ପାଳିତ ହୋଇଛି କଟକର ଐତିହାସିକ ବାଲିଯାତ୍ରା। ୧୦ ଦିନରେ ୧୦୦ କୋଟିରୁ ଅଧିକ ଟଙ୍କାର କାରବାର ହୋଇଥିବା ଅନୁମାନ କରାଯାଉଛି। ହେଲେ ଏଥିରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏପରି ଅଭିଯୋଗ ବିରୋଧୀ ବିଜେପି କି କଂଗ୍ରେସ କରିନାହାନ୍ତି। ବରଂ କରିଛନ୍ତି ଶାସକ ବିଜେଡିର ନେତା ପ୍ରଭାତ ତ୍ରିପାଠୀ। କଟକ ଜିଲ୍ଲା ପ୍ରଶାସନ ଆଡ଼କୁ ଅଙ୍ଗୁଳି ଉଠାଇ ବରିଷ୍ଠ ବିଜେଡି ନେତା ତଥା ମହାନଗର ପୂଜା କମିଟି ସଂପାଦକ ଶ୍ରୀ ତ୍ରିପାଠୀ କହିଛନ୍ତି, ଏଥର ବାଲିଯାତ୍ରା କିଛି ହାତଗଣତି ପ୍ରଶାସନିକ ଅଫିସରଙ୍କ ନିୟନ୍ତ୍ରଣରେ ରହିଥିଲା। ଜିଲ୍ଲା



ପ୍ରଶାସନ ସବୁ ନିଷ୍ପତ୍ତି ଏକଚାଟିଆ ଭାବେ ନେଇଛି। ମନଇଚ୍ଛା କେତେକ ନିର୍ଦ୍ଦିଷ୍ଟ ବ୍ୟବସାୟିକ ପ୍ରତିଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଛି। ତେଣୁ ରାଜ୍ୟ ସରକାର ➤ ପୃ-୬

### ବକ୍ରବାଣୀ



ଧାମନଗରରେ ହାରିଲା ପରେ
କହିଲାଣି ପୁଣି ବିଜେଡି ପାଟି
ପଦ୍ମପୁର ସ୍ୱାଭିମାନର ମାଟି
ଯେଥର ଜିତିବ ନିଶ୍ଚୟ ଏଠି
କାନ୍ଦିଲେ ଯଉଁଠି ଭୋଅଟ ମିଳେ
ଦରକାର କଣ କାମ କରିବା
ନାଚି କୁଦି ହସି ଗାଆଁ ଦାଣ୍ଡରେ
ମଦ ମାଂସ ଦେଇ ଭୋଟ କିଣିବା
ଜିତିଲେ କରିବେ ନୂଆ ଜିଲ୍ଲାଟେ
ଛାମୁଁ କଇଲେଣି ବଡ଼ କଥାଟେ।

—— ଟୁଟୁ

### ବାଲି ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି ଶାମାଖୁଣ୍ଟ ବ୍ଲକ

## ସନ୍ଦେହ ଘେରରେ ତହସିଲଦାର ଓ ଆରଆଇ

**ବାରିପଦା(ବିଜୁ ସିଂ):** ଖଣିଜ ସମ୍ପଦ ଭରା ଓଡ଼ିଶାର ସର୍ବ ବୃହତ ଜିଲ୍ଲା ମୟୂରଭଞ୍ଜରେ ଲଘୁ ଖଣିଜ ସମ୍ପଦର ଚୋରି ଉତ୍କଟ ରୂପ ଧାରଣ କରିଛି। ବିଗତ ଦିନରେ ବଡ ସାହି ତହସିଲ ଅଧୀନରେ ଥିବା ତିନୋଟି ବାଲି ଘାଟରେ ବେଆଇନ ବାଲି ଉତ୍ତୋଳନ ସକାସେ ଏନଜିଟି ପକ୍ଷରୁ ୩୫ କଟିରୁ ଉର୍ଦ୍ଧ୍ୱ ଟଙ୍କାର ଜରିମାନା ନିଲାମ ଧାରୀଙ୍କ ଉପରେ ଧାର୍ଯ୍ୟ କରାଯାଇଛି ଏବଂ ଏହି ବାଲି ଚରା ଚାଲାଣ ରେ ଲିପ୍ତ ଥିବା ଅଭିଯୋଗରେ ବଡ ସାହି ତହସିଲଦାରଙ୍କୁ କାର୍ଯ୍ୟରୁ ନିଲମ୍ବିତ ମଧ୍ୟ କରାଯାଇଛି। ଏତାଦୃଶ ଘଟଣା ବେତନଟୀ ତହସିଲ ଅଧୀନରେ ମଧ ଘଟି ସାରିଛି। ମିଳିଥିବା ସୂଚନା ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲାରେ ବିଭିନ୍ନ କାରଣ ବସତ୍ୱ ବର୍ତ୍ତମାନ ୬୫ ଟି ବାଲି ସୌରାତ ନିଲାମ ହେଇ ପାରିନାହିଁ। ଯାହାର ପରିଣାମ ସ୍ୱରୂପ ଜିଲ୍ଲାରେ ଲଘୁଖଣିଜ ଦ୍ରବ୍ୟର ଚୋରା ଚାଲାଣ ଅନେକ



ମାତ୍ରାରେ ବୃଦ୍ଧି ପାଇଛି ଓ ଏହି କାରବାରରେ ସ୍ଥାନୀୟ ତହସିଲଦାରଙ୍କ ଠାରୁ ଆରମ୍ଭ କରି ଛୋଟ ବଡ଼ ନେତା ଏଥିରେ ପ୍ରତ୍ୟକ୍ଷ ବା ପରକ୍ଷ ଭାବରେ ଜଡିତ ରହିଛନ୍ତି। ଏହି ପରିପ୍ରେକ୍ଷୀରେ ଶମାଖୁଣ୍ଟା ବ୍ଲକରେ ବାଲି ମାଫିଆଙ୍କ କାର୍ଯ୍ୟ କଳାପ ସମସ୍ତଙ୍କୁ ଚକିତ କରିଛି। ଏହି ବ୍ଲକରେ ସରକାରୀ ଭାବେ ପାଞ୍ଚ ଟି ବାଲି ସୌରାତ ମଧ୍ୟରୁ କେବଳ ଦୁଇଟି ବାଲି ସୌରାତ ନିଲାମ ହୋଇଅଛି। ଏବଂ ଅନ୍ୟ ତିନଟି ବାଲି ସୌରାତର ଭବିଷ୍ୟତ ଅନିଶ୍ଚିତତା ମଧ୍ୟରେ। ତେବେ ଏହି ସୁଯୋଗକୁ ➤ ପୃ-୬

## ଏଣିକି ସମ୍ପତ୍ତି ବିକ୍ରି ବେଳେ ଉଭୟ କ୍ରେତା ଓ ବିକ୍ରେତାଙ୍କର ହେବ ବାୟୋମେଟ୍ରିକ୍ ଯାଞ୍ଚ

**ଭୁବନେଶ୍ୱର :** ବ୍ୟକ୍ତିଗତ ସମ୍ପତ୍ତିର ପଞ୍ଜିକରଣ କରିବା ଓ ବନ୍ଧକ ରଖିବା ବେଳେ ଲୋକେ ନାନାଦି ଠକାମୀର ଶିକାର ହେଉଛନ୍ତି। ନକଲି ପରିଚୟ ଦେଇ ଲୋକେ ସମ୍ପତ୍ତି ବନ୍ଧକ ରଖୁଥିବା ଓ ବିକ୍ରି କରୁଛନ୍ତି। ଏହାକୁ ରୋକିବା ପାଇଁ ଆଧାରଜନିତ ବାୟୋମେଟ୍ରିକ୍ ଯାଞ୍ଚ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବ। ଏନେଇ ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ଆଇନ ବିଭାଗକୁ ଲେଖିଛି ଚିଠି। ଠକେଇ ମାମଲାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ କାର୍ଯ୍ୟକାରୀ କରାଯିବ ବୋଲି ସୂଚନା ମିଳିଛି। ରାଜ୍ୟ ତଥା ଦେଶରେ ସମ୍ପତ୍ତି ବିକ୍ରି କରାଯିବା ବେଳେ ନକଲି ପ୍ରମାଣପତ୍ରକୁ ମାଧ୍ୟମ କରି ଠକେଇ ହେଉଥିବାର ଅନେକ ଉଦାହରଣ ଦେଖିବାକୁ ମିଳୁଛି। ଅନ୍ୟ ବ୍ୟକ୍ତିଙ୍କର ଆଧାର ପ୍ରମାଣପତ୍ରକୁ ଫଟୋସପ୍ କରି ଠକମାନେ ନିଜର ଫଟୋକୁ ଲଗାଉଛନ୍ତି। ଯାହାଫଳରେ ସମ୍ପତ୍ତି କିଣୁଥିବା ଲୋକ ଅନ୍ଧାରରେ ରହୁଥିବା ବେଳେ ଠକାମୀ



ସମ୍ପର୍କରେ ଜାଣିପାରୁନାହାଁନ୍ତି। ସମ୍ପତ୍ତିର କିଣାବିକା ସରିବାର କିଛି ଦିନ ପରେ ସମ୍ପତ୍ତି ବିକ୍ରିରେ ଠକେଇ ହୋଇଥିବା ଜଣାପଡୁଛି। ଏଣୁ ସରକାରୀ ବ୍ୟବସ୍ଥାରେ ଆଧାରଜନିତ ବାୟୋମେଟ୍ରିକ୍ ଯାଞ୍ଚ କରାଗଲେ, ଏଭଳି ଠକେଇକୁ ରୋକିହେବ ବୋଲି ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ କହିଛି। ସରକାରୀ ବ୍ୟବସ୍ଥାରେ ଅନେକ ସ୍ଥାନରେ କେବଳ ଆଧାରର ଫଟୋକପିକୁ ଦସ୍ତାବିଜ ଭାବେ ଗ୍ରହଣ କରାଯାଉଛି। ଯାହା ଫଳରେ ଠକାମୀର ସହଜ ରାସ୍ତା ଖୋଲୁଛି। ସେହିଭଳି ରାଜ୍ୟରେ ଥିବା ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ମଧ୍ୟ ସମାନ ବ୍ୟବସ୍ଥା ଲାଗୁ ହେଉଛି। କୌଣସି ଋଣ ଆବେଦନକାରୀ ବ୍ୟାଙ୍କର ଯାଞ୍ଚ ପ୍ରକ୍ରିୟାରେ ସାମିଲ ହେବା ବେଳେ ତାଙ୍କୁ କେବଳ ଆଧାର କାର୍ଡ ଓ ତାହାର ଫଟୋକପି ମଗାଯାଉଛି। ବାୟୋମେଟ୍ରିକ ଦ୍ୱାରା ଯାଞ୍ଚ କରିବା ଦିଗରେ କେହି ଧ୍ୟାନ ଦେଉନାହାଁନ୍ତି। ଫଳରେ ନକଲି ଲୋକ ଋଣ ନେଇ ବ୍ୟାଙ୍କ ଉପରେ ଅର୍ଥ ବୋଝ ବଢ଼ାଉଛନ୍ତି। ଏଣୁ ଆଇନ ବିଭାଗ ସମ୍ପତ୍ତି ବିକ୍ରି ଓ ବନ୍ଧକ ରଖିବା ପ୍ରକ୍ରିୟାରେ ସାମିଲ ହେଉଥିବା ସମସ୍ତ ସରକାରୀ କାର୍ଯ୍ୟାଳୟକୁ ନୂଆ ନିର୍ଦ୍ଦେଶନାମା ଜାରି କରିବାକୁ ଯୋଜନା କରୁଛି। ଯାହାଫଳରେ ଯାଞ୍ଚ ପ୍ରକ୍ରିୟାରେ ଠକଙ୍କୁ ସହଜରେ ଚିହ୍ନଟ କରିଯାଇପାରିବ। ଏଣିକି ସମ୍ପତ୍ତି ବିକ୍ରି ବେଳେ ସରକାର ଉଭୟ କ୍ରେତା ଓ ବିକ୍ରେତାଙ୍କ ଆଧାରଜନିତ ବାୟୋମେଟ୍ରିକ ଯାଞ୍ଚ କରିବାକୁ ଯୋଜନା କରୁଛନ୍ତି। ଏଭଳି ବ୍ୟବସ୍ଥା ଲାଗୁ ହେଲେ ସମ୍ପତ୍ତି କିଣା,ବିକା ଓ ବନ୍ଧକ ବ୍ୟବସ୍ଥା ଅତ୍ୟନ୍ତ ସ୍ୱଚ୍ଛ ଓ ଅପରାଧମୁକ୍ତ ହେବ ବୋଲି ସରକାର ଆଶାବାଦୀ ଅଛନ୍ତି। ରାଜ୍ୟରେ ୫-ଟି ଆଧାର ଚାଲୁଥିବା ସରକାରୀ ବ୍ୟବସ୍ଥା ଦେଶବ୍ୟାପୀ ପ୍ରଶଂସାର ପାତ୍ର ହୋଇଛି। ➤ ପୃ-୬



CITY HOMES
Near AMRI Hospital, Ghatikia, Khandagiri
Bhubaneswar

Developed By-
Evos Buildcon Pvt .Ltd
Plot No-284/2485,
Patrapada Bhubaneswar

Luxurious 2BHK / 3BHK Apartment At An Affordable Price

Approved By-
Odisha Real Estate Regulatory Authority
State Bank of India THE BANKER TO EVERY INDIAN
Bhubaneswar Municipal Corporation Progress Through Partnership for Better Bhubaneswar

EVOS PARADISE,
Near AIIMS Hospital,BBSR




For More Information Contact:-
7440005812 / 7440005813
www.evosbuildcon.com
Email- support@evos.co.in

### ରଘୁନାଥପୁର ଥାନା ଅଧିକାରୀଙ୍କ ଦବଙ୍ଗଗିରି !

## ଓକିଲଙ୍କୁ ଦୁର୍ବ୍ୟବହାର

**ଜଗତସିଂହପୁର, (ଜ୍ୟୋତିରଞ୍ଜନ ପଟ୍ଟନାୟକ):** ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ରଘୁନାଥପୁର ଥାନା ଅଧିକାରୀ ରାଜକିଶୋର ବେହେରାଙ୍କ ଦବଙ୍ଗ ଗିରି ତଥା ଦୁର୍ବ୍ୟବହାରକୁ ନେଇ ବରିଷ୍ଠ ଓକିଲ ଗଗନଚନ୍ଦ୍ର ଦାଶଙ୍କ ଅଭିଯୋଗ ଅଡୁଆରେ ପକାଇଲାଣି ଥାନା ଅଧିକାରୀଙ୍କୁ। ଖୁବ୍ କମଦିନରେ ଯୋଗଦେଇଥିବା ଥାନା ଅଧିକାରୀ ଶ୍ରୀ ବେହେରା



ଜନସାଧାରଣ, ଗଣମାଧ୍ୟମ ଓ ଓକିଲଙ୍କୁ ଦୁର୍ବ୍ୟବହାର କରିବା ଓ ନିର୍ଯାତନା ଦେବା ଘଟଣା ପାଇଁ କ୍ଷମା ମାଗିବାକୁ ସାଧାରଣରେ ଦାବି ହେଉଛି। ଏହି ପୋଲିସ ଅଧିକାରୀ ଓ ତାଙ୍କର କିଛି ଅନୁଗତ ଅଧିକାରୀମାନେ ତଦନ୍ତରେ ଚରମ ଅବହେଳା ପ୍ରଦର୍ଶନ କରି ଅପରାଧୀମାନଙ୍କ ବିରୁଦ୍ଧରେ ଆଖି ଦୁଷିଆ କାର୍ଯ୍ୟାନୁଷ୍ଠାନ ନକରି ଭଲ ଅଙ୍କର ହାତଗୁଞ୍ଜା ନେଇ ମାମଲାକୁ ଚାପି ଦେବା ଘଟଣା ଏକପ୍ରକାର ନିତିଦିନିଆ ହୋଇଗଲାଣି। ରଘୁନାଥପୁର ପୋଲିସ ଯେଉଁଭଳି ଭାବେ ବିଭିନ୍ନ ଘଟଣା ସବୁର ତଦନ୍ତ କରୁଛି ତାହା କେବଳ ଧର୍ମକୁ ଆଖିଠାର୍ ମାରିଲା ପରି ଲାଗୁଛି। ବରିଷ୍ଠ ଓକିଲ ଶ୍ରୀ ଦାଶଙ୍କ କହିବା ଅନୁଯାୟୀ ତାଙ୍କର ମହକିଲ ଶିର୍ଲୋ ଅଞ୍ଚଳର ନିମାଇଁ ଚରଣ ଦାସ ଏକ ମାମଲାରେ ରଘୁନାଥପୁର ଥାନାରେ ଦିଆଯାଇଥିବା ଏତଲା ସମ୍ପର୍କରେ ବୁଝିବାକୁ ଅନୁରୋଧ କରିଥିଲେ। ତା ପରେ ମୁଁ ତିର୍ତୋଲ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଓ ଥାନା ଅଧିକାରୀଙ୍କୁ ଫୋନ ଯୋଗେ କହିଥିଲି ଯେ ମୁଁ ଥାନାକୁ ଯାଉଛି, ଗଲେ ଆଲୋଚନା କରିବି ବୋଲି। ତା ପରେ ମୁଁ ଥାନାକୁ ଯାଇ ମୋ ମହକିଲ ସାଙ୍ଗରେ ➤ ପୃ-୬

ଅଭିନନ୍ଦନ

ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ
ସଭାପତି
କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ
ଜିଲ୍ଲା ସଭାପତି
ବିଜୁ ଜନତା ଦଳ, କୋରାପୁଟ



ସୌଜନ୍ୟ :
ଜୟନ୍ତ କୁମାର ମିଶ୍ର (ଅଧିବକ୍ତା)
ଜୋନାଲ ପ୍ରେସିଡେଣ୍ଟ, ବିଜୁ ଜନତା ଦଳ, କୋରାପୁଟ

## କେମିତି କଟିବ ଏ ସପ୍ତାହ

**ମେଷ** — ବ୍ୟବସାୟରେ ସ୍ଥିତି ଅନୁକୂଳ ରହିବ। କାର୍ଯ୍ୟକ୍ଷେତ୍ରରେ ନିଜ ଉପରେ ବିଶ୍ୱାସ ରଖନ୍ତୁ। ଜମି ଓ ଗାଡି କିଣିବା ପାଇଁ ସମୟ ଅନୁକୂଳ। ଛାତ୍ରମାନେ କଠିନ ପରିଶ୍ରମ କରିବା ଦରକାର। ପ୍ରତିକାର : ହନୁମାନଙ୍କୁ ଲାଲ୍ ଫୁଲମାଳ ଅର୍ପଣ କରନ୍ତୁ।

**ବୃଷ** — ମନ ଚଞ୍ଚଳ ରହିବ। ଦୀର୍ଘକାଳୀନ ବ୍ୟବସାୟ ପାଇଁ ସମୟ ଅନୁକୂଳ। କାର୍ଯ୍ୟକ୍ଷେତ୍ରରେ କନିଷ୍ଠ କର୍ମଚାରୀଙ୍କୁ ବ୍ୟବହାର ଠିକ କରନ୍ତୁ। ପ୍ରତିଷ୍ଠାରେ ବୃଦ୍ଧି ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପ୍ରତିକାର : ଭଗବାନ ଶ୍ରୀକୃଷ୍ଣଙ୍କ ଶ୍ୱେତପୁଷ୍ପ ଅର୍ପଣ କରନ୍ତୁ।

**ମିଥୁନ** — ଧନଲାଭ ଯୋଗ ଅଛି। କ୍ରୋଧରେ ନିୟନ୍ତ୍ରଣ ରଖନ୍ତୁ। ନୂଆ ସୁଯୋଗ ମିଳିବ। ନୂଆ ଜିନିଷ କିଣିପାରନ୍ତି। କାର୍ଯ୍ୟକ୍ଷେତ୍ରରେ ବିବାଦ ହୋଇପାରେ। ପ୍ରତିକାର : ହନୁମାନ ଚାଳିଶା ପାଠ କରନ୍ତୁ।

**କର୍କଟ** — ଆୟରେ ବୃଦ୍ଧି ହେବ। ପରିବାରର ସହଯୋଗ ପାଇବେ। ସଞ୍ଚୟ ଖର୍ଚ୍ଚ ହେବ। ବାଣୀରେ ଲଗାମ ଦିଅନ୍ତୁ। କାର୍ଯ୍ୟକ୍ଷେତ୍ରରେ ସଂଯମ ରଖନ୍ତୁ। ପ୍ରତିକାର : ଭଗବାନଙ୍କୁ ବେଲପତ୍ର ଚଢ଼ାନ୍ତୁ।

**ସିଂହ** — ନୂତନ ବ୍ୟବସାୟରୁ ଲାଭ ମିଳିବ। କାର୍ଯ୍ୟକ୍ଷେତ୍ରରେ ବରିଷ୍ଠଙ୍କ ସହ ସଂବାଦ କଲା ବେଳେ ସତର୍କ ରହନ୍ତୁ। ଦାମ୍ପତ୍ୟ ଜୀବନରେ ତର୍କ ବିତର୍କରୁ ଦୂରେଇ ରହନ୍ତୁ। ପ୍ରତିକାର : ଭଗବାନ ବିଷ୍ଣୁଙ୍କ ଘିଅ ଦୀପ ଦାନ କରନ୍ତୁ।

**କନ୍ୟା** — ହାଡ ସମ୍ବନ୍ଧୀୟ ରୋଗର ଶିକାର ହୋଇପାରନ୍ତି। ଆୟରେ ବୃଦ୍ଧି ହେବ। ବନ୍ଦ ଥିବା କାର୍ଯ୍ୟ ପୂର୍ଣ୍ଣ ହୋଇପାରେ। ଧନ ଉଦ୍ଧାର ନିଅନ୍ତୁ ନାହିଁ। ପ୍ରେମୀମାନେ ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ। ପ୍ରତିକାର : ମା’ ଦୁର୍ଗାଙ୍କୁ ପୂଜାର୍ଚ୍ଚନା କରନ୍ତୁ।

**ତୁଳା** — ଧର୍ମ ଓ ପରୋପକାରୀ କାମ କରିପାରନ୍ତି। ପାରିବାରିକ ବିବାଦରେ ପଡି ପାରନ୍ତି। କାମନାର ପୂର୍ଣ୍ଣ ହେବା ସମ୍ଭାବନା ଅଛି। ସନ୍ତାନ ସମ୍ବନ୍ଧୀୟ ଶୁଭ ଖବର ପାଇବେ। ପ୍ରତିକାର : ନିର୍ଧନଙ୍କୁ ଖାଦ୍ୟ ସାମଗ୍ରୀ ଦାନ କରନ୍ତୁ।

**ବିଛା** — ଆଶାତୀତ ଅର୍ଥ ମିଳିବ। କାର୍ଯ୍ୟ କ୍ଷେତ୍ରରେ ନୂଆ ଦାୟିତ୍ୱ ମିଳିପାରେ। ଅଳସୁଆ ହୋଇପାରନ୍ତି। ଆୟ ଓ ବ୍ୟୟରେ ବୃଦ୍ଧି ହେବ। ଠିକ୍ ନିର୍ଣ୍ଣୟ ନିଅନ୍ତୁ। ପ୍ରତିକାର : ରୂପାପାତ୍ରରେ ଭଗବାନ ଶିବଙ୍କୁ ଜଳ ଚଢ଼ାନ୍ତୁ।

**ଧନୁ** — ଧନର ସଠିକ ଖର୍ଚ୍ଚ କରନ୍ତୁ। ବନ୍ଧୁମାନଙ୍କୁ ସହଯୋଗ ମିଳିବ। ଚାକିରି କ୍ଷେତ୍ରରେ ପରିବର୍ତ୍ତନ ହୋଇପାରେ। ଧନ ନେଣଦେଣ ପାଇଁ ସତର୍କ ରହନ୍ତୁ। ପ୍ରତିକାର : ସୂର୍ଯ୍ୟଦେବ ଜଳ ଅର୍ପଣ କରନ୍ତୁ।

**ମକର** — କାର୍ଯ୍ୟରେ ସଫଳତା ପାଇବେ। ଆୟ ଓ ବ୍ୟୟ ବଢ଼ିବ। ଅଳସୁଆ ହୁଅନ୍ତୁ ନାହିଁ। ଅଦରକାରୀ କାର୍ଯ୍ୟରେ ଯୋଗ ଦିଅନ୍ତୁ ନାହିଁ। ନିଜ ଉପରେ ବ୍ୟବସାୟ କରନ୍ତୁ। ପ୍ରତିକାର : ମା’ ଦୁର୍ଗାଙ୍କୁ ପୂଜାର୍ଚ୍ଚନା କରନ୍ତୁ।

**କୁମ୍ଭ** — ପରିବାରରେ ସହଯୋଗରୁ ସଫଳତା ମିଳିବ। ଯାତ୍ରା କରନ୍ତୁ ନାହିଁ। କାର୍ଯ୍ୟକ୍ଷେତ୍ରରେ ଏକାଗ୍ରତା ରଖନ୍ତୁ। ବ୍ୟବସାୟରେ ଗ୍ରାହକ ସଂଖ୍ୟା ବଢ଼ିପାରେ। ଗୁରୁଜନଙ୍କ ସହଯୋଗ ପାଇବେ। ପ୍ରତିକାର : ବୁଢ଼ା ସାଧୁଙ୍କୁ ସାହାଯ୍ୟ କରନ୍ତୁ।

**ମୀନ** — ସଫଳତା ପାଇ ନୂଆ ନୀତି କରନ୍ତୁ। ଶତ୍ରୁମାନେ ପ୍ରତିବନ୍ଧକ ହେବେ। ଆୟ ଓ ବ୍ୟୟରେ ସନ୍ତୁଳନ ରକ୍ଷା କରନ୍ତୁ। କାର୍ଯ୍ୟ କ୍ଷେତ୍ରରେ ସହଯୋଗ ପାଇବେ। ବ୍ୟବସାୟୀମାନେ ଲାଭପାଇବେ। ପ୍ରତିକାର : ଗଙ୍ଗାଜଳ ମିଶ୍ରିତ ଜଳରେ ଶିବଲିଙ୍ଗ ଅଭିଷେକ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ଚୀନର ନୂଆ ଚାଲ୍; ମହାକାଶରୁ ସମସ୍ତ ସାଟେଲାଇଟ୍ ଉପରେ ରଖିବ ନଜର

**ନୂଆଦିଲ୍ଲୀ :** ମହାକାଶରେ ଶତ୍ରୁ ଦେଶକୁ ଘେରିବାକୁ ଚୀନ୍ ନୂଆ ଷଡ଼ଯନ୍ତ୍ର। ଅତ୍ୟାଧୁନିକ ସ୍ପେସ୍ ସର୍ଭିଲାନ୍ସ ରାଡାର ସିଷ୍ଟମ୍ ତିଆରି କଲା ଡ୍ରାଗନ୍। ମହାକାଶରେ ସାଟେଲାଇଟ୍ ଖୋଜିବାରେ ସଫଳ ହେବ ଏସଏଲସି- ୧୮ ରାଡାର। ଏହାକୁ ଚୀନର ପ୍ରତିରକ୍ଷା ସାମଗ୍ରୀ ତଥା ଯୁଦ୍ଧାସ୍ତ୍ର ତିଆରି କରୁଥିବା କମ୍ପାନୀ ତିଆରି କରିଛି। ଏହି ରାଡାର ସିଷ୍ଟମ୍ ପାକିସ୍ତାନକୁ ସପ୍ଲାଏ କରିବା ନେଇ ସୂଚନା ମିଳିଛି। ବିଶ୍ୱରେ ନୂଆ ନୂଆ ଯୁଦ୍ଧ ନୀତି ଆପଣାଉଛନ୍ତି ବିଭିନ୍ନ ଦେଶ। ଯେଉଁ ଦେଶ ପାଖରେ ଯେତେ ଅତ୍ୟାଧୁନିକ ସାଟେଲାଇଟ୍, ପ୍ରତିରକ୍ଷା କ୍ଷେତ୍ରରେ ସେହି ଦେଶ ସେତେ ମଜବୁତ୍। ଭାରତ ନିଜ ଶତ୍ରୁ ଦେଶ ଉପରେ ନଜର ରହିବା ପାଇଁ ମହାକାଶରେ ବିଭିନ୍ନ ସାଟେଲାଇଟ୍ ସେଟ୍ କରିଛି। ଏହି ଧାରାରେ ଚୀନ୍ ଓ ପାକିସ୍ତାନ ମଧ୍ୟ କିଛି କମ୍ ନୁହେଁ। ଚୀନ୍ ନିଜର ଯୁଦ୍ଧ ଷ୍ଟ୍ରାଟେଜି ଶତ୍ରୁ ଦେଶଠାରୁ ଦୂରରେ ରଖିବାକୁ ନୂଆ ନୀତି ଆପଣାଇଛି। ଚୀନ୍ ତିଆରି କରିଛି ଅତ୍ୟାଧୁନିକ ରାଡାର ସିଷ୍ଟମ୍। ଏସଏଲସି- ୧୮ ରାଡାର ମହାକାଶରେ ଅନ୍ୟଦେଶର ସାଟେଲାଇଟ୍ ଖୋଜିବାରେ ସଫଳ ହେବ। ତେବେ ଏହି ରାଡାର ସିଷ୍ଟମ୍‌କୁ ଚୀନ୍ ପାକିସ୍ତାନକୁ ସପ୍ଲାଏ କରିବା ନେଇ ଜଣାପଡ଼ିଛି। ୟୁରୋ ଏସିଆନ୍ ନ୍ୟୁଜ୍ ଏଜେନ୍ସିର ରିପୋର୍ଟ ଅନୁଯାୟୀ, ଏସଏଲସି- ୧୮ ରାଡାର ସିଷ୍ଟମ୍‌କୁ



ଚୀନ୍ ଅନ୍ତରାଷ୍ଟ୍ରୀୟ ବିମାନ ଏବଂ ଏୟାରସ୍ପେସ୍ ପ୍ରଦର୍ଶନୀରେ ସାର୍ବଜନୀନ କରିବାକୁ ରଖିଛି। ୧୦ ମିଟର ଲମ୍ବର ଏସଏଲସି- ୧୮ ରାଡାର ବହୁତ ପ୍ରଭାବଶାଳୀ। ଏହି ରାଡାର କୌଣସି ପ୍ରକାରର ଲୋ ଆର୍ଥ ଅର୍ବିଟ୍ ସାଲେଟାଇଟର ସନ୍ଧାନ କରିପାରିବ। ପୃଥିବୀ ପୃଷ୍ଠରୁ ୨୦୦ କିଲୋମିଟରରୁ ୨ହଜାର କିଲୋମିଟର ମଧ୍ୟରେ ସାଲେଟାଇଟ୍ ଉପରେ ନଜର ରଖିପାରିବ। ଏହି ରାଡାର ବହୁତ ଶସ୍ତା ହୋଇଥିବାରୁ ପାକିସ୍ତାନକୁ ସପ୍ଲାଏ କରିବା ନେଇ କୁହାଯାଉଛି। ଏହାକୁ ଚୀନ୍ର ସରକାରୀ କମ୍ପାନୀ ଇଲେକ୍ଟ୍ରୋନିକ୍ସ ଟେକ୍ନୋଲୋଜି ଗ୍ରୁପ କର୍ପୋରାସନ ତିଆରି କରିଛି। ଏହି କମ୍ପାନୀ ପୂର୍ବରୁ ଚୀନ୍ ସେନା ପାଇଁ ବହୁ ମିସାଇଲ, ରାଡାର ଓ ଡିଭାଇସ୍ ମଧ୍ୟ ତିଆରି କରିଛି। ପାକିସ୍ତାନକୁ ଚୀନ୍ ଏସଏଲସି- ୧୮ ରାଡାର ସିଷ୍ଟମ ସପ୍ଲାଏ କରିବା ପରେ ପାକିସ୍ତାନ ଇସଲାମବାଦରୁ ବସି ଭାରତ ସମସ୍ତ ସାଟେଲାଇଟ୍ ଉପରେ ନଜର ରଖିପାରିବ। ସାଟେଲାଇଟ୍ ମାନଙ୍କ ଉପସ୍ଥିତିର ଓ ଡାଟାବେସ୍ ସଂଗ୍ରହ କରି ପଠାଇବାରେ ସକ୍ଷମ ଏହି ରାଡାର। ପାକିସ୍ତାନ ନିଜର ଅଧିକାଂଶ ଅସ୍ତ୍ରଶସ୍ତ୍ର ଚୀନ ଠାରୁ ଆମଦାନୀ କରୁଛି। ଚୀନ ପାକିସ୍ତାନକୁ ଯୁଦ୍ଧ ବିମାନ, ସବ୍ ମେରାଇ ଓ ବିଭିନ୍ନ ପ୍ରକାର ମିସାଇଲ ମଧ୍ୟ ସପ୍ଲାଏ କରିଛି। ଗତ ପାଞ୍ଚ ବର୍ଷ ଭିତରେ ପାକିସ୍ତାନ ୭୨ ପ୍ରତିଶତ ଯୁଦ୍ଧାସ୍ତ୍ର ଚୀନ ଠାରୁ ଆମଦାନୀ କରିଛି। ଚୀନ୍ ପାକିସ୍ତାନକୁ ଏହି ରାଡାର ସିଷ୍ଟମକୁ ସପ୍ଲାଏ କରିବା ନେଇ ଭାରତର ଚିନ୍ତା ବଢିଛି।

## ନ୍ୟୁୟର୍କ କିମ୍ବା ଦୁବାଇରେ ଆଦାନି ଖୋଲିବେ ଫ୍ୟାମିଲି ଅଫିସ



*ନୂଆଦିଲ୍ଲୀ : ଏସିଆର ଶୀର୍ଷ ଧନୀ ବ୍ୟକ୍ତି ତଥା ଆଦାନି ଗ୍ରୁପ ମୁଖ୍ୟ ଗୌତମ ଆଦାନି ନ୍ୟୁୟର୍କ କିମ୍ବା ଦୁବାଇରେ ଫ୍ୟାମିଲି ଅଫିସ ଖୋଲିବା ନେଇ ଯୋଜନା ରଖିଛନ୍ତି। ବ୍ଲୁମବର୍ଗ ରିପୋର୍ଟରୁ ଏହା ଜଣାଯାଇଛି।ପୂର୍ବରୁ ଭାରତର ଅନ୍ୟତମ ଶୀର୍ଷ ଧନୀବ୍ୟକ୍ତି ତଥା ରିଲାଏନ୍ସ ମୁଖ୍ୟ ମୁକେଶ ଅମ୍ବାନି ସିଙ୍ଗାପୁରରେ ଫ୍ୟାମିଲି ଅଫିସ ଖୋଲିବା ନେଇ ଘୋଷଣା କରିସାରିଛନ୍ତି। ଭାରତୀୟ ଉଦ୍ୟୋଗୀମାନେ ବିଦେଶରେ ଫ୍ୟାମିଲି ଅଫିସ ଖୋଲିବା ଦ୍ୱାରା ସେମାନଙ୍କ ବ୍ୟବସାୟ ସଂପ୍ରସାରଣ ଅଭିଳାଷ ଚରିତାର୍ଥ ହେବ ବୋଲି ଆଶା କରାଯାଉଛି।*

### ସୁପ୍ରିମକୋର୍ଟରେ ବଦଳିଲା ବମ୍ବେ ହାଇକୋର୍ଟଙ୍କ ରାୟ

## ବୁଲା କୁକୁରଙ୍କୁ ଖାଇବାକୁ ଦେଇ ପାରିବେ ଲୋକେ

**ନୂଆଦିଲ୍ଲୀ :** ନାଗପୁରରେ ବୁଲା କୁକୁରଙ୍କୁ ସାର୍ବଜନିକ ଭାବେ ଖାଇବାକୁ ଦେବା ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଛି। ଏ ନେଇ ବମ୍ବେ ହାଇକୋର୍ଟଙ୍କ ରାୟ ଉପରେ ସୁପ୍ରିମକୋର୍ଟ ରୋକ ଲଗାଇଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ଆଦେଶ ପରେ ଏବେ ବୁଲା କୁକୁରଙ୍କୁ ଖାଇବାକୁ ଦେବାରେ ଲୋକଙ୍କ କୌଣସି ଅସୁବିଧା ନାହିଁ। ସେହିପରି ଯଦି କେହି ସାର୍ବଜନିକ ସ୍ଥଳରେ ବୁଲା କୁକୁରଙ୍କୁ ଖାଇବାକୁ ଦେଉଛନ୍ତି ତାଙ୍କ ବିରୋଧରେ କୌଣସି କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ହେବନି ବୋଲି ମଧ୍ୟ ସୁପ୍ରିମକୋର୍ଟଙ୍କ ଆଦେଶ ସ୍ପଷ୍ଟ କରିଦେଇଛି। ଶୁଣାଣି କାଳରେ ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ସେହି ଟିପ୍ପଣୀ ଉପରେ ମଧ୍ୟ ରୋକ ଲଗାଇଛନ୍ତି ଯେଉଁଥିରେ ବୁଲା କୁକୁରଙ୍କୁ ଖାଇବାକୁ ଦେଉଥିବା ଲୋକେ ସେମାନଙ୍କୁ ନିଜ ଘରକୁ ନେଇଯାଆନ୍ତୁ ଓ ଭାକ୍ସିନ ବି ଲଗାନ୍ତୁ ବୋଲି କହିଥିଲେ। ସେହିପରି ନ୍ୟାୟାଳୟ ନାଗପୁର ନଗରନିଗମଙ୍କୁ



ଜନତାଙ୍କ ଲାଗି ନିର୍ଦ୍ଧାରିତ ଉପଯୁକ୍ତ ସ୍ଥାନରେ ବୁଲା କୁକୁରଙ୍କୁ ଖାଇବାକୁ ଦେବା ଲାଗି ଆବଶ୍ୟକ ପଦକ୍ଷେପ ନେବାକୁ ମଧ୍ୟ କହିଛନ୍ତି। ଶୁଣାଣି କାଳରେ ସୁପ୍ରିମକୋର୍ଟ ସବୁ ଜାଗାର ସମସ୍ୟା ଅଲଗା ଅଲଗା ବୋଲି କହିଛନ୍ତି। ତେବେ ବୁଲା କୁକୁରଙ୍କ ସମସ୍ୟା ସବୁଠାରେ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ କୁକୁରଙ୍କ ସମସ୍ୟାରେ ପୀଡିତ ନୋଏଡା ଅଥରିଟି ମଧ୍ୟ କଡା ନିୟମ କରିଛନ୍ତି। ଏଠାରେ ସମସ୍ୟା ବୁଲା କୁକୁର ନୁହନ୍ତି ସୋସାଇଟିମାନଙ୍କରେ ରହୁଥିବା ପୋଷାକୁକୁର ବୋଲି କୁହାଯାଇଛି। ଏହାକୁ ନେଇ ନୋଏଡା ଅଥରିଟି ନିୟମ କରିଛନ୍ତି। ଯଦି କାହାର ପୋଷା କୁକୁର କାହା ଉପରେ ଆକ୍ରମଣ କରେ ତେବେ ମାଲିକକୁ ୧୦ ହଜାର ଟଙ୍କା ଜରିମନା ଦେବାକୁ ହେବ। ଏହା ଛଡା ଆହତ ବ୍ୟକ୍ତିଙ୍କ ଚିକିତ୍ସା ଦାୟିତ୍ୱ ମଧ୍ୟ ନେବାକୁ ହେବ। ଏହା ଛଡା ନୋଏଡା ପ୍ରାଧିକରଣ ପୋଷା କୁକୁର ଓ ବିଲେଇମାନଙ୍କର ପଞ୍ଜିକରଣ ମଧ୍ୟ ଅନିବାର୍ଯ୍ୟ କରିଛନ୍ତି। ଯଦି କେହି ପଞ୍ଜିକରଣ କରୁ ନାହାନ୍ତି ତେବେ ତାଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ମଧ୍ୟ ଘୋଷଣା କରିଛନ୍ତି। ଏଥିରେ କୁକୁର ଓ ବିଲେଇ ସଉକିନ ଲୋକଙ୍କୁ ଜରିମନା କରାଯିବ ବୋଲି ପ୍ରାଧିକରଣ କହିଛନ୍ତି। ସେହିପରି କେବଳ କୁକୁର ବିଲେଇ ପୋଷି ଦେଲେ ହେବନି ସେମାନଙ୍କର ନିୟମିତ ଭାକ୍ସିନେସନ ଉପରେ ମଧ୍ୟ ମାଲିକ ଧ୍ୟାନ ଦେବେ ନଚେତ ମାଲିକଙ୍କୁ ଜରିମନା କରାଯିବ।

### ବିପଦରେ ମଣିଷର ଅସ୍ତିତ୍ୱ

## ଦ୍ରୁତ ଗତିରେ କମୁଛି ସ୍ପର୍ମ କାଉଣ୍ଟ

**ନୂଆଦିଲ୍ଲୀ:** ଦୁନିଆର ଅନେକ ଦେଶରେ ଲୋକଙ୍କ ସ୍ପର୍ମ କାଉଣ୍ଟ କମ ହେଉଛି। ଅଧ୍ୟୟନକାରୀଙ୍କ ଏକ ଅନ୍ତରାଷ୍ଟ୍ରୀୟ ଟିମ ଏହି ଦାବି କରିଛି। ଶୁକ୍ରାଣୁଙ୍କ ସଂଖ୍ୟା କମିବା କେବଳ ପ୍ରଜନନ କ୍ଷମତା ଉପରେ ନୁହେଁ ବରଂ ଶରୀର ଉପରେ ମଧ୍ୟ ଖରାପ ପ୍ରଭାବ ପକାଇଥାଏ। ଏହାଦ୍ୱାରା ବିଭିନ୍ନ ପ୍ରକାର ରୋଗର ବିପଦ, ଟେଷ୍ଟିକ୍ୟୁଲର କ୍ୟାନ୍ସରର ସମ୍ଭାବନା ବଢିଥାଏ। ଅଧ୍ୟୟନକାରୀଙ୍କ କହିବା ଅନୁସାରେ, ସ୍ପର୍ମ କାଉଣ୍ଟ କମ ହେବା ଫଳରେ ଆୟୁଷ ମଧ୍ୟ କମ ହୋଇଥାଏ। ହ୍ୟୁମନ ରିପ୍ରୋଡକ୍ସନ ଅପେଡଟ୍ ଜର୍ନାଲରେ ଏହି ଅଧ୍ୟୟନ ପ୍ରକାଶ ପାଇଛି। ଏଥିରେ ୫୩ଟି ଦେଶର ଡାଟାକୁ ନେଇ ରିପୋର୍ଟ ପ୍ରକାଶ କରାଯାଇଛି। ଅଧ୍ୟୟନ ପାଇଁ ସାତ ବର୍ଷ ସମୟ ଲାଗିଥିଲା। ଏଥିରେ ଦକ୍ଷିଣ ଆମେରିକା, ଏସିଆ ଏବଂ ଆଫ୍ରିକୀୟ ଦେଶ ସାମିଲ ଥିଲେ। ଏଠାରେ ପୂର୍ବରୁ କେବେ ବି ସ୍ପର୍ମ କାଉଣ୍ଟକୁ ନେଇ ଅଧ୍ୟୟନ କରାଯାଇ ନଥିଲା। ଅଧ୍ୟୟନରେ କୁହାଯାଇଛି ଯେ ପ୍ରଥମ ଥର ପାଇଁ ଏହି କ୍ଷେତ୍ରରେ ମଧ୍ୟ ଲୋକଙ୍କ ମଧ୍ୟରେ ଟୋଟଲ ସ୍ପର୍ମ କାଉଣ୍ଟ ଏବଂ ସ୍ପର୍ମ କନ୍ସେଟ୍ରେସନରେ ହ୍ରାସ ଦେଖିବାକୁ ମିଳିଛି। ଏହା ପୂର୍ବରୁ ଉତ୍ତର ଆମେରିକା, ୟୁରୋପ ଏବଂ ଅଷ୍ଟ୍ରେଲିଆରେ ଏହା ଦେଖାଯାଇଥିଲା। ଅଧ୍ୟୟନରୁ ଜଣାପଡିଛି ଯେ, ୨୦୦୦ ମସିହା ପରଠାରୁ ସାରା ଦୁନିଆରେ ଏହି ଘଟଣା ଦେଖିବାକୁ



ମିଳିଛି। ହେବ୍ରୁ ୟୁନିଭର୍ସିଟିର ପ୍ରଫେସର ହେଗାଇ ଲେଭିନ କହିଛନ୍ତି, ଭାରତରୁ ଅଧିକ ଡାଟା ମିଳିଛି। ଭାରତରେ ମଧ୍ୟ ସ୍ପର୍ମ କାଉଣ୍ଟ କମିଥିବା ଏହି ଡାଟାରୁ ଜଣାପଡିଛି। ତେବେ ଏହା ପୂରା ଦୁନିଆର ସ୍ଥିତ ପରି ଅଛି। ସେ କହିଛନ୍ତି, ଗତ ୪୬ ବର୍ଷରେ ସାରା ଦୁନିଆର ସ୍ପର୍ମ କାଉଣ୍ଟରେ ୫୦ ପ୍ରତିଶତ କମ ଦେଖିବାକୁ ମିଳିଛି। ତେବେ ନିକଟ ଅତୀତର ବର୍ଷ ଗୁଡିକରେ ଦ୍ରୁତ ଗତିରେ ଏହା କମିବାରେ ଲାଗିଛି। ଲେଭିନ କହିଛନ୍ତି, ଏହା ସଂକେତ ଦେଉଛି ଯେ ଆସନ୍ତା ସମୟରେ ପ୍ରଜନନ ପ୍ରଭାବିତ ହେବ। ବର୍ତ୍ତମାନର ଜୀବନଶୈଳୀ, ପରିବେଶରେ କେମିକାଲ ଶୁକ୍ରାଣୁ ଉପରେ ଖରାପ ପ୍ରଭାବ ପକାଉଛି। ଯଦି ଠିକ୍ ସମୟରେ ଏହାର ମୁକାବିଲା କରାନଯାଏ ତେବେ ମଣିଷର ଅସ୍ତିତ୍ୱ ବିପଦରେ ପଡିବ। ବୈଜ୍ଞାନିକଙ୍କ କହିବା ଅନୁସାରେ, ଭାରତରେ ଅଲଗା ଅଧ୍ୟୟନ କରାଯିବା କାରଣ ଏଠାରେ ଜନସଂଖ୍ୟା କମ ହେଉ ନାହିଁ।

### ଜଳବାୟୁ ପରିବର୍ତ୍ତନର ପାର୍ଶ୍ୱ ପ୍ରତିକ୍ରିୟା

# ଉତ୍ତପ୍ତ ହେବାରେ ଲାଗିଛି ପୃଥିବୀ

**ଇଜିପ୍ଟ :** ଦୁନିଆର ତାପମାତ୍ର ବୃଦ୍ଧିକୁ ୧.୫ ଡିଗ୍ରୀ ସୀମା ଭିତରେ କିପରି ରାଖିଯିବ? ଇଜିପ୍ଟର ଶର୍ମ ଉଲ ଶେଖରେ ଚାଲିଥିବା ମିଳିତ ଜାତିସଂଘ ଜଳବାୟୁ ସମ୍ମିଳନୀରେ ସାରା ଦୁନିଆର ନୀତି ନିର୍ମାତା, ବୈଜ୍ଞାନିକ ଏବଂ ପରିବେଶବିଦ୍ ଏହା ଉପରେ ମନ୍ଥନ କରୁଛନ୍ତି। ମଣିଷଙ୍କ ଜୀବନରେ ମେସିନର ପ୍ରବେଶ ପରଠୁ ଜଳବାୟୁ ପରିବର୍ତ୍ତନର ସଂକଟ ଆରମ୍ଭ ହୋଇଛି। ୧୮୫୦ ମସିହା ପରଠୁ ଏହାର ଆରମ୍ଭ। ପ୍ରଥମେ ମେସିନ ଗୁଡିକ କୋଇଲା କିମ୍ବା ବିଜୁଳିରୁ ପରିଚାଳିତ ହେଉଥିଲା। ଏହା ପରେ ପ୍ରାକୃତିକ ଗ୍ୟାସ ଏବଂ ଅଶୋଧିତ ତେଲ ମଧ୍ୟ ଉଦ୍ୟୋଗ ଗୁଡିକ ଆଧାର ହେଲେ। ଏ ସବୁ ମାଟି ତଳୁ ବାହାରେ, ଏଥିପାଇଁ ଏହାକୁ ଜୀବାସ୍ମ ଇନ୍ଧନ କହୁଯାଏ, କିନ୍ତୁ ଏହି ଇନ୍ଧନ ଜଳିବା ଯୋଗୁଁ ପ୍ରଚୁର ମାତ୍ରାରେ ଅଙ୍ଗାରକାମ୍ଳ ନିର୍ଗମନ




ହୋଇଥାଏ। ଏଥିପାଇଁ ଆମ ପୃଥିବୀ ଲାଗାତର ଗରମ ହେବାରେ ଲାଗିଛି। ଜଳବାୟୁ ବୈଜ୍ଞାନିକଙ୍କ କହିବା ଅନୁସାରେ, ଯଦି ୧୮୫୦ ମସିହାକୁ ଆଧାର କରାଯାଏ ତେବେ ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ପୃଥିବୀର ତାପମାତ୍ରା ବୃଦ୍ଧି ୧.୫ ଡିଗ୍ରୀରୁ ଅଧିକ ହେବ ନାହିଁ। ଏହି କାରଣରୁ ୧.୫ ଡିଗ୍ରୀ ସେଲସିୟସକୁ ନେଇ ବଡ ମନ୍ଥନ ଚାଲିଛି। ଏହି ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରୀ ଭିତରେ ହିଁ ରଖିବା ପାଇଁ ସମସ୍ତେ ଜୋର ଦେଉଛନ୍ତି। ଶର୍ମ ଅଲ ଶେଖ ଜଳବାୟୁ ସମ୍ମିଳନୀରେ ଯୋଗ ଦେବା ପାଇଁ ନୂଆ ଦିଲ୍ଲୀରୁ ପହଞ୍ଚିଥିବା ବିଶେଷଜ୍ଞ ଏମ.ରମେଶ ବାବୁ କହିଛନ୍ତି, ୧.୫ ଡିଗ୍ରୀ ଅସମ୍ଭବ ପରି ଲାଗୁଛି, କିନ୍ତୁ ପୂରା ଅସମ୍ଭବ ନୁହେଁ। ଏହା ସମ୍ଭବ ହୋଇପାରିବ, ଯଦି ଏଥିପାଇଁ ଟଙ୍କାର ଅଭାବ ନ ରୁହେ, ସେଚତନତା, ଅଙ୍ଗାରକାମ୍ଳ କମ କରିବା ପାଇଁ ଆବଶ୍ୟକୀୟ ଟେକ୍ନୋଲଜି ଉପଲବ୍ଧ ରୁହେ। ଭାରତରେ ଚଳିତ ବର୍ଷର ଗରମ, ୟୁରୋପରେ ୫୦୦ ବର୍ଷର ସବୁଠୁ ବଡ଼ ଜଳସଂକଟ ଏବଂ ପାକିସ୍ତାନରେ ହୋଇଥିବା ବିନାଶକାରୀ ବନ୍ୟା, ଏହି ସବୁ ଜଳବାୟୁ ପରିବର୍ତ୍ତନର ପରିମାଣ। ଦ୍ରୁତ ଗତିରେ ତରଳୁଥିବା ଗ୍ଲାସିୟର ସମୁଦ୍ରର ଜଳସ୍ତରକୁ ବଢାଇଛି। ଦୁନିଆର ଅନେକ ଅଞ୍ଚଳ ଧିରେଧିରେ ସମୁଦ୍ର ଗର୍ଭରେ ଲୀନ ହେବାରେ ଲାଗିଛି। ପୃଥିବୀର ତାପମାତ୍ରାରେ ୧.୨ ଡିଗ୍ରୀ ବୃଦ୍ଧିରୁ ଏହି ସ୍ଥିତି ଘଟିଛି। ଏହାର ଅର୍ଥ ସ୍ପଷ୍ଟ ଯେ, ଯଦି ଦୁନିଆ କୌଣସି ପଦକ୍ଷେପ ନ ନିଏ ତେବେ ସ୍ଥିତି ଆହୁରୀ ସଙ୍ଗୀନ ହେବ। ଶର୍ମ ଅଲ ଶେଖ ଜଳବାୟୁ ପରିବର୍ତ୍ତନରେ ସାମିଲ ହେବା ପାଇଁ ଦୁନିଆର କୋଣ ଅନୁକୋଣରୁ ଲୋକେ ସାମିଲ ହୋଇଛନ୍ତି। ସମସ୍ତେ ନିଜ ଅଞ୍ଚଳରେ ଜଳବାୟୁ ପରିବର୍ତ୍ତନର ମାଡ ମଧ୍ୟ ସହୁଛନ୍ତି। ଆଇପିସିସିର ଅନୁମାନ ଅନୁସାରେ, ଯଦି ଦୁନିଆର ତାପମାତ୍ରା ବୃଦ୍ଧି ୧.୭ ଡିଗ୍ରୀରୁ ୧.୮ ଯାଏଁ ହୋଇଯାଏ ତେବେ ଦୁନିଆର ଅଧା ଜନସଂଖ୍ୟା ମହାବିନାଶର ସାମନା କରିବେ। ଏହା ସ୍ପଷ୍ଟ ଯେ, ମଣିଷର ଗତିବିଧି ଯୋଗୁଁ ଜଳବାୟୁରେ ଘଟୁଥିବା ପରିବର୍ତ୍ତନ ପ୍ରାକୃତିକ ବିପର୍ଯ୍ୟୟ ରୂପ ନେଇ ମଣିଷଙ୍କ ଉପରେ ହିଁ ଭାରି ପଡୁଛି। ତେଣୁ ଅନ୍ୟ ବିକଳ୍ପକୁ ଆପଣାଇବାକୁ ପଡିବ ଯେଉଁଥିରେ ଉର୍ଜା ସଂକଟ ଦୂର ହେବା ସହ ପରିବେଶକୁ କ୍ଷତି ପହଞ୍ଚୁ ନଥିବ।

## କମୁଛି ଜମାରାଶି, ବଢୁଛି ଋଣ

**ନୂଆଦିଲ୍ଲୀ :** ବ୍ୟାଙ୍କରେ କମୁଛି ସେଭିଂ। ବଢୁଛି ଋଣ ଦେବା ହାର। ଗ୍ରାହକ ନିଜ ଆକାଉଣ୍ଟରେ ଆଉ ପୂର୍ବପରି ସେଭିଂ କରୁନାହାନ୍ତି। ବରଂ ଲୋନ ପାଇଁ ବ୍ୟାଙ୍କରେ ଲମ୍ବା ଲାଇନ ଲଗାଉଛନ୍ତି। ଘରୋଇ ବ୍ୟାଙ୍କରେ ସ୍ଲୋ ଡିପୋଜିଟ୍ ଗ୍ରୋଥ ହେଉଥିବାରୁ ଚିନ୍ତା ପ୍ରକଟ କରିଛି ଆରବିଆଇ। ଏହାକୁ ନେଇ ଆଜି ଘରୋଇ ବ୍ୟାଙ୍କର ସିଇଓଙ୍କ ସହ ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାଶ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିବେ। ଆରବିଆଇର ରେକର୍ଡ ଅନୁସାରେ ବ୍ୟାଙ୍କରେ ସଞ୍ଚୟ ରାଶି ବାର୍ଷିକ ୧୦.୨ ପ୍ରତିଶତ ଆଧାର ଅଭିବୃଦ୍ଧି ତୁଳନାରେ ଚଳିତ ବର୍ଷ ୯.୬ ପ୍ରତିଶତ ରହିଛି। ଏପଟେ ଋଣ ନେବା ପାଇଁ ଲୋକଙ୍କ ଆଗ୍ରହ ବଢୁଛି। ପ୍ରତିବର୍ଷ ୬.୫ ପ୍ରତିଶତ ଆଧାର ତୁଳନାରେ ଏବେ ଋଣନେବା ହାର ୧୭.୯ ପ୍ରତିଶତ ବଢିଛି। ଆଜି ହେବାକୁ ଥିବା ବୈଠକରେ ସଞ୍ଚୟ ହାରକୁ ସ୍ଥିର ରଖିବା ପାଇଁ ଆଲୋଚନା ହେବ। ଏଥିସହ ଏମଏସଏମଇ କ୍ଷେତ୍ରରେ ଅଭିବୃଦ୍ଧି ନେଇ ବିଚାରବିମର୍ଷ ହେବ। ଏତଦବ୍ୟତିତ ଡିଜିଟାଲ ବ୍ୟାଙ୍କିଙ୍ଗର ସଫଳତା ନେଇ ଆଲୋଚନା ହେବ। ଦେଶରେ ଆର୍ଥିକ ସ୍ଥିତିକୁ ମଜଭୁତ କରିବାକୁ ହେଲେ ବ୍ୟାଙ୍କିଙ୍ଗ ପ୍ରଣାଳୀକୁ କିପରି ମଜଭୁତ କରିହେବ ସେନେଇ ଆଲୋଚନା କରାଯିବ।

# ଦେଶର ଅଦାଲତ ଗୁଡିକରେ ପଡି ରହିଛି ଲକ୍ଷାଧିକ ମାମଲା

**ନୂଆଦିଲ୍ଲୀ :** ଦେଶର ଅଦାଲତଗୁଡିକରେ ଲକ୍ଷାଧିକ ସଂଖ୍ୟାରେ ମାମଲା ପଡି ରହିଛି। ସାଧାରଣ ଜନତାଙ୍କ କଥା ଛାଡନ୍ତୁ କୋର୍ଟରେ ବିଧାୟକ ଏବଂ ସାଂସଦଙ୍କ ସଂପର୍କିତ ଶହ ଶହ କେସ୍ ବିଚାରଧୀନ ରହିଛି। ପାଞ୍ଚ ବର୍ଷରୁ ଅଧିକ ସମୟ ହେବ ସାଂସଦ/ବିଧାୟକଙ୍କ ସଂପର୍କିତ ୯୬୨ ମାମଲା କୋର୍ଟରେ ବିଚାରଧୀନ ରହିଛି। ଆଉ ବିଡମ୍ବନାର କଥା ଏହି ମାମଲାରେ ଓଡିଶା ଶୀର୍ଷରେ ରହିଛି। ଅର୍ଥାତ ଆମ ରାଜ୍ୟରେ ବିଧାୟକ ଏବଂ ସାଂସଦଙ୍କ ନାଁରେ ସର୍ବାଧିକ କେସ୍ ପାଞ୍ଚ ବର୍ଷରୁ ଅଧିକ ସମୟ ଧରି ବିଚାରଧୀନ ରହିଛି। ଦଣ୍ଡ ପାଇଥିବା ରାଜନେତାଙ୍କ ଉପରେ ଆଜୀବନ କଟକଣା ଲଗାଇବା ଦାବିରେ ଆଗତ ଏକ ଜନସ୍ୱାର୍ଥ ମାମଲାରେ ଆମିକସ କ୍ୟୁରି, ବରିଷ୍ଠ ଆଡଭୋକେଟ୍ ବିଜୟ ହଂସାରିଆ ନିଜର ସଦ୍ୟତମ ସତ୍ୟପାଠରେ ଉପରୋକ୍ତ ସୂଚନା ଦେଇଛନ୍ତି। ୧୬ଟି ଉଚ୍ଚ ନ୍ୟାୟାଳୟରୁ ମିଳିଥିବା ସୂଚନା ଆଧାରରେ ସେ ଏହା କହିଛନ୍ତି। ସତ୍ୟପାଠ ଅନୁଯାୟୀ, ଉତ୍ତର ପ୍ରଦେଶ, ରାଜସ୍ଥାନ, ବିହାର, ତେଲେଙ୍ଗାନା ପରି ବଡ ରାଜ୍ୟର ହାଇକୋର୍ଟ ଏ ପର୍ଯ୍ୟନ୍ତ ନିଜର ସତ୍ୟପାଠ ଦାଖଲ କରି ନାହାନ୍ତି। ଛତିଶଗଡ, ହିମାଚଳ ପ୍ରଦେଶ, ମେଘାଳୟ, ସିକ୍କିମ, କେନ୍ଦ୍ର ଶାସିତ ଅଞ୍ଚଳ ଜାମ୍ମୁ-କାଶ୍ମୀର ଏବଂ ଲଦାଖର ଉଚ୍ଚ ନ୍ୟାୟାଳୟ ବି ଏହି ସମ୍ବନ୍ଧରେ ସତ୍ୟପାଠ ଦାଖଲ କରି ନାହାନ୍ତି। ୨୦୨୨ ଅକ୍ଟୋବର ୧୦ ଗତ ଶୁଣାଣିରେ ଉଚ୍ଚତମ ନ୍ୟାୟାଳୟ ସମସ୍ତ ଉଚ୍ଚ ନ୍ୟାୟାଳୟଙ୍କୁ ପାଞ୍ଚ ବର୍ଷରୁ ଅଧିକ ଅବଧି ଧରି ପଡି ରହିଥିବା



ସାଂସଦ/ବିଧାୟକଙ୍କ ମାମଲା ସଂପର୍କରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାମଲା ଉପରେ କଣ କଣ ପଦକ୍ଷେପ ନିଆଯାଇଛି ଏବଂ ଶୁଣାଣି କେତେ ଦୂର ଯାଇଛି ତାର ସୂଚନା ଦେବାକୁ ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ। ସତ୍ୟପାଠ ଦାଖଲ ପାଇଁ ଉଚ୍ଚ ନ୍ୟାୟାଳୟଗୁଡିକୁ ଚାରି ସପ୍ତାହର ସମୟ ଦିଆଯାଇଥିଲା। ଏହି ଜନସ୍ୱାର୍ଥ ମାମଲା ଆଡଭୋକେଟ୍ ଅଶ୍ୱିନୀ ଉପାଧ୍ୟାୟଙ୍କ ଦ୍ୱାରା ଦାୟର କରାଯାଇଥିଲା। ଏଥିରେ ସାଂସଦ/ବିଧାୟକଙ୍କ ବିରୋଧରେ ପଡି ରହିଥିବା ମାମଲାର ଶୀଘ୍ର ଶୁଣାଣି କରିବାକୁ ଦାବି କରାଯାଇଥିଲା। ଯାଚିକାରେ ଜନପ୍ରତିନିଧି ଅଧିନିୟମର ଧାରା ୮ କୁ ଚ୍ୟାଲେଞ୍ଜ କରାଯାଇଛି। କାରଣ ଏହି ଧାରାରେ ରାଜନେତାଙ୍କୁ ନିର୍ଦ୍ଦିଷ୍ଟ ଅପରାଧରେ ସଜା ମିଳିବା ପରେ ବି କେବଳ କିଛି ବର୍ଷ ସେମାନଙ୍କ ନିର୍ବାଚନ ଉପରେ ରୋକ୍ ଲଗାଯାଉଛି। ସମୟ ସମୟରେ ନ୍ୟାୟାଳୟ ବର୍ତ୍ତମାନ ଏବଂ ପୂର୍ବତନ ସାଂସଦ/ବିଧାୟକଙ୍କ ବିରୋଧରେ ମାମଲାର ଶୁଣାଣି ପାଇଁ ସ୍ୱତନ୍ତ୍ର ଅଦାଲତ ଗଠନ ପାଇଁ ଆଦେଶ ପାରିତ କରାଯାଇଛି। ଉଚ୍ଚତମ ନ୍ୟାୟାଳୟ ମଧ୍ୟ ଅପରାଧିକ ମାମଲାର ଶୀଘ୍ର ଶୁଣାଣି ପାଇଁ ତତ୍ପର ଦେଖାଇଥିଲେ। ସତ୍ୟପାଠ ଅନୁଯାୟୀ, ଦେଶରେ ଓଡିଶା ବିଧାୟକ/ସାଂସଦଙ୍କ ସଂପର୍କିତ ସର୍ବାଧିକ ୩୨୩ କେସ୍ ପାଞ୍ଚ ବର୍ଷରୁ ଅଧିକ ସମୟ ଧରି ପଡି ରହିଛି। ଓଡିଶା ପରେ ୧୬୯ ମାମଲା ସହ ଦ୍ୱିତୀୟରେ ରହିଛି ମହାରାଷ୍ଟ୍ର। ବାକି ରାଜ୍ୟଗୁଡିକରେ ସାଂସଦ/ବିଧାୟକଙ୍କ ବିରୋଧରେ ୫ ବର୍ଷରୁ ଅଧିକ ସମୟ ଧରି ବିଚାରଧୀନ ମାମଲା ସଂଖ୍ୟା ଦୁଇ କିମ୍ବା ଏକ ଅଙ୍କରେ ସୀମିତ ରହିଛି। ନାଗାଲାଣ୍ଡ, ମିଜୋରାମ, ତ୍ରିପୁରା, ଆଣ୍ଡାମାନ ଏବଂ ନିକୋବର, ଦାଦର ଏବଂ ନଗର ହାବେଳୀରେ ସାଂସଦ/ବିଧାୟକଙ୍କ ସଂପର୍କିତ ଗୋଟିଏ ବି ଅପରାଧିକ ମାମଲା ପାଞ୍ଚ ବର୍ଷ ଧରି ପଡି ରହିନି। ଚଣ୍ଡିଗଡ, ଅରୁଣାଚଳ ପ୍ରଦେଶ ଏବଂ ମଣିପୁରରେ ମାତ୍ର ଗୋଟିଏ ଲେଖାଏଁ ମାମଲା ପାଞ୍ଚ ବର୍ଷରୁ ଅଧିକ ସମୟ ଧରି ବିଚାରଧୀନ ରହିଛି।

### 'ମୋ ସ୍କୁଲ୍ ଅଭିଯାନ'ର ନୂଆ ରେକର୍ଡ

# ୫ ବର୍ଷରେ ୫୦ ହଜାର ସ୍କୁଲ୍ ଯୋଜନାରେ ସାମିଲ୍

**ଭୁବନେଶ୍ୱର :** ପୁରାତନ ଛାତ୍ରଛାତ୍ରୀ ସେମାନଙ୍କ ଶିକ୍ଷାନୁଷ୍ଠାନ ବିକାଶର କର୍ଣ୍ଣଧାର ସାଜିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ୨୦୧୭ ମସିହା ନଭେମ୍ବର ୧୪ ତାରିଖ ଶିଶୁ ଦିବସରେ ଆରମ୍ଭ ହୋଇଥିବା 'ମୋ ସ୍କୁଲ୍ ଅଭିଯାନ' ଇତିମଧ୍ୟରେ ୫ବର୍ଷ ପୂରଣ କରିଛି। ୫ବର୍ଷ ମଧ୍ୟରେ ରାଜ୍ୟର ୫୦ ହଜାର ବିଦ୍ୟାଳୟରେ ପହଞ୍ଚି 'ମୋ ସ୍କୁଲ୍' ବିଶ୍ୱର ଅନ୍ୟତମ ସର୍ବବୃହତ୍ ପୁରାତନ ଛାତ୍ରଛାତ୍ରୀ ସଂଯୋଗ କାର୍ଯ୍ୟକ୍ରମରେ ପରିଣତ ହେବାର ରେକର୍ଡ ସୃଷ୍ଟି କରିଛି। ଓଡ଼ିଶାର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ପଢ଼ିଥିବା ୩୦ଲକ୍ଷରୁ ଅଧିକ ପୁରାତନ ଛାତ୍ରଛାତ୍ରୀ ନିଜ ସ୍କୁଲ୍ ସହ ଯୋଡ଼ିହୋଇ ତାହାର ସର୍ବାଙ୍ଗୀନ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସାମାଜିକ ସଂସ୍ଥା, ବୁଦ୍ଧିଜୀବି, ପ୍ରତିଷ୍ଠିତ ବ୍ୟକ୍ତିବିଶେଷ, ବେସରକାରୀ ଅନୁଷ୍ଠାନ ଏବଂ କର୍ପୋରେଟ୍ ସଂସ୍ଥା ମଧ୍ୟ ସରକାରୀ ସ୍କୁଲର ବିକାଶ




ପ୍ରକ୍ରିୟାରେ ସହଭାଗୀ ହୋଇଛନ୍ତି। ବିଦେଶରେ ରହୁଥିବା ଓଡ଼ିଆମାନଙ୍କର ଓଡ଼ିଶାର ସ୍କୁଲ୍ ପ୍ରତି ଆଗ୍ରହ ବଢ଼ିଛି। ମାତ୍ର ସ୍ୱଳ୍ପ ସମୟ ମଧ୍ୟରେ ଅଭିଯାନରୁ ଏକ ଆନ୍ଦୋଳନରେ ପରିଣତ ହୋଇଥିବା 'ମୋ ସ୍କୁଲ୍ ଅଭିଯାନ' ରାଜ୍ୟର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ସହ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ବିକାଶ, କ୍ରୀଡ଼ା, କଳା, ସଂସ୍କୃତି, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଭଳି କ୍ଷେତ୍ରରେ ପ୍ରତିଭା ପ୍ରଦର୍ଶନ ପାଇଁ ପିଲାମାନଙ୍କୁ ଉତ୍ସାହିତ କରୁଛି। 'ମୋ ସ୍କୁଲ୍' ସହ ଯୋଡ଼ି ହୋଇଥିବା ପୁରାତନ ଛାତ୍ରଛାତ୍ରୀ, ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଏବଂ ସାଧାରଣ ଜନତା ସ୍କୁଲଗୁଡ଼ିକର ବିକାଶ ପାଇଁ କେବଳ ଆର୍ଥିକ ସହାୟତା ଯୋଗାଇ ଦେଇନାହାନ୍ତି, ପିଲାମାନଙ୍କୁ ପଢ଼ାଇବା, କ୍ରୀଡ଼ା ଓ ଶିକ୍ଷା ଉପକରଣ ଆଦି ଦାନ କରିବା, ସ୍କୁଲର ବିଭିନ୍ନ କାର୍ଯ୍ୟରେ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବରେ ସହଯୋଗ କରିବା ସହ ନିଜ ଅଭିଜ୍ଞତା ଓ ଅନୁଭୂତି ବାଣ୍ଟୁଛନ୍ତି। ଭବିଷ୍ୟତ ପିଢ଼ିଙ୍କୁ ଦକ୍ଷ କରି ଗଢ଼ି ତୋଳିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ପୁରାତନ ଛାତ୍ରଛାତ୍ରୀମାନଙ୍କ ଅନ୍ତର୍ଭୁକ୍ତି ଦ୍ୱାରା ଓଡ଼ିଶାରେ ସ୍କୁଲ୍ ଶିକ୍ଷାର ସର୍ବାଙ୍ଗୀନ ବିକାଶ ସମ୍ଭବ ହୋଇଛି। ରାଜ୍ୟର ପ୍ରତି ଦୁଇଜଣରେ ଜଣେ ପିଲା ଏହାଦ୍ୱାରା ଉପକୃତ ହୋଇଛନ୍ତି। 'ମୋ ସ୍କୁଲ୍ ଅଭିଯାନ' ରାଜ୍ୟର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ପଢୁଥିବା ୪୫ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚିବାରେ ସଫଳ ହୋଇଛି। 'ମୋ ସ୍କୁଲ୍ ଅଭିଯାନ' ମାଧ୍ୟମରେ ଏବଂ ପୁରାତନ ଛାତ୍ରଛାତ୍ରୀଙ୍କ ସହଯୋଗରେ ସ୍କୁଲ ଗୁଡ଼ିକରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ କରାଯାଉଛି, ଯାହାମଧ୍ୟରେ ଶ୍ରେଣୀଗୃହ ନିର୍ମାଣ, ନବୀକରଣ, ସ୍ମାର୍ଟ କ୍ଲାସ୍‌ରୁମ୍, ପାଠାଗାର, ପାନୀୟଜଳ ଓ ଶୌଚାଳୟ ବ୍ୟବସ୍ଥା, ସୌନ୍ଦର୍ଯ୍ୟକରଣ ଏବଂ ସ୍କୁଲ୍ ପାରିପାର୍ଶ୍ୱିକ ପରିବେଶର ବିକାଶ ଆଦି ରହିଛି। ଏହାସହ ସ୍କୁଲ ଗୁଡ଼ିକରେ ଡିଜିଟାଲ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଜାତୀୟ ଓ ଅନ୍ତର୍ଜାତୀୟ ସଂଗଠନ ସହ ମିଳିତ ଭାବରେ ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀଙ୍କର ଦକ୍ଷତା ବିକାଶ ଦିଗରେ ମଧ୍ୟ 'ମୋ ସ୍କୁଲ୍' କାର୍ଯ୍ୟ କରୁଛି।

# ଚାଷୀଙ୍କୁ ମିଳିବ ଇନ୍‌ପୁଟ୍ ସହାୟତା

**ଭୁବନେଶ୍ୱର :** ରାଜ୍ୟର ମରୁଡ଼ି ପ୍ରଭାବିତ ଅଞ୍ଚଳର ପୀଡ଼ିତ ଚାଷୀଙ୍କୁ ୨୦୦ କୋଟି ଟଙ୍କାର ଇନ୍‌ପୁଟ୍ ସହାୟତା ରାଶି ପ୍ରଦାନ କରାଯିବ। ଏ ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଏହି ସମସ୍ତ ଅର୍ଥ ରାଜ୍ୟ ସରକାର ନିଜ ରାଜକୋଷରୁ ପ୍ରଦାନ କରିବେ। ମିଳିଥିବା ରିପୋର୍ଟ ଅନୁଯାୟୀ, ବର୍ଷା ଅଭାବରୁ ରାଜ୍ୟର ୧୨ଟି ଜିଲ୍ଲାର ୬୪ଟି ବ୍ଲକ୍ ଏବଂ ୧୫ଟି ପୌରାଞ୍ଚଳରେ ଥିବା ପ୍ରାୟ ୨, ୬୩,୫୬୦ ହେକ୍ଟର ଚାଷଜମିରେ ୩୩ ପ୍ରତିଶତ ବା ତା'ଠାରୁ ଅଧିକ ଫସଲହାନି ହୋଇଛି। ଅଥଚ ଏ ପର୍ଯ୍ୟନ୍ତ ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳର ବହୁସଂଖ୍ୟକ ଚାଷୀ ଫସଲ ବୀମା ରାଶି ପାଇପାରି ନାହାନ୍ତି। ଏ ସଂପର୍କରେ ରାଜ୍ୟ ସରକାର କ୍ରମାଗତ ଭାବେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଅଧୀନସ୍ଥ ବୈଷୟିକ ଉପଦେଷ୍ଟା କମିଟିକୁ ଜଣାଇବା ସହ ଅନୁରୋଧ କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଏହି ପରିପ୍ରେକ୍ଷୀରେ ପରିସ୍ଥିତିର ଗମ୍ଭୀରତା ଏବଂ ମରୁଡ଼ି ପୀଡ଼ିତ କୃଷକଙ୍କ ଦାବି ଏବଂ ଜିଲ୍ଲାପାଳମାନେ ଦେଇଥିବା ଫସଲହାନି ରିପୋର୍ଟକୁ ବିଚାରକୁ ନେଇ ମୁଖ୍ୟମନ୍ତ୍ରୀ ପୀଡ଼ିତ ଏବଂ ବଞ୍ଚିତ ଚାଷୀଙ୍କୁ ରାଜ୍ୟର ନିଜସ୍ୱ ପାଣ୍ଠିରୁ ସହାୟତା ରାଶି ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପୀଡ଼ିତ ଚାଷୀଙ୍କୁ ତତ୍କାଳ ସହାୟତା ରାଶି ପ୍ରଦାନ ଲାଗି ଏହିସବୁ ପ୍ରଭାବିତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଆବଶ୍ୟକ ସହାୟତା ରାଶି ସଂର୍ପକରେ ଏସ୍ଆରସିଙ୍କ ନିକଟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୀଡ଼ିତ ଚାଷୀଙ୍କ କଷ୍ଟ ଦୂର କରିବାକୁ ଏବେ ୨୦୦ କୋଟି ଟଙ୍କାର ଆବଶ୍ୟକତା ରହିଛି ବୋଲି ଆକଳନ କରାଯାଉଛି।



# ହାଇସିକ୍ୟୁରିଟି ରେଜିଷ୍ଟ୍ରେସନ ନମ୍ବର ପ୍ଲେଟ୍ ଅପେକ୍ଷାରେ ୧୬ଲକ୍ଷ ଗାଡ଼ି

**ଭୁବନେଶ୍ୱର :** ପୁରୁଣା ଗାଡ଼ିଗୁଡ଼ିକରେ ହାଇସିକ୍ୟୁରିଟି ରେଜିଷ୍ଟ୍ରେସନ ନମ୍ବର ପ୍ଲେଟ୍ ଲଗାଇବା ଅବଧିକୁ ୨୦୨୩ ଫେବୃୟାରୀ ୨୮ତାରିଖ ପର୍ଯ୍ୟନ୍ତ ରାଜ୍ୟ ପରିବହନ ପ୍ରାଧିକରଣ(ଏସଟିଏ) ବୃଦ୍ଧି କରିଛନ୍ତି। ତେବେ ଯେଉଁ ସବୁ ଗାଡ଼ିର ଶେଷ ନମ୍ବର ୧,୨,୩ ଓ ୪ ରହିଛି ସେଥିରେ ହାଇସିକ୍ୟୁରିଟି ରେଜିଷ୍ଟ୍ରେସନ ନମ୍ବର(ଏଚଏସଆରପି) ଚଳିତ ନଭେମ୍ବର ମାସ ୩୦ତାରିଖ ପୂର୍ବରୁ ଲଗାଇବାକୁ ଗାଡ଼ି ମାଲିକମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହାସହିତ ସ୍ଲଟ ବୁକିଂ ରାଜ୍ୟର ପ୍ରାୟ ୧୬ଲକ୍ଷରୁ ଅଧିକ ଗାଡ଼ି ଏବେ ହାଇସିକ୍ୟୁରିଟି ରେଜିଷ୍ଟ୍ରେସନ ନମ୍ବର ପ୍ଲେଟ୍ ଲଗାଇବା ଅପେକ୍ଷାରେ ରହିଛନ୍ତରାଜ୍ୟ ପରିବହନ ଯୁଗ୍ମ କମିଶନର ଦୀପ୍ତିରଞ୍ଜନ ପାତ୍ର ଏକ ପ୍ରେସ୍ ରିଲିଜ୍ ଜାରି କରି କହିଛନ୍ତି ଯେ, ନଭେମ୍ବର ୧୪ତାରିଖ ସୁଦ୍ଧା ରାଜ୍ୟର ମୋଟ ୩୧ଲକ୍ଷ ୨୫ହଜାର ୨୩୬ଟି ଗାଡ଼ିର ମାଲିକ ନିଜର




ସ୍ଲଟ ବୁକିଂ କରିଛନ୍ତି। ସେଥିରୁ ୧୫ଲକ୍ଷ ୩୦ହଜାର ୫୭୬ଟି ଗାଡ଼ିରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଲାଗି ସାରିଛି। ଗାଡ଼ି ମାଲିକଙ୍କ ସୁବିଧା ପାଇଁ ବିଭାଗ ପକ୍ଷରୁ ୩ଥର ଏହି ଅବଧିକୁ ବୃଦ୍ଧି କରାଯାଇଛି। ଯେଉଁ ଗାଡ଼ି ମାଲିକମାନଙ୍କ ପାଖରେ ଇଣ୍ଟରନେଟର ସୁବିଧା ନାହିଁ ଅବା ଇଣ୍ଟରନେଟ୍ ଚଳାଇ ଜାଣିନାହାନ୍ତି ସେମାନେ ନିକଟସ୍ଥ ମୋ ସେବା କେନ୍ଦ୍ର ନଚେତ୍ ଆରଟିଓରେ ଥିବା ଏଚଏସଆରପି ସୁବିଧା କେନ୍ଦ୍ରକୁ ଯାଇ ଏହି ସ୍ଲଟ ବୁକିଂ କରିପାରିବେ। ଗାଡ଼ି ମାଲିକଙ୍କ ସୁବିଧା ନିମନ୍ତେ ପରିବହନ କର୍ତ୍ତୃପକ୍ଷ ସଂଶୋଧିତ ଅବଧି ଧାର୍ଯ୍ୟ କରିଛନ୍ତି। ଯେଉଁ ଗାଡ଼ିଗୁଡ଼ିକର ଶେଷ ନମ୍ବର ୧,୨,୩,୪ ରହିଛି ସେସବୁରେ ହାଇସିକ୍ୟୁରିଟି ନମ୍ବର ୩୦ତାରିଖ ସୁଦ୍ଧା ଲାଗିଯିବା ଜରୁରୀ। ସେହିପରି ଶେଷ ନମ୍ବର ୫ ଓ ୬ ଥିବା ଗାଡ଼ିରେ ହାଲସିକ୍ୟୁରିଟି ନମ୍ବର ପ୍ଲେଟ୍ ଡିସେମ୍ବର ୩୧ସୁଦ୍ଧା, ଶେଷ ନମ୍ବର ୭ ଓ ୮ ଥିବା ଗାଡ଼ିରେ ହାଇସିକୁରିଟି ନମ୍ବର ପ୍ଲେଟ୍ ୨୦୨୩ ଜାନୁୟାରୀ ୩୧ ସୁଦ୍ଧା ଏବଂ ଶେଷ ନମ୍ବର ୯ ଓ ୦ ଥିବା ଗାଡ଼ିରେ ଏହି ହାଇସିକ୍ୟୁରିଟି ନମ୍ବର ୨୦୨୩ ଫେବୃୟାରୀ ୨୮ତାରିଖ ସୁଦ୍ଧା ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ୨୦୧୯ ଏପ୍ରିଲ ୧ ପୂର୍ବରୁ ପଞ୍ଜିକୃତ ହୋଇଥିବା ସମସ୍ତ ଗାଡ଼ିରେ ହାଇସିକ୍ୟୁରିଟି ରେଜିଷ୍ଟ୍ରେସନ ନମ୍ବର ପ୍ଲେଟ୍ ଲଗାଇବା ବାଧ୍ୟତାମୂଳକ ହୋଇଛି।

# ଡିସେମ୍ବର ସୁଦ୍ଧା ହାତୀ ମୃତ୍ୟୁ ରୋକିବାକୁ ଚୂଡ଼ାନ୍ତ ହେବ ଆକ୍ସନ ପ୍ଲାନ୍

**କଟକ :** ରାଜ୍ୟର ସମସ୍ତ ହାତୀ କରିଡ଼ରକୁ ଚିହ୍ନଟ କରାଯିବ। ହାତୀ ଚଳ ପ୍ରଚଳ କରୁଥିବା ଅଞ୍ଚଳରେ ଏହି କରିଡ଼ର ଗୁଡ଼ିକୁ ଚିହ୍ନଟ କରାଯାଇ ସ୍ଥାନୀୟ ଜନସାଧାରଣଙ୍କୁ ହାତୀ ସୁରକ୍ଷା ପ୍ରସଙ୍ଗରେ ସଚେତନ କରାଯିବ। ହାତୀ ମୃତ୍ୟୁ ରୋକିବା ଲାଗି ପ୍ରସ୍ତୁତ କରାଯାଇଥିବା ଆକ୍ସନ ପ୍ଲାନକୁ ଆସନ୍ତା ଡିସେମ୍ବର ସୁଧା ପୂର୍ଣ୍ଣାଙ୍ଗ ରୂପ ଦିଆଯିବ। ଏହି ଆକ୍ସନ ପ୍ଲାନରେ ଥିବା ବିଭିନ୍ନ ପ୍ରସଙ୍ଗକୁ ଡିସେମ୍ବର ସୁଦ୍ଧା ସଫଳ ରୂପାୟନ କରାଯିବ ବୋଲି ଜଏଣ୍ଟ ଟାସ୍କ ଫୋର୍ସ ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଜରିଆରେ ଦର୍ଶା ଯାଇଛି। ରାଜ୍ୟରେ ହାତୀ ମୃତ୍ୟୁ ଉଦ୍‌ବେଗଜନକ ଭାବେ ବଢୁଥିବାରୁ ଏହାକୁ ନେଇ ହାଇକୋର୍ଟରେ ହୋଇଥିବା ମାମଲାରେ କୋର୍ଟ ଏହି ସତ୍ୟପାଠକୁ ଗ୍ରହଣ କରିବା ସହ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ଏହି ମାମଲାରେ ଆସନ୍ତା ଜାନୁଆରୀ ୧୮ ସୁଦ୍ଧା ଆକ୍ସନ ପ୍ଲାନର ରୂପାୟନ ନେଇ ରିପୋର୍ଟ ଦେବ ଜଏଣ୍ଟ ଟାସ୍କ ଫୋର୍ସ। ବିଦ୍ୟୁତ୍ ଆଘାତ ଜନିତ ହାତୀ ମୃତ୍ୟୁ ଏବଂ ରେଳ ଦୁର୍ଘଟଣା ଜନିତ ହାତୀ ମୃତ୍ୟୁ ରୋକିବା ପାଇଁ ଉଦ୍ୟମ କରାଯିବ। ଏ ନେଇ



ବିଦ୍ୟୁତ୍ ବିତରଣ କମ୍ପାନୀଙ୍କ ସହ ଆଲୋଚନା ଜାରି ରହିଛି। ରେଳବାଇ ସହ ଆଲୋଚନା କରି ହାତୀ କରିଡ଼ରରେ ରେଳ ଦୁର୍ଘଟଣା ଜନିତ ହାତୀ ମୃତ୍ୟୁ ରୋକିବା ପାଇଁ ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି ଜଏଣ୍ଟ ଟାସ୍କ ଫୋର୍ସର ସତ୍ୟପାଠରେ ଦର୍ଶାଯାଇଛି। ଅନ୍ୟପଟେ ଜଏଣ୍ଟ ଟାସ୍କ ଫୋର୍ସରେ ବିଶିଷ୍ଟ ବନ୍ୟପ୍ରାଣୀ ବିଶେଷଜ୍ଞ ଶୁଭେନ୍ଦୁ ମଲ୍ଲିକ ଏବଂ ଡକ୍ଟର ବିଶ୍ୱଜିତ୍ ମହାନ୍ତିଙ୍କୁ ସାମିଲ କରିବାକୁ କୋର୍ଟ ପରାମର୍ଶ ଦେଇଛନ୍ତି। ଜେଟିଏଫ ଦ୍ୱାରା ପ୍ରସ୍ତୁତ ଆକ୍ସନ ପ୍ଲାନ ବିଷୟ ଗୁଡ଼ିକ ଉପରେ କେତେଦୂର କାର୍ଯ୍ୟ କରାଯାଇଛି ସେ ନେଇ ଜଣେଇବା ପାଇଁ କୋର୍ଟ କହିଛନ୍ତି। ସେପଟେ ହାତୀ ଶିକାରକୁ ନେଇ ହାଇକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ହାତୀ ଶିକାରକୁ ନେଇ ଦାୟର ସମସ୍ତ ମାମଲାର ତ୍ୱରିତ ବିଚାର ପାଇଁ ପଦକ୍ଷେପ ନେବାକୁ ଜେଟିଏଫ ସଦସ୍ୟ ତଥା ଅତିରିକ୍ତ ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜେଟିଏଫର ସମସ୍ତ ସଦସ୍ୟ ଆଜି ଭିସି ଜରିଆରେ ଉପସ୍ଥିତ ଥିଲେ। ଏହା ସହ ଭିସି ଜରିଆରେ ସାମିଲ ହୋଇ ବନ୍ୟପ୍ରାଣୀ ବିଶେଷଜ୍ଞ ଡାକ୍ତର ସୁକୁମାର ଅନେକ ପରାମର୍ଶ ଦେଇଥିଲେ। କର୍ଣାଟକ ଏବଂ ଇଷ୍ଟ ସେଣ୍ଟ୍ରାଲ ଏଲିଫାଣ୍ଟ ଆକ୍ସନ ପ୍ଲାନକୁ ତର୍ଜମା କରି ସେହି ଆଧାରରେ ପଦକ୍ଷେପ ନେବାକୁ ଜେଟିଏଫକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଆସନ୍ତା ଜାନୁଆରୀ ୧୮ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣୀ ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି। ଏନେଇ ହାତୀ ମୃତ୍ୟୁ ନେଇ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଆବେଦନକାରୀଙ୍କ ଓକିଲ ଆଶିଷ ମିଶ୍ର ସୂଚନା ଦେଇଛନ୍ତି।

## ସ୍କୁଲରେ ବ୍ୟାପକ ହେବ ଧନ୍ଦାମୂଳକ ଶିକ୍ଷା

**ଭୁବନେଶ୍ୱର:** ଏଣିକି ସ୍କୁଲରେ ବ୍ୟାପକ ଭାବେ ଦିଆଯିବ ଧନ୍ଦାମୂଳକ ଶିକ୍ଷା। ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ପାଇଁ ଅଳ୍ପ କିଛି ସ୍କୁଲରେ ଏହି ଶିକ୍ଷା ଦିଆଯାଉଥିଲା। ଏହାର ସଫଳତା ପାଇଁ ୨୩୦ଟି ସ୍କୁଲରେ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ସ୍କୁଲ ପାଠ ସରୁ ସରୁ ରୋଜଗାରକ୍ଷମ ଶିକ୍ଷା ସଂପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିବାକୁ ଧନ୍ଦାମୂଳକ ଶିକ୍ଷାକୁ ଦିଆଯାଉଛି ପ୍ରାଧାନ୍ୟ। ସ୍କୁଲରେ ଧନ୍ଦାମୂଳକ ଶିକ୍ଷାର ବଢୁଛି ଗୁରୁତ୍ୱ। ୨୩୦ ସ୍କୁଲର ୧୭ଟି ବିଭାଗରେ ବ୍ୟାପକ ହେବ ଧନ୍ଦାମୂଳକ ଶିକ୍ଷା। ସମଗ୍ର ଶିକ୍ଷା ଯୋଜନା ଅଧୀନରେ ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ନବମରୁ ଦ୍ୱାଦଶ ଶ୍ରେଣୀ ଯାଏଁ ଛାତ୍ରଛାତ୍ରୀଙ୍କୁ ଧନ୍ଦାମୂଳକ ଶିକ୍ଷା ପଢାଯିବ। ଏହାର ପରିଚାଳନା ଦାୟିତ୍ୱ ନେଇଛି ଓସେପା। ସେ ସ୍କୁଲଗୁଡ଼ିକୁ ଚୟନ କରି ଆଉଟସୋର୍ସିଂ ସଂସ୍ଥା ଦ୍ୱାରା ପିଲାମାନଙ୍କୁ ପ୍ରଶିକ୍ଷିତ କରାଇବେ। ଆଇଟି ଆଣ୍ଡ ଆଇଟିଇଏସ୍, ପାୱାର, ଇଲେକ୍ଟ୍ରୋନିକ୍ସ ଆଣ୍ଡ ହାର୍ଡୱେର, ଟୁରିଜିମ ଆଣ୍ଡ ହସ୍ପିଟାଲିଟି, କୃଷି, ପ୍ଲମ୍ବିଂ, ରିଟେଲ, ଅଟୋମୋଟିଭ୍, ଆପାରେଲସ୍, ହୋମ୍ ଫର୍ଣ୍ଣିସିଂ ପରି କ୍ଷେତ୍ରରେ ପିଲାମାନେ ପାଠ ପଢିବେ। ସେମାନେ ଡୋମେଷ୍ଟିକ୍ ଡାଟା ଏଣ୍ଟ୍ରି ଅପରେଟର, କନଜ୍ୟୁମର ଏନର୍ଜି ମିଟର ଟେକନିସିଆନ୍, ଫିଲଡ ଟେକନିସିଆନ୍, ହୋମ ଆପଲାଏନସେସ୍, ଫିଲଡ୍ ଟେକନିସିଆନ୍ ଓ୍ୱାରମ୍ୟାନ କଣ୍ଟ୍ରୋଲ, ଫୁଡ ବେଭରେଜ ସର୍ଭିସ୍ ଟ୍ରେନିଂ, ମାଇକ୍ରୋ ଇରିଗେସନ୍ ଟେକନିସିଆନ୍, ପ୍ଲମ୍ବର, ରିଟେଲ ଷ୍ଟୋର ଅପରେସନ୍ ଆସିସଟାଣ୍ଟ, ଶିଲେଇ ମେସିନ୍ ଅପରେଟର୍ ଓ ଚାରି ଚିକିଆ ସର୍ଭିସ୍ ଆସିସଟାଣ୍ଟ ପରି କର୍ମକ୍ଷେତ୍ରରେ କାମ କରି ପାରିବେ। ଧନ୍ଦାମୂଳକ ଶିକ୍ଷା ପାଇଁ ଅନୁଗୁଳ ଜିଲ୍ଲାର ୬ଟି, ବାଲେଶ୍ୱରର ୮ଟି, ବରଗଡ଼ର ୮ଟି, ଭଦ୍ରକର ୬ଟି, ବଲାଙ୍ଗୀରର ୭ଟି, ବୌଦ୍ଧର ୩ଟି, କଟକର ୪ଟି, ଢେଙ୍କାନାଳର ୧୦ଟି, ଗଞ୍ଜାମର ୧୯ଟି, ମୟୂରଭଞ୍ଜର ୧୯ଟି, ସମ୍ବଲପୁରର ୪୯ଟି ଓ ସବୁର୍ଣ୍ଣପୁରର ୧୦ଟି ସ୍କୁଲ ଚୟନ କରାଯାଇଛି । ବଲାଙ୍ଗୀର, ଗଞ୍ଜାମ, କଳାହାଣ୍ଡି ଆଦି ଜିଲ୍ଲାରେ ଦାଦନ ସମସ୍ୟା ଉପରେ ରୋକ ଆଣିବାକୁ ଏହି ନିଆରା ପ୍ରୟାସ କରୁଛନ୍ତି ରାଜ୍ୟ ସରକାର। ତେବେ ଏହାକୁ ତୃତୀୟ ଭାଷା ସହ ପଢାଇବାକୁ ମତ ପ୍ରକାଶ ପାଇଛି। ଯୋଗ ଉପଯୋଗ ଶିକ୍ଷାଦାନକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏଥିରେ ୫ଟି ରୂପାନ୍ତର ଶିକ୍ଷାର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି। ଏହାକୁ ଆହୁରି କ୍ରିୟାଶୀଳ କରି ସ୍ୱୟଂ ସମ୍ପୂର୍ଣ୍ଣ ଛାତ୍ରଛାତ୍ରୀ ପ୍ରସ୍ତୁତ କରିବାରେ ଲାଗି ପଡ଼ିଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ।

# ଶିଳ୍ପାୟନ ଭିତ୍ତିଭୂମି ବିକାଶ ନିମନ୍ତେ କାର୍ଯ୍ୟ ଯୋଜନା ଅନୁମୋଦିତ

**ଭୁବନେଶ୍ୱର :** ରାଜ୍ୟରେ ଅଧିକ ଶିଳ୍ପାୟନ ବିକାଶ ଦିଗରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ରାଜ୍ୟ ଲଜିଷ୍ଟିକ୍ କାର୍ଯ୍ୟ ଯୋଜନାକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ଷମତା ସଂପନ୍ନ କମିଟି ବୈଠକରେ ଅନୁମୋଦନ ଦିଆଯାଇଛି। ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ୍ ମୋଡରେ ଅନୁଷ୍ଠିତ ଏହି ବୈଠକରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା କହିଥିଲେ ଯେ ପ୍ରକଳ୍ପ ନିର୍ଦ୍ଧାରଣ ନିମନ୍ତେ ସଂପୃକ୍ତ ବିଭାଗମାନଙ୍କରୁ ବରିଷ୍ଠ ବୈଷୟିକ ଅଧିକାରୀ ଏବଂ କଳିଙ୍ଗନଗର, ପାରାଦ୍ୱୀପ, ଝାରସୁଗୁଡ଼ା ଓ ରାୟଗଡ଼ା ଶିଳ୍ପାଞ୍ଚଳରୁ ଶିଳ୍ପାନୁଷ୍ଠାନ ପ୍ରତିନିଧିମାନଙ୍କୁ ନେଇ ଗୋଟିଏ ବୈଷୟିକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୭୦୮.୬୭ କୋଟି ଟଙ୍କା ଆକଳନରେ ୧୮ଟି ପ୍ରକଳ୍ପ ସୁପାରିଶ କରିଛନ୍ତି। ସୁପାରିଶ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ସଡ଼କ ଯୋଗାଯୋଗ, ବାହ୍ୟ ଜଳଯୋଗାଣ ଏବଂ ଭଣ୍ଡାର ଘର ନିର୍ମାଣ ଆଦି ପ୍ରକଳ୍ପକୁ ବୈଠକରେ



ଅନୁମୋଦନ କରାଯାଇଥିଲା। ଅନୁମୋଦିତ ପ୍ରକଳ୍ପ ମଧ୍ୟରେ ଇଡକୋର ୩୦୨.୯୫ କୋଟି ଟଙ୍କା ଆକଳନରେ ୧୨ ଟି ପ୍ରକଳ୍ପ, ପୂର୍ତ୍ତ ବିଭାଗର ୩୮୬.୬୪ କୋଟି ଟଙ୍କା ଆକଳନରେ ୪ଟି ପ୍ରକଳ୍ପ, ଏବଂ ଓଡ଼ିଶା ରାଜ୍ୟ ଓ୍ୱାର ହାଉସିଂ ନିଗମର ୧୯.୦୮ ଆକଳନରେ ୨ଟି ପ୍ରକଳ୍ପ ରହିଛି। ଏହି ପ୍ରକଳ୍ପ ଗୁଡିକ ମୁଖ୍ୟତଃ କଳାହାଣ୍ଡି, ଯାଜପୁର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ନବରଙ୍ଗପୁର, ଢେଙ୍କାନାଳ, ପୁରୀ ଆଦି ଜିଲ୍ଲା ସହ ରାଜ୍ୟ ଓ୍ୱାର ହାଉସିଂ ନିଗମର ବିଭିନ୍ନ ସ୍ଥାନରେ ନିର୍ମାଣ କରାଯିବ। ପ୍ରକଳ୍ପ ପ୍ରସ୍ତାବ ଗୁଡ଼ିକୁ ବିଚାର କରି ମୁଖ୍ୟ ଶାସନ ସଚିବ କହିଥିଲେ ଯେ ଏହି ପ୍ରକଳ୍ପଗୁଡିକ ଶିଳ୍ପାୟନ ଭିତ୍ତିଭୂମି ବିକାଶ ନିମନ୍ତେ ଏକାନ୍ତ ଆବଶ୍ୟକ ହୋଇଥିବାରୁ ପୁଞ୍ଜି ନିବେଶ ନିମନ୍ତେ ରାଜ୍ୟ ପାଇଁ ସ୍ୱତନ୍ତ୍ର ସହାୟତା ସ୍କିମରେ ଅନ୍ତର୍ଭୁକ୍ତ ହୋଇପାରିବ। ଏଥିନିମନ୍ତେ ଅନୁମୋଦିତ ପ୍ରକଳ୍ପ ଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରଧାନମନ୍ତ୍ରୀ ଗତି-ଶକ୍ତି ପୋର୍ଟାଲରେ ଅପଲୋଡ୍ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ଜଳ ସଂପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁଗର୍ଗ, ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ଼ଃ ମୋନା ଶର୍ମାଙ୍କ ସମେତ ସଂପୃକ୍ତ ବିଭାଗର ପ୍ରମୁଖ ଶାସନ ସଚିବ, ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ନିୟୋଜିତ ହେବେ 'ସ୍ୱାସ୍ଥ୍ୟ ସଂଯୋଜକ'

**ଭୁବନେଶ୍ୱର :** ରାଜ୍ୟର ସମସ୍ତ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲର ହେଲ୍ପ ଡେସ୍କ ଆହୁରି ସୁଦୃଢ଼ ହେବ। ହସ୍ପିଟାଲରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ସଂପର୍କରେ ଅପ୍ ଟୁ ଡେଟ୍ ବା ସଦ୍ୟ ସୂଚନା ପ୍ରଦାନ କରିବା ପାଇଁ ହେଲ୍ପ ଡେସ୍କରେ ନିୟୋଜିତ ହେବେ 'ସ୍ୱାସ୍ଥ୍ୟ ସଂଯୋଜକ'। ଏଥିପାଇଁ ଜଣେ ବରିଷ୍ଠ ନର୍ସିଂ ଅଧିକାରୀଙ୍କୁ ଏହାର ଦାୟିତ୍ୱ ପ୍ରଦାନ କରାଯିବ। ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ଏ ସଂପର୍କରେ ସମସ୍ତ ମେଡିକାଲ କଲେଜର ଅଧୀକ୍ଷକ, ଭିମ୍‌ସାର ବୁର୍ଲା ଓ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରର ଅଧୀକ୍ଷକଙ୍କୁ ଚିଠି ଲେଖି ସୂଚନା ଦେଇଛନ୍ତି। ବିଭାଗ ପକ୍ଷରୁ କୁହାଯାଇଛି ଯେ କୋଭିଡ ସଂକ୍ରମଣ ସମୟରେ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ହେଲ୍ପ ଡେସ୍କର ଆବଶ୍ୟକତା ପଡ଼ିଥିଲା ବିଶେଷକରି ଆଇସିୟୁ/ଏଚ୍‌ଡିୟୁରେ ରୋଗୀଙ୍କ ଆଟେଣ୍ଡାଣ୍ଟଙ୍କ ପ୍ରବେଶ କଟକଣା ରହିଥିବା ବେଳେ ରୋଗୀଙ୍କ ସଂପର୍କରେ ସେମାନଙ୍କ ପରିବାରକୁ ସୂଚନା ଦେବାରେ ଏହା ବେଶ୍ ସହାୟକ ହୋଇଥିଲା। ତେଣୁ ଏହି ହେଲ୍ପ ଡେସ୍କକୁ ଅଧିକ ସୁଦୃଢ଼ କରିବା ଲାଗି ରାଜ୍ୟ ସରକାର ଜଣେ ଲେଖାଏ ସ୍ୱାସ୍ଥ୍ୟ ସଂଯୋଜକଙ୍କୁ ନିୟୋଜିତ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ମେଡିକାଲ କଲେଜର ଅଧୀକ୍ଷକ ଏଥିପାଇଁ ଜଣେ ବରିଷ୍ଠ ନର୍ସିଂ ଅଧିକାରୀଙ୍କୁ ଚୟନ କରିବେ। କାର୍ଯ୍ୟରତ ମାନବ ସମ୍ବଳ ମଧ୍ୟରୁ ଏହି ସ୍ୱାସ୍ଥ୍ୟ ସଂଯୋଜକଙ୍କୁ ଚୟନ କରାଯିବ। ଯେଉଁ ମେଡିକାଲ କଲେଜରେ ହେଲ୍ପ ଡେସ୍କ ଆରମ୍ଭ ହୋଇନାହିଁ ସେମାନେ ତୁରନ୍ତ ଏହାକୁ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ଗ୍ରୁପ୍ ବି, ସି ଓ ଡି ବର୍ଗର କର୍ମଚାରୀଙ୍କୁ ସଂଶୋଧିତ ଦରମା, ବେତନ ନିର୍ଦ୍ଧାରଣ ମାର୍ଗଦର୍ଶିକା ଜାରି

# ଧାର୍ଯ୍ୟଠାରୁ ଅଧିକ ଦରମା ଦିଆଯାଇଥିଲେ ଫେରସ୍ତ ନିଆଯିବ

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ଗ୍ରୁପ୍ ବି, ସି ଓ ଡି ବର୍ଗର କର୍ମଚାରୀଙ୍କ ବେତନ ଧାର୍ଯ୍ୟ ନିମନ୍ତେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି ହୋଇଛି। ଗତ ଅକ୍ଟୋବର ୧୭ ତାରିଖରେ ଚୁକ୍ତିଭିତ୍ତିକ କର୍ମଚାରୀମାନଙ୍କୁ ସ୍ଥାୟୀ କରାଯିବାକୁ ମୁଖ୍ୟମନ୍ତ୍ରୀ କରିଥିବା ଘୋଷଣା ଆଧାରରେ ନୂତନ ବେତନହାର ଧାର୍ଯ୍ୟ ନିମନ୍ତେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସବୁ ବିଭାଗକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ ଗତ ଅକ୍ଟୋବର ୧୭ ତାରିଖରୁ ଠିକା ନିଯୁକ୍ତି ବ୍ୟବସ୍ଥା ଉଚ୍ଛେଦ କରାଯିବା ସହ ଗ୍ରୁପ୍ ବି, ସି ଓ ଡି ବର୍ଗର ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ସ୍ଥାୟୀ ଘୋଷଣା କରାଯାଇଛି। ସେମାନଙ୍କର ଚୁକ୍ତିଭିତ୍ତିକ କାର୍ଯ୍ୟ ଦିବସକୁ ହିସାବ କରି ନୂତନ ଦରମାହାର ଧାର୍ଯ୍ୟ କରାଯିବ। ୬ ବର୍ଷିଆ ଠିକା ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ପାଇଁ ଏହି ନିୟମ ପ୍ରଯୁଜ୍ୟ ହେବ। ଗ୍ରୁପ୍ ସି ଓ ଡି ବର୍ଗର କର୍ମଚାରୀଙ୍କ ପାଇଁ ପ୍ରାରମ୍ଭିକ ନିଯୁକ୍ତି ୧୨.୧୧.୨୦୧୩ ପରେ ଏବଂ ଗ୍ରୁପ୍ ବି କର୍ମଚାରୀଙ୍କ ପାଇଁ ୧୭.୧.୨୦୧୪ ହୋଇଥିବା ଆବଶ୍ୟକ। ସେମାନଙ୍କ ପାଇଁ ଗ୍ରେଡ୍ ପେ' ୧୭୦୦ ଟଙ୍କା, ୧୮୦୦ ଟଙ୍କା, ୧୯୦୦ ଟଙ୍କା, ୨୦୦୦ ଟଙ୍କା, ୨୪୦୦ ଟଙ୍କା ଏବଂ ୪୨୦୦ ଟଙ୍କା (ଏଲ୍-୧, ଏଲ୍-୨, ଏଲ୍-୩, ଏଲ୍-୪, ଏଲ୍-୫, ଏଲ୍-୮ ଏବଂ ଏଲ୍-୯) ହାରରେ ଧାର୍ଯ୍ୟ କରାଯିବ। ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ



ବାର୍ଷିକ ବର୍ଦ୍ଧିତ ଦରମା ଲାଗୁ କରାଯିବ। ବିଭାଗ ପକ୍ଷରୁ କୁହାଯାଇଛି ଯେ ଯଦି ଜଣେ କର୍ମଚାରୀ ୨୦୧୪ ମସିହାରେ ଜୁନିୟର ଆସିଷ୍ଟାଣ୍ଟ (କନିଷ୍ଠ ସହାୟକ) ପଦରେ ୫୨୦୦ - ୨୦୨୦୦ ଟଙ୍କା ପେ-ବ୍ୟାଣ୍ଡ ସହିତ ଗ୍ରେଡ୍ ପେ' ୧୯୦୦ ଟଙ୍କାରେ ନିଯୁକ୍ତି ପାଇଥା'ନ୍ତି, ତେବେ ତାଙ୍କୁ ସ୍ଥାୟୀ କରାଯିବାବେଳେ ୨୦୧୪ ମସିହା ପାଇଁ ତାଙ୍କର ମୂଳ ଦରମା ୭୧୦୦ ଟଙ୍କା (ପେ' ୫୨୦୦ ସହିତ ଗ୍ରେଡ୍ ପେ' ୧୯୦୦ ଟଙ୍କା) ଏବଂ ୨୦୧୫ ମସିହା ପାଇଁ ୭୩୨୦ ଟଙ୍କା (ପେ' ୫୨୦୦ ସହିତ ଗ୍ରେଡ୍ ପେ' ୧୯୦୦ ଟଙ୍କା) ଢ ୩% ବର୍ଦ୍ଧିତ ରାଶି ଏପରି ମୋଟ ୭୩୨୦ ଟଙ୍କା ହିସାବରେ ଧାର୍ଯ୍ୟ କରାଯିବ। ସେହିପରି ୨୦୧୬ ବର୍ଷ ପାଇଁ ଜାନୁଆରୀ ୧, ୨୦୧୬ ସୁଦ୍ଧା ୭୩୨୦ ଟଙ୍କା ହିସାବରେ ଧାର୍ଯ୍ୟ କରାଯିବ। ପରବର୍ତ୍ତୀ ସମୟ ପାଇଁ ଉକ୍ତ ଆଧାରରେ ବେତନ ନିରୂପଣ ହେବ। ଏହି ଆଧାରରେ ୨୦୧୬ ଜାନୁଆରୀ ୧ ତାରିଖ ପରେ ସ୍ୱତନ୍ତ୍ର ସଂଶୋଧିତ ନିଯୁକ୍ତି ନିୟମ ୨୦୨୨ ଆଧାରରେ ୬ ବର୍ଷିଆ ଠିକା ନିଯୁକ୍ତି ପାଇଥିବା ଯେକୌଣସି କର୍ମଚାରୀଙ୍କ ପାଇଁ ଓଆର୍ଏସ୍ପି ରୁଲ୍ ୨୦୧୭ ପେ' ମାଟ୍ରିକ୍ସ ଆଧାରରେ ୧୯,୯୯୦ଟଙ୍କା (ସି୧,ଏଲ୍୪) ଦରମା ଧାର୍ଯ୍ୟ କରାଯାଇଛି। ସ୍ଥାୟୀ ନିଯୁକ୍ତି ଦରମା ନିର୍ଦ୍ଧାରଣ କରିବା ପାଇଁ ସମସ୍ତ ବିଭାଗକୁ ଫର୍ମାଟ୍ ପ୍ରଦାନ କରାଯାଇଛି। ସମ୍ପୃକ୍ତ କାର୍ଯ୍ୟାଳୟର ମୁଖ୍ୟ/ପ୍ରାଧିକୃତ ଅଧିକାରୀ ସଂଶୋଧିତ ହାରରେ ସ୍ଥାୟୀ ହେବାକୁ ଥିବା କର୍ମଚାରୀଙ୍କ ଦରମା ଧାର୍ଯ୍ୟ କରିବେ। ଯଦି କୌଣସି କର୍ମଚାରୀଙ୍କୁ ଭୁଲ୍ୱଶତଃ ଧାର୍ଯ୍ୟ ହାରଠାରୁ ଅଧିକ ଦରମା ଦିଆଯାଇଥିବ, ତାହା ପରବର୍ତ୍ତୀ ସମୟରେ ସେମାନଙ୍କଠାରୁ ତାହା ଭରଣା କରାଯିବ। ଏ ସମ୍ପର୍କରେ ପ୍ରତ୍ୟେକ କର୍ମଚାରୀ ଏକ ଜିମାନାମା ଲେଖି ସମ୍ପୃକ୍ତ କାର୍ଯ୍ୟାଳୟ ମୁଖ୍ୟ ବା ପ୍ରାଧିକୃତ ଅଧିକାରୀଙ୍କ ଠାରେ ପେଠ କରିବାକୁ ଏହି ନିର୍ଦ୍ଦେଶନାମାରେ କୁହାଯାଇଛି।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୧ - ୨୭ ନଭେମ୍ବର, ୨୦୨୨

# ଉପନିର୍ବାଚନ ହାରି ଅଡୁଆରେ ବିଜେଡି !

ଧାମନଗର ନିର୍ବାଚନ ପରେ ଧୀରେ ଧୀରେ ଶାସକ ବିଜୁ ଜନତା ଦଳ ବିରୋଧରେ ଦଳ ଭିତରୁ ସ୍ୱର ଉଠିଲାଣି। ବିଜେଡିରେ ଥାଇ ରାଜେନ୍ଦ୍ର ଦାସ ବିଧାନସଭା ଟିକଟରୁ ବଞ୍ଚିତ ହେବା ପରେ ଧାମନଗର ଉପନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ହୋଇଥିଲେ। ରାଜୁ ବାବୁଙ୍କୁ ମନାଇବା ବିଜେଡି ପାଇଁ ସହଜ ହୋଇନଥିଲା ଓ ସେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ନକରି ବିଜେଡିକୁ ଏକପ୍ରକାର ଚ୍ୟାଲେଞ୍ଜ କଲେ। ଦଳ ସେଠାରେ ଅବନ୍ତୀ ଦାସଙ୍କୁ ପ୍ରାର୍ଥୀ କରିବା ପରେ ସମଗ୍ର ଘଟଣା ପଦାକୁ ଆସିଲା। କାରଣ ରାଜୁ ବାବୁ ଧାମନଗର ଆସନ ପାଇଁ ଉପଯୁକ୍ତ ପ୍ରାର୍ଥୀ ହୋଇଥିଲେ ସୁଦ୍ଧା ତାଙ୍କ ବିରୋଧରେ ଦଳ ଭିତରୁ କେହି ଚକ୍ରାନ୍ତ କରି ତାଙ୍କୁ ଦଳୀୟ ଟିକଟରୁ ବଞ୍ଚିତ କରିବା ନେଇ ଚର୍ଚ୍ଚା ହେଉଥିଲା। ଏଥିରେ ବିଜେଡିର ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓରଫ ବବି ବାବୁ ଥିବା ନେଇ ଚାରିଆଡେ ପ୍ରଘଟ ମଧ୍ୟ ହେଲା। ତାଙ୍କ ସହ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଓ ଯାଜପୁର ଜିଲ୍ଲାର ନେତା, ବିଧାୟକ ଥିବାନେଇ ଜୋରଦାର ଆଲୋଚନା ଏବେ ମଧ୍ୟ ସରିନାହିଁ। ଦଳ ସୁପ୍ରିମୋ ଏହାକୁ ନେଇ ଚିନ୍ତାରେ ରହିବା ଏବଂ ଧାମନଗର ଆସନ ଭାରତୀୟ ଜନତା ପାର୍ଟି ହାତକୁ ଯିବା ଅପେରାଜୟ ବିଜେଡିକୁ ଏକ ପ୍ରକାର ଚେକ ଦେବା ନିଶ୍ଚୟ ଶୁଭ ସଂକେତ ନୁହେଁ ବୋଲି ଆଲୋଚନା ହେଉଛି। କାରଣ ଦୀର୍ଘବର୍ଷ ହେଲା ଓଡିଶା ଶାସନ କ୍ଷମତାରେ ଥିବା ବିଜେଡି ଭିତରେ କେଉଁଠି ନା କେଉଁଠି କନ୍ଦଳ ରହିଥିବା ଆଗରୁ ଚର୍ଚ୍ଚା ହେଉଥିଲେ ବି ଖୋଲାଖୋଲି ବିଦ୍ରୋହ ଦେଖାଦେଇନଥିଲା। କିନ୍ତୁ ରାଜେନ୍ଦ୍ର ଦାସ ବିଜେଡିରେ ଥାଇ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇବା ପରେ ହିଁ ଏହା ଚର୍ଚ୍ଚାକୁ ଅଧିକ ସକ୍ରିୟ କରିଛି। ପୂର୍ବରୁ ବିଜେଡି ବିରୋଧରେ ଯାଇ ଏଭଳି ପଦକ୍ଷେପ ନେବା ପ୍ରାୟତଃ ଦେଖାଦେଇନଥିଲା। ତେଣୁ ଧାମନଗର ଉପନିର୍ବାଚନ ଏଭଳି ଏକ ବାର୍ତ୍ତା ଦେଲା ଯେ, ବାହାରକୁ ଜଣାପଡୁନଥିଲେ ମଧ୍ୟ ବିଜେଡିରେ ଗୋଷ୍ଠୀ କନ୍ଦଳ ରହିଛି। ଯାହାକୁ ନେଇ ଅଧିକ କିଛି ପଦାକୁ ଆସୁନଥିଲେ ବି ଭିତରେ ଭିତରେ କୁହୁଳୁଚି। ଏହାର ସଦ୍ୟତମ ଉଦାହରଣ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମାଙ୍କ ବିସ୍ଫୋରକ ବୟାନ। ସଞ୍ଜୟ ଗତ ୧୫ ତାରିଖରେ ପୁରୀ ଜିଲ୍ଲା ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ବିଭିନ୍ନ ବ୍ଲକରେ ଜନସମ୍ପର୍କ ଯାତ୍ରା କରିଥିଲେ। ଏଠାରେ ସେ କହିଲେ,'କିଛି ବିଦେଶୀ ଶକ୍ତି ଓଡିଶା ମାଟିର ସକ୍ରିୟ ହୋଇଉଠିଛନ୍ତି। ଏମାନେ ଖଣିଜ ସମ୍ପଦ ଆଦି ପ୍ରାଚୁର୍ଯ୍ୟରେ ଭରପୂର ଓଡିଶାକୁ ଲୁଣ୍ଠନ କରିବାକୁ ଆସିଛନ୍ତି। ଆମ ସ୍ୱାଭିମାନକୁ ଏମାନେ କରାୟତ କରିବାକୁ ବସିଛନ୍ତି। କିଛିଲୋକ ଭାବୁଛନ୍ତି ଆମେ ଯାହା କହିବୁ, ଯାହା ନିଷ୍ପତ୍ତି ନେବୁ,ସମସ୍ତେ ତାକୁ ଗ୍ରହଣ କରିନେବେ। କିନ୍ତୁ ଆମେ ଯେଉଁମାନେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ସ୍ୱାଭିମାନ ସହିତ ଆନ୍ଦୋଳନରେ ବ୍ରତୀ ଥିଲୁ, ମରିଯିବୁ ସିନା ସାଲିସ ରାଜନୀତି କରିବୁନାହିଁ।' ସଞ୍ଜୟ ଏଭଳି ଏକ ସମୟରେ ଏହି ବୟାନ ଦେଇଛନ୍ତି, ଯେତେବେଳେ ଆଗକୁ ପଦ୍ମପୁର ଉପନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ନିକଟରେ ଗୋଟିଏ ଉପନିର୍ବାଚନ ହାରି ବିଜେଡି ନିଜ ସଂଗଠନ ଦୃଢ଼ କରିବାକୁ ଯାଉଥିଲା ବେଳେ ସଞ୍ଜୟଙ୍କ ଏଭଳି ବିସ୍ଫୋରକ ବୟାନ ଦଳର ଆଭ୍ୟନ୍ତରୀଣ ଶୃଙ୍ଖଳା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ସମ୍ପାଦକୀୟ
ତାରକ ମହାନ୍ତି



ଅନ୍ୟପଟେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ମଧ୍ୟ ସ୍ୱର ତୀବ୍ର କଲେଣି। ଆଗାମୀ ଦିନରେ ପ୍ରଦୀପ ବିଜେଡି ସହ ରହିବେ କିମ୍ବା ବିଜେପିକୁ ଲମ୍ଫ ଦେବେ ତାହାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ହେଉଛି। ଏପରିକି ସଞ୍ଜୟ ବିଜେପିକୁ ଡେଇଁ ପାରନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଲାଣି। ଧାମନଗର ଉପନିର୍ବାଚନ ଫଳାଫଳରେ ବିଜେଡିକୁ ଝଟକା ଲାଗିଥିଲା ବେଳେ ଦଳର ପୁରୁଣା ନେତା ଏବେ ଅସନ୍ତୁଷ୍ଟଙ୍କ ଭୂମିକାରେ ଅବତୀର୍ଣ୍ଣ ହେବା ନିଶ୍ଚୟ ବିଜେଡିର ହିଁ କ୍ଷତି କରିବାର ଆଶଙ୍କା ମଧ୍ୟ ବଢିଚାଲୁଛି। କାରଣ କିଛି ରାଜନୀତି ସମୀକ୍ଷକ କହୁଛନ୍ତି, ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ବିଜେପି କଡା ଆଭିମୁଖ୍ୟ ଗ୍ରହଣ କରିପାରେ। ବର୍ତ୍ତମାନ ପଦ୍ମପୁର ଉପନିର୍ବାଚନ ଅଧିକ ରୋଚକ ହେବ ବୋଲି ଆଶା କରାଯାଏ। କାରଣ ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତ ପୂର୍ବରୁ ଏହି ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଶ୍ରୀ ପୁରୋହିତ ଜଣେ ଚାଷୀ ନେତା ଭାବେ ବେଶ ଜଣାଶୁଣା। ଏଥିସହିତ ବିଜେପି ସଂଗଠନ ସହ ତାଙ୍କର ଘନିଷ୍ଠ ସମ୍ପର୍କ ରହିଛି। ହେଲେ ଶାସକ ବିଜେଡି ନିକଟରେ ଗୋଟିଏ ଉପନିର୍ବାଚନରେ ପରାଜୟବରଣ କରିଥିବାରୁ ପଦ୍ମପୁର ଆସନ ଜିତିବା ଲକ୍ଷ୍ୟରେ ରହିଛି। ବିଜେଡି ଏଭଳି ଜଣେ ପ୍ରାର୍ଥୀ ଦେଇଛି ଯିଏ କି ବିଜେପି ପରିବାର ବୋହୂ ଓ ବିଜେଡି ପରିବାରର ଝିଅ। ଦିବଂଗତ ବିଜେଡି ବିଧାୟକ ବିଜୟ ସିଂ ବରିହାଙ୍କ କନ୍ୟା ତଥା ବିଜେପି ନେତା ରମାରଞ୍ଜନ ବଳିଆରସିଂହଙ୍କ ବୋହୂ ବର୍ଷା ସିଂ ବରିହା ପଦ୍ମପୁର ଆସନ ପାଇଁ ବିଜେଡିର ପ୍ରାର୍ଥୀ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

ତେଣୁ ବିଜେଡି ଝିଅ ଓ ବିଜେପି ବୋହୂ ବର୍ଷାଙ୍କୁ ନେଇ ଭିନ୍ନ ଭିନ୍ନ ଆକଳନ କରାଯାଉଛି। ରମାରଞ୍ଜନ ବାବୁ ଏ କ୍ଷେତ୍ରରେ କିଭଳି ନିଷ୍ପତ୍ତି ନେବେ ତା ଉପରେ ସମସ୍ତଙ୍କ ନଜର ରହିଛି। ଆରମ୍ଭରୁ ଚର୍ଚ୍ଚା ହେଉଥିଲା ଯେ ବିଜେଡି ସ୍ୱର୍ଗତଃ ବରିହାଙ୍କ ପତ୍ନୀଙ୍କୁ ଏଠାରେ ପ୍ରାର୍ଥୀ କରିପାରେ। ମାତ୍ର ବର୍ଷାଙ୍କ ନାମ ଘୋଷଣା ପରେ ବିରୋଧୀଙ୍କ ସବୁ ଅଙ୍କ ଭୁଲ ହୋଇପାରେ ବୋଲି ଆଲୋଚନା ମଧ୍ୟ ହେଉଛି। ହେଲେ ବର୍ଷାଙ୍କୁ ପଦ୍ମପୁରବାସୀ ଅନୁକମ୍ପା କରିବେ କି ଏଠାରୁ ପୁଣି ପଦ୍ମ ବାଜି ମାରିବ, ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ବିଜେପି ମଧ୍ୟ ଧାମନଗର ଆସନ ଜିତି ନିଜକୁ ସୁଦୃଢ଼ କରିଛି। ପଦ୍ମପୁର ଉପନିର୍ବାଚନ ଯେତେ ପାଖେଇ ଆସୁଛି,ଫସଲ ବୀମା ରାଜନୀତି ଅଧିକ ଉଷ୍ମ ହେଉଛି। ବୀମା ବିଳମ୍ବ ପାଇଁ ରାଜ୍ୟ ସରକାର ଦାୟୀ ବୋଲି କହିଛନ୍ତି କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଫସଲ ବୀମା ପ୍ରସଙ୍ଗରେ କେନ୍ଦ୍ର କୃଷି ମନ୍ତ୍ରୀଙ୍କ ସହ ଆଲୋଚନା କରିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ତୋମାର ଚିଠି ଲେଖିଛନ୍ତି। ଚାଷୀଙ୍କୁ ଫସଲ ବୀମା ମିଳିବାରେ ବିଳମ୍ବ ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି। ଅନ୍ୟପଟେ ଫସଲ ବୀମା ରାଜନୀତି ତୀବ୍ର ହୋଇଉଠିବା ପରେ ବିଜେଡି ତୀବ୍ର ପ୍ରତିକ୍ରିୟା ରଖିଛି। ବିଜେଡି କହିଛି, ଉପନିର୍ବାଚନକୁ ଦୃଷ୍ଟିରେ ରଖି ଅସଲ ତଥ୍ୟ ଲୁଚାଇବାକୁ ଯାଇ ମିଛ ପରେ ମିଛ କହିଚାଲିଛି କେନ୍ଦ୍ର ସରକାର। ଅନ୍ୟପଟେ ରାଜ୍ୟ ସରକାରଙ୍କ ଚାଷୀ ମାରଣ ନୀତି ବିରୋଧରେ ବିଜେପି ପକ୍ଷରୁ ଲୋୟର ପିଏମ୍‌ଜି ଠାରେ ସତ୍ୟାଗ୍ରହ କରାଯାଇଛି। ମଣ୍ଡି ସମସ୍ୟା, ବିହନ ଓ ସାର ଅଭାବ, ଅବ୍ୟବସ୍ଥିତ ଟୋକନ ବ୍ୟବସ୍ଥା, କଟନୀ ଛଟନୀ, ବେପାରୀ-ମିଲର-ରାଜ୍ୟ ସରକାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ପାଇଁ ଚାଷୀଙ୍କ ଭବିଷ୍ୟତ ଅନ୍ଧାର ମଧ୍ୟକୁ ଠେଲିହୋଇ ଯାଇଛି ବୋଲି ବିଜେପି ଅଭିଯୋଗ କରିଛି। ବିଜେପି କହିଛି କେନ୍ଦ୍ର ସରକାର ଚାଷ ଓ ଚାଷୀଙ୍କ ସମସ୍ୟା ଦୂରୀକରଣ ପାଇଁ ଗତ ୮ ବର୍ଷ ହେଲା ବିଭିନ୍ନ ପ୍ରକାରର କୃଷି କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି କ୍ଷେତ୍ରରେ କେନ୍ଦ୍ରୀୟ ଯୋଜନାକୁ ଚାଷୀଙ୍କ ପାଖରେ ପହଞ୍ଚାଇବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ସାଧାରଣ ନାଗରିକ ଓ ବିଚାର ବିଭାଗ



ଗଜାନନ ମିଶ୍ର

ଇଂ ତାରିଖ ୦୯/୧୧/୨୦୨୨ ବୁଧବାର ଦିନ ଧନଂଜୟ ଯଶବନ୍ତ ଚନ୍ଦ୍ରଚୂଡ ଭାରତବର୍ଷର ପଚାଶତମ ପ୍ରଧାନ ବିଚାରପତି ଭାବରେ ଦାୟିତ୍ୱ ଗ୍ରହଣ କରିବା ଅବସରରେ କହିଛନ୍ତି ଯେ ତାଙ୍କର ଅଗ୍ରପ୍ରଧାନ କାର୍ଯ୍ୟ ହେବ ସାଧାରଣ ନାଗରିକଙ୍କୁ ସେବା ଯୋଗାଇଦେବା। ବିଚାରବିଭାଗର ଏହି ଶୀର୍ଷପଦ ଅଳଙ୍କୃତ କରିବା ପୂର୍ବରୁ ତାଙ୍କର କାର୍ଯ୍ୟଶୈଳୀ ଏକଥା ତାଙ୍କର କାମ ଇ-କୋର୍ଟ, ଅଦାଲତି କାର୍ଯ୍ୟଧାରା ଲାଇଭଷ୍ଟ୍ରିମିଂ ଆଦିରେ ପ୍ରମାଣ କରିସାରିଛି ଯେ ନ୍ୟାୟିକ ବ୍ୟବସ୍ଥା ସର୍ବ ସାଧାରଣଙ୍କ ପାଇଁ ସରଳ, ସ୍ୱଚ୍ଛ ହେବା ସହିତ ସୁଗମ ଓ ସୁଲଭ୍ୟ ହୋଇଯିବ। ସମାଜର ସବୁ ବର୍ଗର ଲୋକଙ୍କୁ ବିଚାର ବିଭାଗ ଆମନ୍ତ୍ରଣ କରିବ। ନିଃସନ୍ଦେହ ଯେ ଏପରି ଭାବନା ଓ ବିଚାର ଅତୀବ ଗୁରୁତ୍ୱପୂର୍ଣ୍ଣ। ଯାହା ବି ହେଉ, ନ୍ୟାୟପାଳିକାର ବିଶ୍ୱାସନୀୟତା ଓ ସ୍ୱାଧୀନତା ବଜାୟ ରଖିବା ହେଉଛି ଗୁରୁତ୍ୱପୂର୍ଣ୍ଣ ଆଜିର ଏ ଦିନରେ।

ନ୍ୟାୟପାଳିକାର ବିଶ୍ୱାସନୀୟତା ବଜାୟ ରଖିବାକୁ ହେଲେ ସର୍ବ ପ୍ରଥମେ ନାଗରିକଙ୍କ ଭାଷାରେ ସବୁ କାମ କରାଯିବା ଉଚିତ୍। ବିଦେଶୀ ଢାଞ୍ଚାକୁ, ବିଦେଶୀ ଭାଷାକୁ ସର୍ବସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଦୂରେଇ ଦେଇ ଭାରତୀୟତା ଭରି ଦେବାକୁ ହେବ। ଭାରତୀୟ ଭାଷାରେ ସବୁ କାର୍ଯ୍ୟ ନ କଲା ଯାଏ ନାଗରିକଟିଏ ଏହି ବିଭାଗ ପ୍ରତି ଆକୃଷ୍ଟ ହେବ କହିବା ଭୁଲ ହେବ ବା ଏହି ବିଚାର ବିଭାଗ ଭାରତୀୟଙ୍କ ପ୍ରତି ପ୍ରତିଶ୍ରୁତିବଦ୍ଧ ବା ପ୍ରତିଜ୍ଞାବଦ୍ଧ ରହିଛି ତାହା ବି ଠିକ୍ ଭାବରେ କହି ହେବ ନାହିଁ। ଏ ଦିଗରେ ଆମ ସମ୍ବିଧାନ ସ୍ପଷ୍ଟ ରହିଛି ସପ୍ତଦଶ ଭାଗ, ସରକାରୀ ଭାଷା ଅଧ୍ୟାୟରେ। ସମ୍ବିଧାନ ଧାରା ୩୪୩ରେ ଲେଖା ଯାଇଛି ଯେ ଦେବନାଗରୀ ଲିପିରେ ହିନ୍ଦୀ ଭାଷ୍ୟ କେନ୍ଦ୍ରର ସରକାରୀ ଭାଷା ହେବ। ଆହୁରି ସ୍ପଷ୍ଟ କରାଯାଇଛି ଯେ ଏହି ସମ୍ବିଧାନ ପ୍ରାରମ୍ଭ ହେବା ପରଠାରୁ ପନ୍ଦର ବର୍ଷ ଅବଧି ପର୍ଯ୍ୟନ୍ତ କେନ୍ଦ୍ରରେ ସବୁ ସରକାରୀ ଉଦ୍ଦେଶ୍ୟରେ ଇଂରାଜି ଭାଷା ଚାଲୁ ରହିବ ଯାହା ଏହି ସମ୍ବିଧାନ ପ୍ରାରମ୍ଭର ଠିକ୍ ପୂର୍ବରୁ ଚାଲୁ ରହିଥିଲା। ସମ୍ବିଧାନର ଧାରା ୩୪୪ରେ ଏକ ଭାଷା ଆୟୋଗ ସଂସ୍ଥାପନ ହେବ ବୋଲି ଲେଖାଯାଇଛି, ଯାହାର କାର୍ଯ୍ୟ ହେବ କେନ୍ଦ୍ରର ସରକାରୀ କାର୍ଯ୍ୟ ଉଦ୍ଦେଶ୍ୟରେ ହିନ୍ଦୀ ଭାଷାର ପ୍ରଗତିଶୀଳ ବ୍ୟବହାର, ଇଂରାଜି ଭାଷାର ବ୍ୟବହାର ଉପରେ କଟକଣା, କେନ୍ଦ୍ର ଓ ରାଜ୍ୟ ଭିତରେ ଯୋଗାଯୋଗ କରାଯିବାର ଭାଷା ଆଦି ଆଦି। ସମ୍ବିଧାନର ଧାରା ୩୪୫, ୩୪୬ ଓ ୩୪୭ରେ ରାଜ୍ୟଗୁଡିକର ଭାଷା କିମ୍ବା ହିନ୍ଦୀ ଭାଷାକୁ ସେହି ରାଜ୍ୟର ସବୁ ବା କୌଣସି ସରକାରୀ ଉଦ୍ଦେଶ୍ୟରେ ବ୍ୟବହାର କରାଯିବା ପାଇଁ ଭାଷା ବା ଭାଷାଗୁଡିକ ଭାବେ ଅବଲମ୍ବନ କରିପାରିବେ। କେନ୍ଦ୍ର ସରକାରୀ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ତତାକାଳୀନ ପ୍ରାଧିକୃତ ଭାଷା, ଗୋଟିଏ ରାଜ୍ୟ ଏବଂ ଅନ୍ୟ ଏକ ରାଜ୍ୟ ମଧ୍ୟରେ ଏବଂ ଗୋଟିଏ ରାଜ୍ୟ ଏବଂ କେନ୍ଦ୍ର ମଧ୍ୟରେ ଯୋଗାଯୋଗ ନିମନ୍ତେ ସରକାରୀ ଭାଷା ହେବ। ଏହା ସହିତ କୌଣସି ରାଜ୍ୟର ଲୋକ ସଂଖ୍ୟାର କୌଣସି ଏକ ଭାଗ ଦ୍ୱାରା କଥିତ ଭାଷା ସମ୍ବନ୍ଧୀୟ ସୁନ୍ଦର ବ୍ୟବସ୍ଥା ମଧ୍ୟ ରଖାଯାଇଛି ଓ ଭାରତର ମହାମହିମ ରାଷ୍ଟ୍ରପତିଙ୍କ ସନ୍ତୁଷ୍ଟିରେ ସେହି ଭାଷା ବା କଥିତ ଭାଷା ବା ଆଂଚଳିକ ଭାଷାକୁ ସରକାରୀ ଭାଷା ରୂପେ ସ୍ୱୀକୃତ କରାଯାଇ ପାରିବ।

ସର୍ବୋଚ୍ଚ ନ୍ୟାୟାଳୟ, ଉଚ୍ଚ ନ୍ୟାୟାଳୟ ଇତ୍ୟାଦିର ଭାଷା ଉପରେ ମଧ ଆମର ସମ୍ବିଧାନ ଧାରା ୩୪୮ ଦୃଷ୍ଟିକୋଣ ସ୍ପଷ୍ଟ ରହିଛି। ଆଇନଦ୍ୱାରା ସଂସଦ ଅନ୍ୟ ବ୍ୟବସ୍ଥା କରିବା ପର୍ଯ୍ୟନ୍ତ ସର୍ବୋଚ୍ଚ ନ୍ୟାୟାଳୟ ଓ ପ୍ରତ୍ୟେକ ନ୍ୟାୟାଳୟର ସବୁ ପ୍ରୋସିଡିଙ୍ଗ, ନିର୍ଭରଯୋଗ୍ୟ ପାଠ୍ୟସକଳ, ଆଦେଶ, ନିୟମାବଳୀ, ଉପବିଧି ଆଦି ଆଦି ଇଂରାଜି ଭାଷାରେ ହେବ। ଆମେ ସ୍ୱାଧୀନତାର ୭୫ ବର୍ଷର ଅମୃତ ସ୍ୱାଦ ଚାଖୁଛେ। ଆମେ ଜନଗଣମନ ସଚେତନ ରହିଛେ। ଆମର ଜନପ୍ରତିନିଧିଗଣଙ୍କ ସ୍ୱଦେଶ ପ୍ରୀତିରେ ସାରା ଜଗତ ଚକିତ। ଏବେଳେ ଭାରତୀୟ ଭାଷାର ପ୍ରୟୋଗ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ହେବ। ଅସ୍ଥାୟୀ ବ୍ୟବସ୍ଥା ଧାରା ୩୪୮ର ପରିବର୍ତ୍ତନକରିବାକୁ ହେବ। ଏହା ନ ହେଲାଯାଏ ସାଧାରଣ ନାଗରିକ କିପରି ଭାବରେ ବିଚାର ବିଭାଗର ନିକଟତର ହେବ। ଦେବାନୀ କାର୍ଯ୍ୟବିଧି ସଂହିତା, ଯାହା ୧୯୦୮ରେ ଲାଗୁ ହେଲା ସେଥିରେ ସ୍ପଷ୍ଟ ଉଲ୍ଲେଖ ରହିଛି ଯେ ଦେବାନୀ ଅଦାଲତର ଭାଷା ହେଉଛି ଆଂଚଳିକ ଭାଷା। ଫୌଜଦାରୀ କାର୍ଯ୍ୟବିଧି ସଂହିତାରେ ମଧ୍ୟ ସରକାରୀ ଭାଷାକୁ ଅଦାଲତର ଭାଷା ବୋଲି ଲେଖା ଯାଇଛି। ଅଧିକନ୍ତୁ, ଭାରତୀୟ ଭାଷାଗୁଡିକ ଜ୍ଞାନ ଓ ବିଜ୍ଞାନର ଗନ୍ତାଘର। ଭାରତୀୟ ଭାଷାଗୁଡିକରେ ସାହିତ୍ୟ ପରଂପରା ଏବଂ ସମୃଦ୍ଧ ଶବ୍ଦ ଭଣ୍ଡାର ଭରି ରହିଛି। ତେଣୁ ତ ଜାତୀୟ ଶିକ୍ଷା ନୀତି ୨୦୨୦ରେ ନାଗରିକର ମାତୃଭାଷାରେ ଶିକ୍ଷା ଯୋଗାଇ ଦେବା ପାଇଁ ସବୁ ପଦକ୍ଷେପ ଗ୍ରହଣ କରାଯାଇଛି। ସମ୍ବିଧାନର ଧାରା ୩୫୦'କ'ରେ କହିଛି ଏୟା- ପ୍ରାଥମିକ ସ୍ତରରେ ମାତୃଭାଷାରେ ଶିକ୍ଷାଦାନର ସୁବିଧା। ସତରେ ମାତୃଭାଷାରେ ଇ ରହିଛି ଜୀବନର ସକଳ ରସ। ସୃଜନଶୀଳ ବିଚାରଧାରା ଏବଂ ସବୁଦିଗରୁ ବିଶ୍ଳେଷଣ ଦକ୍ଷତା ବିକଶିତ ହୋଇପାରେ କେବଳ ମାଟିର ଭାଷା ମାଧ୍ୟମରେ। ଭାରତକୁ ବିଶ୍ୱ ଗୁରୁ ଭାବେ ପୁନଃ ପ୍ରତିଷ୍ଠା ଲାଗି ଆମର ଯୋଉ ଉଦ୍ୟମ ଏହି ଦିଗରେ ଭାଷା ଗୁଡିକର ଆଲୋକ ନ ପଡିଲେ ତାହା ସମ୍ଭବ ହୋଇ ପାରିବ ନାହିଁ। ଭାଷାରେ ରହିଛି ଆମ ସଂସ୍କୃତି, ଆମ ପରଂପରା, ବିଶେଷକରି ଆଇନ ଶିକ୍ଷା କ୍ଷେତ୍ରରେ ପ୍ରୟୋଗ ହେଲେ ଇ ଭାରତବର୍ଷ ବିକଶିତ ହେବ, ସର୍ବସାଧାରଣଙ୍କ ଗୋଚରକୁ ଆସିବ ସବୁ ସ୍ପଷ୍ଟ ଭାବରେ ଆଉ ଏମିତି ହେଲେ ହିଁ ଆମ ଭାଷା ହେବ ସଶକ୍ତିକରଣର ମାଧ୍ୟମ।ଭାରତର ସମ୍ବିଧାନବିଷୟରେ, ଭାରତର ଆଇନକାନୁନ, ଅଦାଲତର କାର୍ଯ୍ୟ ଧାରା ପ୍ରତ୍ୟେକ ନାଗରିକଙ୍କ ପାଖରେ ପହଂଚୁ, ଆଇନ ବିଭାଗ ସ୍ୱଚ୍ଛ ରହୁ, ଏବଂ ସବୁ କିଛି ସମସ୍ତଙ୍କୁ ଉପଲବ୍ଧ ହେଉ, ତେବେ ସିନା ଆମେ ଭାରତର ଲୋକମାନେ ସାର୍ବଭୌମ ବୋଲି ଧରାଯିବ , ଯାହି ସମ୍ବିଧାନର ଆରମ୍ଭରୁ ଉଚ୍ଚାରଣ କରାଯାଇଛି। ଭାରତୀୟ ଭାଷାର ବ୍ୟବହାର ନ ହେଲାଯାଏ ନୂତନ ଯୁଗର ଆରମ୍ଭ ହେଲା ବୋଲି କହି ହେବ ନାହିଁ। ସେବା ସତ୍ୟ ନୈତିକ ଭଳି ମାନବିକ ମୂଲ୍ୟବୋଧ ଭାରତୀୟ ସମାଜରେ ଝଙ୍କୃତ ହେଉଛି ପ୍ରତେ ହେବ ନାହିଁ।

ସତ୍ୟ, ମା ହେଉଛନ୍ତି ସର୍ବଶ୍ରେଷ୍ଠ। ଠିକ୍ ସେପରି ମାତୃଭାଷା। ଉଭୟଙ୍କ ମାଧ୍ୟମରେ ସହଜରେ ସବୁକିଛି ପରିପ୍ରକାଶ କରିହୁଏ। ପୁଣି ଦେଖାଯାଏ ଯେଉଁ ଭାଷା ଯେତେ ବ୍ୟବହାର କରାଯାଏ ସେ ଭାଷା ସେତେ ପରିସ୍ଫୁଟିତ ହୁଏ। ଆମର ମାଟିର ଭାଷା ମାଧ୍ୟମରେ ଆମକୁ ଜାଣିବାର ଅଛି ଆମର ସମ୍ବିଧାନକୁ, ବୁଝିବାର ଅଛି ଆମର ନାଗରିକଙ୍କୁ ଆଉ ଗଢିବାର ଅଛି ଭାରତବର୍ଷକୁ ନୂଆ ରୂପରେ ଅମୃତ ମହୋତ୍ସବ ପାଳନ ସମୟରେ ଆଉ ଚାଲିବାର ଅଛି ବୀର ଦର୍ପରେ ବିଶ୍ୱ ବଡଦାଣ୍ଡରେ ସର୍ବାଗ୍ରେ। ଏତେବେଳେ ଭାଷା ବ୍ୟବହାର ରେ ଆମର ହୀନମନ୍ୟତା ଆମକୁ ଗ୍ରାସ ନ କରୁ। ଏତେବେଳେ ଆଇନ ଅଦାଲତ କ୍ଷେତ୍ରରେ ଆମର ଭାଷା ଆମର ବଡ ସହାୟକର ଭୂମିକା ନିର୍ବାହ କରୁ! ଭାରତୀୟ ଭାଷା ହିଁ ଭାରତର ନ୍ୟାୟାଳୟକୁ ଲୋକାଭିମୁଖୀ କରିବ, ମାନ ସମ୍ମାନ ବୃଦ୍ଧି କରାଇବ, ସତ୍ୟ ମେବ ଜୟତେ ଗାନ ଚାରିଆଡକୁ ମୁଖରିତ କରାଇବ, ସାଧାରଣ ନାଗରିକଟିଏ ନ୍ୟାୟ ପାଇବା ଦିଗରେ ଲାଭାନ୍ୱିତ ହୋଇ ପାରିବ। ଆଶା ଓ ବିଶ୍ୱାସ ଥାଉ- ଭାରତୀୟ ଜନମାନସର ପ୍ରତିଛବି ନ୍ୟାୟାଳୟରେ ପ୍ରତିଫଳିତ ହେଉ, ପ୍ରଧାନ ବିଚାରପତି ନ୍ୟାୟଧୀଶ ଚନ୍ଦ୍ରଚୂଡ ସ୍ଥାନୀୟ ଭାଷାକୁ ପ୍ରାଥମିକତା ଦେଇ ପ୍ରତ୍ୟେକ ଭାରତୀୟ ନାଗରିକଙ୍କ ପାଇଁ ସ୍ମରଣୀୟ ହୋଇ ରହନ୍ତୁ! ମାନ୍ୟବର ଚନ୍ଦ୍ରଚୂଡ କରୁଣାର୍ଦ୍ର, ଚିନ୍ତାଶୀଳ, ଆଉ ସାଧାରଣ ନାଗରିକ ଅଧିକାର ପ୍ରତି ବିଶେଷ ଯତ୍ନଶୀଳ ରହନ୍ତୁ! ନ୍ୟାୟ ପ୍ରଦାନଶୈଳୀକୁ, ସତ୍ୟର ପ୍ରତିଷ୍ଠାକୁ ବିକାଶଶୀଳ କରାଇ, ସମଗ୍ର ବିଚାରବିଭାଗକୁ ଭାରତୀୟ କରଣ କରିବାରେ ସହାୟକ ହୋଇ ନିଜ ଶ୍ରେଷ୍ଠତ୍ୱର ପ୍ରମାଣ ଦେଖାଇବା ହୁଅନ୍ତୁ ତାଙ୍କର ଆଗାମୀ ଦୁଇ ବର୍ଷ କାର୍ଯ୍ୟ କାଳ ଭିତରେ! ସତ୍ୟ ଓ ନ୍ୟାୟର ପ୍ରତିଷ୍ଠା ହେଉ!

*ତପୋବନ, ଟିଟିଲାଗଡ, ବଲାଙ୍ଗୀର*

# ଈଶ୍ୱର ଓ ଜଗତ ଜୀବନ

କିଶୋର ମହାନ୍ତି

ଆଜି ବିଶ୍ୱର ସମସ୍ତ ମାନବ ଭିତରେ ନୈରାଶ୍ୟ ତଥା ହତାଶ ଭାବ ପରିଲକ୍ଷିତ ହେଉଛି। ଅମୂଲ୍ୟ ମହାର୍ହ ଅମୃତମୟ ମଣିଷ ଜୀବନ ଆଜି ଯନ୍ତ୍ରଣା ଦଗ୍ଧ, ରୋଗଗ୍ରସ୍ତ। ସମଗ୍ର ବିଶ୍ୱରେ ଯାହା ମହାମାରୀର ରୂପ ନେଇଛି। ବ୍ୟାଧି ଯେ ଜୀବନକୁ ଏମିତି ଭାବରେ କବଳିତ କରେ ତାହା ଏଇ ଶତାବ୍ଦୀର ଚରମ ଉପଲବ୍ଧି। ସ୍ଥାନ, କାଳ, ପାତ୍ର ନଦେଖି ଧର୍ମ ଅଧର୍ମ କୁ ଆଡ଼େଇ ସାରା ବିଶ୍ୱରେ କରୋନାର ଦ୍ୱିତୀୟ ଲହର ଭୟଙ୍କର କଳାଛାଇ ଯେମିତି ମାଡ଼ି ଆସୁଛି ଓ ମୃତ୍ୟୁର ତାଣ୍ଡବ ଲୀଳା ରଚି ସମଗ୍ର ବିଶ୍ୱକୁ ଶ୍ମଶାନରେ ପରିଣତ କରିଦେବ ସତେ ଯେମିତି। ଏ ଘୋର ଘଡ଼ିସନ୍ଧି ବେଳରେ ମଣିଷ ନିଜକୁ ସଶକ୍ତ କରିବା ଏକାନ୍ତ ବିଧେୟ। ନିଜର ଆତ୍ମବଳ, ଆତ୍ମବିଶ୍ୱାସ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ପରାକ୍ରମୀ କରୋନାକୁ ସମୂଳେ ବିଧ୍ୱଂସ କରିବା ହିଁ ଆଜି ଏ ମୂହୁର୍ତରେ ପ୍ରତିଟି ବ୍ୟକ୍ତିର ଚରମ କର୍ତବ୍ୟ ହେଉ। ଆଜି ସମସ୍ତଙ୍କ ପାଇଁ ଏକ ପରୀକ୍ଷାର ସମୟ। ଆଜି କରୋନା ଦାଢ଼ରେ ଯିଏକି ଏକ ପ୍ରଗତିଶୀଳ ରାଷ୍ଟ୍ର ଇଟାଲୀ, ଆମେରିକା, ସ୍ପେନ୍,ଫ୍ରାନ୍ସ, ଜର୍ମାନ୍, ବ୍ରିଟେନ୍, କୋରିଆ, ଚୀନ୍ ହାର ମାନିସାରିଲେଣି। ଏ କ୍ଷେତ୍ରରେ ନିଜକୁ ସାତ୍ୱିକ ମନନେଇ ଜଣେ ଯୋଦ୍ଧା ସେନାନୀ ଭାବେ ମୁକାବିଲା କରିବା ସର୍ବାଦୌ କର୍ତବ୍ୟ। ଦେଖାଯାଉଛି ଆଜି ସମସ୍ତଙ୍କ ମନରେ ଐଶ୍ୱରୀୟ ଚୈତ୍ୟନ୍ୟ ଉଦ୍ରେକ ହୋଇଛି। ଚାରିଆଡ଼େ ମହାମାନବିକତାର ମନ୍ତ୍ର ଗୁଞ୍ଜରିତ ହେଉଛି। ଈଶ୍ୱର ଓ ଐଶ୍ୱରୀୟ ଭାବନା ଭିତରେ ମଗ୍ନ ହୋଇ ମଣିଷ ନିଜର ସାଧାନା ଓ ସିଦ୍ଧି ପଥରେ ଆଗେଇବାର ଏ ହେଉଛି ମାହେନ୍ଦ୍ର ମୂହୂର୍ତ୍ତ। ନିଜ ଭିତରେ ନିଜକୁ ଖୋଜିବାର ଅବସର ଏ। ଅନ୍ତର ଭିତରେ ଯେ ସ୍ୱୟଂ ଭଗବାନ ବିଦ୍ୟମାନ ଏକଥା ଆମେ ଭୁଲିଯିବା କିପରି ?

ଭଗବତ୍ ଗୀତାରେ ଶ୍ରୀକୃଷ୍ଣ ନିଜେ ଅର୍ଜୁନକୁ ସୂଚାଇ ଦେଇଛନ୍ତି –

''ରସୋଽହଂ ଅପ୍ସୁ କୌନ୍ତେୟ
ପ୍ରଭାସ୍ମି ଶଶି ସୂର୍ଯ୍ୟୟୋଃ
ପ୍ରଣବଃ ସର୍ବବେଦେଷୁ
ଶବ୍ଦଃଖେ ପୌରଷଂ ନୃଷୁ।''

କହିଛନ୍ତି – ହେ କୁନ୍ତିପୁତ୍ର ଅର୍ଜୁନ! ମୁଁ ଜଳରେ ରସ ବା ସ୍ୱାଦୁ, ସୂର୍ଯ୍ୟ ଚନ୍ଦ୍ର ଠାରେ ଥିବା ଆଲୋକ, ବୈଦିକ ମନ୍ତ୍ରରେ ମୁଁ ହେଉଛି ଓଁକାର, ଆକାଶରେ ମୁଁ ଶବ୍ଦ ଏବଂ ମାନବ ଠାରେ ଥିବା ପୌରୁଷ ଅଟେ।

ଏହାଠାରୁ ଭାକ୍ତିକ ବୃହତର ଚିନ୍ତାଧାରା ଆଉ କଣ ଥାଇପାରେ। ସେଇ ପୌରୁଷର ସତ୍ତା ହିଁ ମଣିଷ ଭିତରେ ଐଶ୍ୱରୀୟ ସତ୍ତା, ସେହିପରି ଯେତେବେଳେ ଆମେ କିଛି ଆଲୋକ ଦେଖୁ ତାହା ମଧ୍ୟ କୃଷ୍ଣଙ୍କର ଅଟେ। ପ୍ରକୃତ ଜ୍ୟୋତି, ପରବ୍ୟୋମରେ ବ୍ରହ୍ମଜ୍ୟୋତି ଭାବରେ ଅଛି ଯାହାକି କୃଷ୍ଣଙ୍କ ଶରୀରରୁ ଉଦ୍‌ଗତ ହୁଏ।

ଭୌତିକ ବ୍ରହ୍ମାଣ୍ଡର ପ୍ରକୃତି ହେଉଛି ଅନ୍ଧକାରମୟ। ଯାହାକି ଗତି ହେଲେ ଆମେ ଅନୁଭବ କରୁ। ଯେତେବେଳେ ଆମେ ପ୍ରଭୁଙ୍କ ନାମ ଉଚ୍ଚାରଣ କରୁ ଆମ ଭୌତିକ ଦୋଷ କ୍ଷୟ ହୋଇଥାଏ।

କହିବାକୁ ଗଲେ କୃଷ୍ଣ ହିଁ ଶବ୍ଦ, ଆଲୋକ, ଜଳ ଏବଂ ଅନେକ କିଛି ପଦାର୍ଥ ଜାଣିବା ଦ୍ୱାରା ଆମେ କୃଷ୍ଣ ବା ଈଶ୍ୱରଙ୍କୁ ଅନୁଭବ କରୁ।

ପୁନରାୟ ପ୍ରଭୁ ନିଜେ କହିଛନ୍ତି "ମୁଁ ପୃଥିବୀର ମୌଳିକ ଗନ୍ଧ ଅଟେ। ମୁଁ ଅଗ୍ନିର ଉତାପ ଅଟେ। ମୁଁ ସମସ୍ତ ଜୀବଙ୍କର ଜୀବନ ଅଟେ ଏବଂ ମୁଁ ତପସ୍ୱୀମାନଙ୍କର ତପସ୍ୟା ଅଟେ।" ଏଣୁ କୃଷ୍ଣଚେତନା ଭିତରେ ନିମଗ୍ନ ନହେଲେ ସାଧନାରେ ସିଦ୍ଧି ମଳିବା ଦୁରହ। ଆମେ କିନ୍ତୁ ଆଧ୍ୟାତ୍ମ ଜଗତରୁ ଓହରି ଆସି ତାମସିକ ଜଗତ ସହ ଅଧିକ ଜଡ଼ିତ ହୋଇଯାଉଥିବାରୁ ଆମର ଏଇ ଦୁର୍ଗତି ଆଉ ଆମର ଶେଷ ପରିଣତି କଣ ତାହା କାହାକୁ ଅଜ୍ଞାତ ନାହିଁ। ଏ କଥା ସତ୍ୟ ଯେ, ସତ୍ୟମେବ ଜୟତେ – ସତ୍ୟର ଅବଶ୍ୟ ଜୟ ହେବ। ସକରାତ୍ମକ ମୂଲ୍ୟବୋଧମାନଙ୍କ ମଧ୍ୟରେ ସତ୍ୟ ହିଁ ପ୍ରଥମ ଓ ପ୍ରଧାନ ମୂଲ୍ୟବୋଧ ରୂପେ ସ୍ୱୀକୃତ ହୋଇଛି। ଅସତ୍ୟରୁ ମୁକ୍ତ ହୋଇ ସତ୍ୟକୁ ଗମନ କରିବାରେ ମାନବ ଜୀବନର ସାର୍ଥକତା ନିହିତ। ସତ୍ୟର ଅପଳାପ କରିବା ମିଥ୍ୟାର ଆଶ୍ରୟ ନେବା ହେଉଛି ଅମାନବିକତା। ନିଜେ ସତ୍ୟରେ ପରିଚାଳିତ ହେଲେ ଆସୁରୀୟ ଶକ୍ତିର ନିଶ୍ଚୟ ଅବସାନ ଘଟିବ। ଅସାଧ କାର୍ଯ୍ୟ ସାଧନ କ୍ଷେତ୍ରରେ ଆମକୁ ସଙ୍କଳ୍ପ ନେବାକୁ ହେବ।

ଏ କ୍ଷେତ୍ରରେ ଆତ୍ମିକ ବଳକୁ ଉଜାଗର କରିବାକୁ ହେବ। ଆତ୍ମ ବିଶ୍ଳେଷଣ ହେଉଛି ଆତ୍ମ ପରୀକ୍ଷଣ। ଏହି ପରିପ୍ରେକ୍ଷୀରେ କୁହାଯାଇପାରେ ଥରେ ଆଟ୍‌ଲାଣ୍ଟିକ୍ ମହାସାଗରରେ ଅଗତିର ଜଳରାଶିରେ ଦାର୍ଶନିକ ବଟ୍ରାଂଡ୍ ରସେଲ୍‌ଙ୍କ ଉଡ଼ାଜାହାଜ ଖସିପଡ଼ିଲା, ଅନେକ ଯାତ୍ରୀ ନିଜକୁ ଅସହାୟ ମଣି ପାଣିରେ ବୁଡ଼ିଗଲେ। ସହାୟତା ପହଞ୍ଚିଲା ବେଳକୁ ଦେଖାଗଲା ଯେ ବଟ୍ରାଣ୍ଡ ରସେଲ୍ ନିଜ ଓଭରକୋର୍ଟ ପିନ୍ଧି ଆଟ୍‌ଲାଣ୍ଟିକାରେ ପହଁରୁଛନ୍ତି। ଏଣୁ ଏହା ହେଉଛି ଆତ୍ମସହାୟକତା। ନିଜକୁ ନିଜେ ସହାୟ ହୁଅନ୍ତୁ। ଆତ୍ମସହାୟକତା ତାର ଅର୍ଥ ହେଉଛି ନିଜ ଶକ୍ତି ସାମର୍ଥ୍ୟକୁ ପୂର୍ଣ୍ଣ ଉପଯୋଗ କରି ଲକ୍ଷ୍ୟ ସାଧନାରେ ବ୍ରତୀ ହେବା।

ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବିଚାର କଲେ ଆତ୍ମାର ଦିବ୍ୟତାର ତିନୋଟି ବିନ୍ଦୁରେ ସମାହିତ ହୁଏ। ଯୋଗୀ ଶ୍ରୀ ଅରବିନ୍ଦଙ୍କ ଦୃଷ୍ଟିରେ – ଏକତ୍ୱବୋଧ, ପାରସ୍ପାରିକତା ଏବଂ ସମତାନତା। ଏସବୁକୁ ଦୃଷ୍ଟିରେ ରଖି ପ୍ରତିଟି ମଣିଷ ଆଜି ନିଜକୁ ସାଧିବାକୁ ହେବ। ଘାତ ପ୍ରତିଘାତକୁ ସାମ୍ନା କରିବାର କ୍ଷମତା ତା ପାଖରେ ରହିଛି। ତାହା ହେଉଛି ନିଜ ଭିତରେ ଥିବା ଆତ୍ମବଳ। ସେଇ ସୁଦୃଢ଼ ଆତ୍ମବଳ ହିଁ ଏ ଗମ୍ଭୀର ସଙ୍କଟରୁ ରକ୍ଷା କରିପାରିବ। ଈଶ୍ୱର ହିଁ ସବୁକିଛି। ତାଙ୍କର ଅପାର କରୁଣା ହେଲେ ଏ ପୃଥିବୀ ଓ ଜନସମାଜ ଏ ସଙ୍କଟରୁ ମୁକୁଳି ପାରିବ। ଏଥିରେ ସନ୍ଦେହର ଅବକାଶ ନାହିଁ।

*ଇ-୫୦, ସେକ୍ଟର -୭,*
*ସିଡ଼ିଏ, କଟକ-୧୪*
*ଦୂରଭାଷ : ୯୪୩୭୭୨୮୪୭୫*

# ଆସ ଟଙ୍କା ଦେବା, ସମ୍ବର୍ଦ୍ଧିତ ହେବା



ପ୍ରଦୀପ୍ତ ଆଚାର୍ଯ୍ୟ

ଆମ ଗାଁ ପାଖ କଲରାବାଙ୍କ ହାଇସ୍କୁଲ୍‌ର ଶିକ୍ଷକ ତପନ ସାର୍ ମୋ ଲିଖିତ କବିତା ଏବଂ ସମ୍ପାଦକୀୟ ସ୍ତମ୍ଭର ଜଣେ ଗୁଣମୁଗ୍ଧ ପାଠକ। ମୋର ପ୍ରାୟ ପ୍ରତ୍ୟେକ ସାମାଜିକ ସଚେତନତାଧର୍ମୀ ଲେଖା ସମ୍ବାଦ ପତ୍ରରେ ପ୍ରକାଶିତ ହେବା ପରେ, ସେ ମୋ ପାଖକୁ ଫୋନ୍ କରି ପୁଙ୍ଖାନୁପୁଙ୍ଖ ତର୍ଜମା କରନ୍ତି। ସେଦିନ ତାଙ୍କ ବିଦ୍ୟାଳୟର ଅନ୍ୟତମ ଶିକ୍ଷକ ବନ୍ଧୁ ଶିବସାରଙ୍କ ସାଙ୍ଗରେ ମୋ ପାଖକୁ ଆସିଥିଲେ, ତାଙ୍କ ବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଯାଉଥିବା ବାର୍ଷିକୋତ୍ସବରେ, ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପ୍ରଦର୍ଶିତ କରାଇବା ନିମନ୍ତେ,ଏକ କ୍ଷୁଦ୍ର ଶିକ୍ଷଣୀୟ ନାଟକର ଲେଖା ପାଇଁ। ମୋ ଅଫିସ୍‌ରେ ବସି କଥୋପକଥନ ସମୟରେ, କାନ୍ଥରେ ଅଯତ୍ନ ସହିତ ଟଙ୍ଗା ଯାଇଥିବା କେତୋଟି ସମ୍ବର୍ଦ୍ଧନା ପତ୍ର ଉପରେ ଆଖି ବୁଲାଇ ପଚାରିଲେ, ସାର୍ ଆପଣଙ୍କ କବିତା ଓ ସ୍ତମ୍ଭ ଲେଖାତ ବହୁତ ସମ୍ବାଦ ପତ୍ରରେ ପ୍ରକାଶିତ ହେଉଛି ଏବଂ ଆପଣ ମଧ୍ୟ ବହୁ ସଭା ସମିତି ରେ ଅତିଥି ଓ ବକ୍ତା ରୁପେ ଯୋଗଦାନ କରୁଛନ୍ତି, କିନ୍ତୁ ଆପଣ ମାତ୍ର ଏଇ ସାତ ଆଠଟି ମାନପତ୍ର ପାଇଛନ୍ତି ? ଉଚ୍ଚ ସ୍ୱରରେ ମନଖୋଲା ହସଟିଏ ହସି, କହିଲି, ସାର ଆଜିକାଲି ସାହିତ୍ୟ ଦୁନିଆରେ, ଅର୍ଥ ବିନିମୟରେ, ଖଣ୍ଡିଏ ମାନପତ୍ର ଓ ଉତରୀୟ କ୍ରୟ କରିବା ମାନସିକତା ଠାରୁ ମୁଁ ବହୁ ଉର୍ଦ୍ଧ୍ୱରେ। ଡିଜିଟାଲ ଦୁନିଆରେ, ସାମାଜିକ ଗଣମାଧ୍ୟମର ବ୍ୟାପକତା ଯୋଗୁଁ, ଲେଖକ ଲେଖିକାଙ୍କ ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧିପାଇଥିବା ସାଙ୍ଗେ ସାଙ୍ଗେ, ସେମାନଙ୍କର ସମ୍ବର୍ଦ୍ଧିତ ହେବାର ନିଶା ଓ ଆକାଂକ୍ଷାକୁ ଲକ୍ଷ କରି, ଛତୁ ଫୁଟିବା ପରି ସାହିତ୍ୟାନୁଷ୍ଠାନ ଗୁଡିକ ଗଢି ଉଠିଛି ଏବଂ ଅର୍ଥ ବିନିମୟରେ, ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ନିମନ୍ତେ ସମତାଳରେ ସୃଷ୍ଟି ହୋଇଛନ୍ତି ଗୁଡିଏ ସମ୍ବର୍ଦ୍ଧନା ବେପାରୀ। ସମ୍ବର୍ଦ୍ଧନା ପତ୍ର ପ୍ରାପ୍ତିର ଲାଳସାରେ ମୋର ସେଇଦିନ ଭଟ୍ଟା ପଡିଯାଇଥିଲା ଏବଂ ଘୃଣାଭାବ ସୃଷ୍ଟି ହୋଇଥିଲା, ଯେଉଁଦିନ ଦେଖିଲି, ଆମ ଗ୍ରାମ ପାଖର ଜଣେ ଯୁବକ, ତମାମ କୋଭିଡ ବ୍ୟାପୁଥିବା ସମୟ ତକ, ନିଜର ଶାରୀରିକ ଅସୁସ୍ଥତା ବଶତଃ, ଘରେ ରହି ବିଭିନ୍ନ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସିତ ହେଉଥିବା ସମୟରେ,ଏକ ସୁନ୍ଦର ରଙ୍ଗୀନ"କୋଭିଡ ଯୋଦ୍ଧା"ପ୍ରମାଣ ପତ୍ର ଖଣ୍ଡିଏ ହସ୍ତଗତ କରି ଫେସବୁକ୍‌ରେ ପୋଷ୍ଟ କରିଦେଇଥିଲେ। ମୋର ସେଦିନ ଧାରଣା ଦୃଢୀଭୂତ ହୋଇଥିଲା ଯେ, ସମ୍ବର୍ଦ୍ଧିତ ହେବା ନିମନ୍ତେ, ଦକ୍ଷତା ବା ଯୋଗ୍ୟତା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ଚଂଚକତା ପ୍ରୟୋଗ ର କଳା କୌଶଳ ଆୟତ କରିବା ତତୋଽଧିକ ଗୁରୁତ୍ୱପୂର୍ଣ୍ଣ। ମୋ ପାଠକ ଯେତେବେଳେ, ମୋ ପାଖକୁ ପାଖକୁ ଫୋନ କରି, ମୋ ଲେଖା ସମ୍ବନ୍ଧରେ ଆଲୋଚନା କରେ, ମୁଁ ଅନୁଭବ କରେ, ରଙ୍ଗୀନ ଚିତ୍ରିତ କାଗଜ ଉପରେ ଲିଖିତ ମାନପତ୍ର ଅପେକ୍ଷା, ଏହା ମୋ ପାଇଁ ଢେର୍ ଅଧିକ! ଆଉ ସମ୍ବର୍ଦ୍ଧନା ପତ୍ର ପ୍ରାପ୍ତିର ନିଶା ଓ ମାୟାରେ ଉବୁଟୁବୁ ହେଉଥିବା ମାନବ ରୂପି ମୀନ ମାନଙ୍କୁ ଶୀକାର କରିବା ନିମନ୍ତେ, ସାହିତ୍ୟାନୁଷ୍ଠାନ କର୍ତୃପକ୍ଷ ରୂପି ଧୀବର ମାନେ ସୁକ୍ଷ୍ମ ଜାଲ ବିଛାଇ ଅପେକ୍ଷାରତ। ମୋର ଗୋଟିଏ ବ୍ୟକ୍ତିଗତ ଅନୁଭୂତି କହୁଛି ଶୁଣନ୍ତୁ। ଦିନେ ସକାଳୁ ସକାଳୁ, ଆଳିର ଜଣେ ବନ୍ଧୁ ଶ୍ରୀଯୁକ୍ତ ଅକ୍ଷୟ ପଣ୍ଡା ଫୋନ କରି ଅତ୍ୟନ୍ତ ଉତ୍‌ଫୁଲ୍ଲିତ ହୋଇ କହିଲେ, ସାର, ମୁଁ ଅବଦୁଲ କାଲାମ ଆୱାର୍ଡ ପାଇବା ପାଇଁ ମନୋନୀତ ହୋଇଛି, ଆସନ୍ତା ରବିବାର ଦିନ ଭୁବନେଶ୍ୱରରେ, ମୋତେ ସମ୍ବର୍ଦ୍ଧିତ କରାଯିବ। ସମ୍ବର୍ଦ୍ଧିତ ହେବାକୁ ଚୟନ କରାଯାଇଥିବା ପ୍ରତିଭାଧାରୀ ମାନଙ୍କୁ, ସ୍ୱୟଂ ମହାନୁଭବ, ମାନ୍ୟବର ରାଜ୍ୟପାଳ ମହୋଦୟ,ମାନପତ୍ର,ଉତରୀୟ ଏବଂ ଆର୍ଥିକ ରାଶି ପ୍ରଦାନ ପୂର୍ବକ ସମ୍ମାନିତ କରିବେ। ମୁଁ ପଚାରିଲି ଆପଣ ତାଙ୍କ ପାଖକୁ ପାଂଚହଜାର ଟଙ୍କା ପଠାଇ ସାରିଲେଣି ? ହଠାତ୍ ଚମକି ପଡିବା ପରି ସ୍ୱରରେ ପଚାରିଲେ, ଆପଣ କେମିତି ଜାଣିଲେ ? ମୁଁ କହିଲି ,ମୋତେ ମଧ୍ୟ ଏହି ସଂସ୍ଥା ସମ୍ବର୍ଦ୍ଧିତ କରିବେ ବୋଲି ପ୍ରସ୍ତାବ ଦେଇଥିଲେ, କିନ୍ତୁ ଏହା ଏକ ଠକ ସଂସ୍ଥା ବୋଲି ସନ୍ଦେହ ହେବାରୁ, ମୁଁ ଏ ପ୍ରସ୍ତାବରେ ସହମତି ପ୍ରକାଶ କଲି ନାହିଁ। ସେଦିନ କିନ୍ତୁ ସୃଷ୍ଟି ହୋଇଥିବା ଧାରଣା ଆଜି ଦୃଢିଭୁତ ହୋଇଗଲା। କାରଣ ସେ ମୋତେ ଦୁଇମାସ ତଳେ ଆସନ୍ତା ରବିବାର ହେବ ବୋଲି କହିଥିଲେ, ଆଜି ମଧ୍ୟ ଆପଣଙ୍କୁ ଆସନ୍ତା ରବିବାର ହେବ ବୋଲି କହୁଛନ୍ତି। ଯେଉଁ ବ୍ୟକ୍ତି ମୋତେ ପ୍ରସ୍ତାବ ଦେଇଥିଲେ, ସେ ପ୍ରଥମେ ମୋର ସମସ୍ତ ତଥ୍ୟ ବୁଝି ସାରିବା ପରେ କହିଥିଲେ, ଆପଣଙ୍କୁ ମାନପତ୍ର ଉତରୀୟ ସହିତ, ପଚିଶି ହଜାର ଟଙ୍କା ନଗଦ ଅର୍ଥ ପ୍ରଦାନ କରାଯିବ। ଗୋଟିଏ ପତ୍ରିକାରେ ସମ୍ବର୍ଦ୍ଧିତ ହେବାକୁ ଯାଉଥିବା, ଏଗାର ଜଣଙ୍କର ସଂପୂର୍ଣ୍ଣ ବିବରଣୀ ତଥା ଗୋଟିଏ ପୂର୍ଣ୍ଣ ଅବୟବ ଫଟୋ ସ୍ଥାନୀତ ହେବ। ତେଣୁ ଆପଣ ଯଥାଶୀଘ୍ର ,ମୁଁ ଦେଉଥିବା ହ୍ୱାଟସଆପରେ ଫଟୋଟିଏ ପଠାନ୍ତୁ। ଆଉ ମୁଁ ଗୋଟିଏ ଆକାଉଂଟ ନମ୍ବର ଦେଉଛି, ସେଥିରେ ଆପଣ ପାଂଚ ହଜାର ଟଙ୍କା ପଠାଇ ଦିଅନ୍ତୁ। ମୁଁ କାହିଁକି ଟଙ୍କା ପଠାଇବି ବୋଲି କାରଣ ପଚାରିବାରୁ, ସେ କହିଲେ, ଆପଣଙ୍କୁ ଯେଉଁ ମାନପତ୍ରଟି ଦିଆଯିବ, ତାହା ସାଧାରଣ ମାନପତ୍ର ନୁହେଁ, ତାହାର ଦାମ୍ ତିନି ହଜାର। ଦାମିକା ପତ୍ରିକାଟି ଛପାହେବ। ତେଣୁ ଏସବୁ ଆପଣଙ୍କ ପାଇଁ ଖର୍ଚ୍ଚ ହେବାପରେ, ଆପଣ କାଳେ ନଆସିବେ, ତେଣୁ ଅଗ୍ରୀମ ଟଙ୍କା ନିଆଯାଉଛି। ରାଜ୍ୟପାଳଙ୍କ ହସ୍ତରୁ ସମ୍ବର୍ଦ୍ଧିତ ହେବା ଏବଂ ନଗଦ ପଚିଶ ହଜାର ଟଙ୍କା ପାଇବାର ଚରମ ଉତେଜନା, ଅଗ୍ରୀମ ଦେବା କଥା ଶୁଣି କ୍ରମେ ହ୍ରାସ ପାଇବାରେ ଲାଗିଲା ଏବଂ ସନ୍ଦେହ ବୃଦ୍ଧି ହେବାରେ ଲାଗିଲା। ମୁଁ ତାଙ୍କୁ କହିଲି, ମୁଁ ନିଶ୍ଚୟ ଯିବି ଏବଂ ସେଠାରେ ପହଂଚିବା ପରେ ଆପଣଙ୍କୁ ଟଙ୍କା ଦେବି। ସେ ଏଥିରେ ଅସମ୍ମତି ପ୍ରକାଶ କରି, ମୋର ବିଶ୍ୱାସ ବୃଦ୍ଧି ନିମନ୍ତେ ଯତ୍‌ପରୋନାସ୍ତି ପ୍ରଚେଷ୍ଟା ଆରମ୍ଭ କରି ନିରାଶ ହେବା ପରେ, ଶେଷ ଅସ୍ତ୍ର ସ୍ୱରୁପ କହିଲେ, ସାର୍ ସୁଯୋଗ ଆପଣଙ୍କ ପାଖକୁ ଆସିଥିଲା, ଆପଣ ତାର ସଦ୍‌ବ୍ୟବହାର କଲେ ନାହିଁ, ପଛରେ ଅନୁତାପ କରିବେ। ମୁଁ କହିଲି ଭାଇ, ଗଡ୍ ଇଜ୍ ଡିରେକ୍ଟର, ମ୍ୟାନ ଇଜ୍ ଆକ୍ଟର, କରି କରାଉ ଥାଏ ମୁହିଁ, ମୋ ବିନୁ ଆନ ଗତି ନାହିଁ। ତେଣୁ ମୁଁ ନପାଇବାଟା ତାଙ୍କରି ଇଚ୍ଛା,ମୋର କିଛି ଅନୁଶୋଚନା ନାହିଁ। ପଣ୍ଡା ବାବୁ ମୋଠାରୁ ଏସବୁ ଶୁଣି ସାରିବା ପରେ, କହିଲେ, ସାର, ଦୁଇଦିନ ହେବ ଉତେଜନା ବଶତଃ ମୁଁ ଠିକ୍ ଭାବରେ ଖାଇପାରୁନାହିଁ କିମ୍ବା ଶୋଇପାରୁନାହିଁ। ଆପଣ ମୋତେ ରକ୍ଷା କରିଦେଲେ। ମୁଁ କହିଲି ଦେଖନ୍ତୁ ପଣ୍ଡା ବାବୁ, ସେମାନେ ମୋତେ ପଚିଶ ହଜାର କହିଥିଲେ ଆପଣଙ୍କୁ କୋଡିଏ ହଜାର କହିଲେ, ମୋତେ ଦୁଇଦିନ ପର ରବିବାର କଥା କହିଥିଲେ, ଆପଣଙ୍କୁ ଦୁଇମାସ ପରେ ମଧ୍ୟ ସେ ଆସନ୍ତା ରବିବାର କଥା କହିଲେ। ବିଜ୍ଞାପନ ବାହାରିଥିବା ସମ୍ବାଦ ପତ୍ରର ଯେଉଁ ନକଲ ହ୍ୱାଟସଆପରେ ପଠାଇଥିଲେ, ସେଥିରେ ସମ୍ବାଦ ପତ୍ରର ନାମ, ତାରିଖ ନଥିଲା ଏବଂ ଆସନ୍ତା ରବିବାର କେତେ ତାରିଖ ତାହା ମଧ୍ୟ ନଥିଲା। ହୁଏତ ସେ ସଂସ୍ଥା ଠିକ୍ ହୋଇପାରିଥାଏ, ମୁଁ ସେ ବାବଦରେ ଅନୁସନ୍ଧାନ କରିନାହିଁ। କିନ୍ତୁ ମୁଁ ସମ୍ବର୍ଦ୍ଧିତ ହେବା ଲୋଭରେ, ଜଣେ ଅଚିହ୍ନା ଲୋକର ଫୋନ ଉପରେ ବିଶ୍ୱାସ କରି, ଗୋଟିଏ ଅଜଣା ଆକାଉଂଟ ନମ୍ବରକୁ ପଇସା ନପଠାଇ କଣ ଭୁଲ୍ କରିଛି ? ପଣ୍ଡା ବାବୁ କହିଲେ ଆପଣତ କେବଳ ଠିକ୍ କରିନାହାନ୍ତି, ମୋତେ ମଧ୍ୟ ଭୁଲ୍ ପଥର ପଥିକ ହେବାରୁ ନିବୃତ କରାଇଛନ୍ତି। ତପନ ସାର ଓ ଶିବ ସାର୍ ଏ ସତ୍ୟ ଆଧାରିତ କାହାଣୀ ଶୁଣି ସାରିବେ ପରେ ତାଙ୍କୁ ପଚାରିଲି, ସାର, ଆପଣ ମୋ ଘରେ ଆଉ ଅଧିକ ସମ୍ବର୍ଦ୍ଧନା ପତ୍ର ଦେଖିବାକୁ ଚାହୁଁଛନ୍ତି ? ସେମାନେ କହିଲେ ନାଁ ସାର୍ , କେବଳ ଅଯୋଗ୍ୟ ବ୍ୟକ୍ତିହିଁ, ସମ୍ବର୍ଦ୍ଧନା ପତ୍ର କ୍ରୟ କରିବାକୁ ବ୍ୟାକୁଳତା ପ୍ରକାଶ କରନ୍ତି। ମୁଁ କହିଲି ତାହା ମଧ୍ୟ ଶତପ୍ରତିଶତ ଠିକ୍ ନୁହେଁ, କାରଣ ସମାଜରେ ଅନେକ ଯୋଗ୍ୟ ଓ ଦକ୍ଷ ବ୍ୟକ୍ତି ଅଛନ୍ତି,ଏବଂ ଅନେକ ସଚ୍ଚୋଟ ଅନୁଷ୍ଠାନ ମଧ୍ୟ ଅଛି, ଯେଉଁମାନେ ପ୍ରକୃତ ପ୍ରତିଭାଧାରୀଙ୍କୁ ବିନା ଅର୍ଥରେ ସମ୍ବର୍ଦ୍ଧିତ କରିବାକୁ ପଶ୍ଚାତପଦ ହୁଅନ୍ତି ନାହିଁ। କିନ୍ତୁ ସେମାନଙ୍କ ସଂଖ୍ୟା ନଗଣ୍ୟ।

*ଅବସରପ୍ରାପ୍ତ ପ୍ରଧାନଶିକ୍ଷକ*
*ଇଶାଣୀବ୍ରହ୍ମପୁର,କଟକ*
*ଦୂରଭାଷ : ୬୩୭୧୫୯୩୨୨୦*

## ଧାରାବାହିକ ଉପନ୍ୟାସ

### ବିଧୁମଞ୍ଜୁଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୩୪




*(ପୂର୍ବପ୍ରକାଶ ଉତ୍ତାରୁ)*

ଅନିମେଶ୍ ପ୍ରକୃତରେ ତା ବଗିଚାର ପ୍ରଥମ ଫୁଲ ତାକୁ ଭେଟିଦେଇଛି ବୋଲି କହିବାପରେ ମନିଷା ଖୁବ୍ ଖୁସି ହୋଇ କହିଲା- ଏଇଟା ଆମର ବୋଧହୁଏ ପ୍ରଥମ ସାକ୍ଷାତ ଆଉ ତା ସହିତ ପ୍ରଥମ ବାର୍ତ୍ତାଳାପ ବି? ଅନିମେଶ୍ ହଁ ଭରିଲା। ଠିକ୍ ତା ସାମ୍ନାକୁ ଲାଗି ପଡିଥିବା ଚେୟାର୍ ଉପରେ ଯୋଜନାନୁଯାୟୀ ମନିଷା ବସିପଡିଲା ।

ଆପଣ କଣ ଅନ୍ୟସହିତ ମିଶିବାକୁ ପସନ୍ଦ କରନ୍ତି ନାହିଁ ଅନିମେଶ୍? ପଚାରିଲା ମନିଷା।

ନା ନା ତାହା ଠିକ୍ ନୁହେଁ। ଆକ୍ଚୁଆଲି ମୁଁ ଟିକେ ଚୁପ୍‌ଚାପ୍ ପ୍ରକୃତିର..ନୀରବତା ମୋତେ ଭଲଲାଗେ। କାରଣ ମୁଁ ଏତେ ପ୍ରଗଲ୍ଭ ହୋଇପାରେନି ଶତଚେଷ୍ଟା କରି! ମୋତେ ଟିକେ ସମୟ ବେଶୀ ଦରକାର ହୁଏ, କିଛି ଭାବିବାକୁ, ନିଜ ବିଷୟରେ ଓ ଅନ୍ୟମାନଙ୍କ ବିଷୟରେ!

ତେବେ ଏକା କଲେଜରେ ପଢି ମଧ୍ୟ ଆମେ କିପରି ପରସ୍ପର ପାଇଁ ଅପରିଚିତ?

ଆମେ ପ୍ରକୃତରେ ଅପରିଚିତ ନୁହେଁ। ଆମେ ଦୁହେଁ ଦୁହିଁକୁ ଜାଣୁ କିନ୍ତୁ ଖୁବ୍ ଅଳ୍ପ ପରିମାଣରେ।

ଆପଣ ମୋତେ କଣ ଆଗରୁ ଜାଣିଥିଲେ, ଚିହ୍ନିଥିଲେ? ବିହ୍ୱଳି ଉଠିଲା ମନିଷା।

ନିଶ୍ଚୟ..ଅଳ୍ପ ନୁହେଁ ବରଂ ଭଲ ଭାବରେ ଜାଣିଥିଲି। ଆପଣଙ୍କ ସହିତ କଥାହେବା ପାଇଁ ଚେଷ୍ଟା ବି କରିଥିଲି। ହେଲେ ଆପଣଂକ ଚାରିପଟର ଗହଳି ମୋତେ ବାଧା ଦେଇଥିଲା ମିଶିବାକୁ ଆପଣଂକ ସହିତ । ହୁଏତ ସେଥିପାଇଁ ଆମେ ଦୁହେଁ ଦୁହିଁଙ୍କ ପାଇଁ ଅଜଣା ଥିଲେ। ହେଲେ ମୁଁ ସବୁବେଳେ ଆପଣଙ୍କରେସପନ୍ସ ଚାହୁଁଥିଲି। ମନେଅଛି ଅନେକବାର ମୁଁ ଆପଣଙ୍କ ପାଖରେ ବସୁଥିଲି। ହେଲେ ଆପଣ ତ ପୁରା ଗମ୍ଭୀର ଥିଲେ!

ମୋର ଗୋଟେ ଦୁର୍ବଳତା ଅଛି- ମୁଁ ଏତେ ମେଳାପୀ ନୁହେଁ। ପିଲାଦିନରୁ ମୁଁ ଏତେ ମେଳାପୀ ନୁହେଁ। ମୁଁ ବି ସେତେବେଳେ ଚାହୁଥିଲି ଆପଣ ପ୍ରଥମେ କଥା ହୁଅନ୍ତେ କି ମୋ ସହିତ। କାରଣ ଆପଣଙ୍କ ବନ୍ଧୁମାନଙ୍କ ମେଳରେ ମୋର ଯେ କିଛି ସ୍ଥାନ ଓ ମାନଥିଲା ସେ ବିଶ୍ୱାସ ମୋର କେବେ ବି ନଥିଲା। ତେଣୁ ନିଜର ସ୍ୱାଭିମାନକୁ ବଂଚାଇ ମୁଁ ଚୁପ୍ ରହୁଥିଲି ସେତେବେଳେ।

ଦୁହେଁ ନିଜନିଜର ପିଲାଳିଆମୀ ଚିନ୍ତାଧାରା ପାଇଁ ସେଦିନ ଖୁବ୍ ହସିଥିଲେ। ହସୁ ହସୁ ଅନେକକଥା ପଚାରି ବସିଲା ମନିଷା। ସେ ଅନୁରୋଧ କଲା- ଆମେ ଏବେ ପରସ୍ପରକୁ କିଛି ତ ବୁଝି ସାରିଲେଣି। ଏଥର 'ଆପଣ'ରୁ 'ତମେ'କୁ ଆସିପାରିବା ନା? ଅନିମେଶ୍ ବି ହସିକି ନିଜର ସମ୍ମତି ପ୍ରଦାନ କଲା।

ଆଚ୍ଛା..ନିଜ ପରିବାର ସଂପର୍କରେ କିଛି କୁହ।

ଘରେ ବାପା, ମାଆ ଓ ସବୁଠାରୁ ପ୍ରିୟ ମୋ ଧାଈମାଆ..ଯେ ମୋତେ ପ୍ରକୃତପକ୍ଷରେ ପାଳିଛନ୍ତି..ସଂସାରର ଆଦବ କାଇଦା, ନୀତିନୀୟମ ଶିଖାଇଛନ୍ତି।

ମାନେ ତୁମ କେୟାରଟେକର୍..? ଇଜ୍ ଇଟ୍ ସୋ? ହାଓ ପସିବଲ! ତୁମର କାମ କରିବା ବା ଦାୟିତ୍ୱନେବା ତାଙ୍କର ଦାୟିତ୍ୱ। ତେଣୁ ସେ କିଭଳି ଓ କଣ ପାଇଁ ତୁମର ଆଦର୍ଶ ହୋଇପାରନ୍ତି? ଭ୍ରୂକୁଞ୍ଚନକଲା ମନିଷା।

ସେ ସେଭଳି ମହନୀୟା ନାରୀ ଜଣେ..ଯିଏ ଅନ୍ୟମାନଙ୍କ ପାଇଁ ନିଜ ଖୁସିର ବଳି ଚଢାଇ ଦେଇପାରନ୍ତି।

ଆଉ ଗୋଟେ କଥା..ଅନିମେଶ୍..ପୁରା ବ୍ୟକ୍ତିଗତ ବଟ୍ ଇଫ୍ ୟୁ ଆଲାଓ ମି..ପଚାରିଲା ମନିଷା।

ନା ନା ତୁମେ ନିଃସଂକୋଚରେ କହିପାର। ମୁଁ କିଛି ମନେକରିବି ନାହିଁ।

ତୁମ ଜୀବନରେ କଣ ଅନ୍ୟ କେହି ଝିଅ କଣ ଅଛନ୍ତି...ମାନେ ଗାର୍ଲଫ୍ରେଣ୍ଡ..?

ହୋ ହୋ ହୋଇ ହସିଉଠିଲେ ଅନିମେଶ- ନା କେହିନାହାନ୍ତି ମୋର ଗାର୍ଲଫ୍ରେଣ୍ଡ। ଆରେ ଏଭଳି ଗମ୍ଭୀର ପିଲାଟିକୁ କିଏ କାହିଁକି ଭଲପାଇବ କହିଲ?

ଆଉ ମୁଁ ଯଦି କହିବି ନା କେହିଜଣେ ତୁମକୁ ପାଗଳଙ୍କ ପରି ଭଲପାଏ ବୋଲି..ତାହେଲେ ତୁମେ କଣ ବିଶ୍ୱାସ କରିବ?

ଏତେ ଶୀଘ୍ର ଏଭଳି ଅସମ୍ଭବ କଥାକୁ କେମିତି ଏତେ ସହଜରେ ବିଶ୍ୱାସ କରିଯିବି ମନିଷା? ମୋ ପାଇଁ ଏ ବନ୍ଧୁତାର ମୂଲ୍ୟ ଢେର୍ ବେଶୀ।

ମୁଁ ଯଦି କହେ-ତୁମର ସେ ଗାର୍ଲଫ୍ରେଣ୍ଡଟି ମୁଁ ବୋଲି ତେବେ..?

ଅନିମେଶ୍ ଚମକିପଡି କହିଲା- ତୁମେ..ହାଓ ଇମ୍ପସିବ୍‌ଲ! ତୁମଭଳି ଆଧୁନିକା ଝିଅମାନେ ତୁମପରି ପୁଅ ଖୋଜିବାଟା ଠିକ୍। ହେଲେ ମୁଁ ତ ତୁମ ଆଖପାଖ ବି ନୁହେଁ।

*(କ୍ରମଶଃ)*

## ପ୍ରେମର ପରିଧି

### ବିଜୟ କୁମାର ପଣ୍ଡା





*(ପୂର୍ବପ୍ରକାଶ ଉତ୍ତାରୁ)*

ହେଲେ , ନିଜ ସନ୍ତାନକୁ ନିଜ ଇଛାରେ ମାରିଦେବାଟା ଗୋଟିଏ ମା ପାଇଁ କଳ୍ପନାର ବାହାରେ। ମା ଟିଏ ତାର ପିଲା ପାଇଁ ସାରା ଦୁନିଆ ସହ ଲଢ଼ିଯିବାକୁ କ୍ଷମତା ରଖେ। ମା ପାଇଁ ତା ପିଲା ହିଁ ତା'ର ଦୁନିଆ।

: 'ଭୁଲ ତ.. ସେ ବି କରିଛି। ବିବାହ ପୂର୍ବରୁ ମାତୃତ୍ୱ ଗ୍ରହଣ କରିବାଟା କେବଳ ତା ପାଇଁ ନୁହେଁ ବରଂ ଏଇ ଦୁନିଆର ସବୁ ଝିଅ ପାଇଁ ଏକ କଳଙ୍କ' ଏକଥା ପ୍ରତି ମୁହୂର୍ତ୍ତରେ ଅନୁତାପର ବହ୍ନିରେ ଜଳୁଥିବା ତାର କୁଆଁରି ମା' ମନ ତାକୁ ନିଜର ତଥା ଦୁନିଆକୁ ନୂଆ କରି ପାଦଦେବାକୁ ଥିବା ପିଲାର ଭବିଷ୍ୟତ ପାଇଁ ବିବ୍ରତ କରି ପକାଉଥାଏ।

ପରୀକ୍ଷା ପରେ ମନକୁ ଦୃଢ଼ କରି ନେଇଥିଲା ମାନସୀ। ମାନସିର ପରିସ୍ଥିତି ଘରେ ସବୁ ଜାଣିଯାଇଥିଲେ। ତାର ବାପା ପୋଲିସ ରେ କେସ କରିବାପାଇଁ ବିଚାର କରୁଥିଲେ କିନ୍ତୁ ମାନସୀ ସେଥିରେ ସହମତି ଦେଲାନି। ଦେବର ଫୋନ ଆସିଥିଲା କେତେ ଥର କିନ୍ତୁ କିଛି ଉତ୍ତର ଦେଲାନି କି କେବେ ନିଜ ଆଡୁ ଆଉ ଫୋନ କଲାନି।

: 'ଦେବ ସିଭିଲ ସର୍ଭିସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଇ ଭଲ ଚାକିରୀ କରୁ , ତା ବାଟରେ ମୁଁ କେବେ ବାଧା ଦେବିନି। 'ଏକଥା ନିଜ ମନକୁ ବୁଝେଇ ଦେଉଥାଏ ମାନସୀ।

ଏ ଅବସ୍ଥା ପାଇଁ କେବଳ ଦେବ୍ ନୁହେଁ ବରଂ ତାର ନିଜର ବି କିଛି ଭୁଲ ରହିଗଲା, ସେଥିପାଇଁ ଆଇନ କାନୁନ ର ସହାୟତା ଲୋଡ଼ା ନାହିଁ। ସେ ଦୃଢ଼ ମନାଥିଲା, ତାର ପିଲାକୁ ସେ ଦୁନିଆକୁ ଆଣିବ। ସବୁ ପରିସ୍ଥିତି କୁ ମୁକାବିଲା କରି ସେ ସମର୍ଥ ବୋଲି ସାହସ ଯୁଟାଇଥିଲା।

ନିଜକୁ ଦୁର୍ବଳା ମନେନକରି, ତା ଦେହରେ କୌଣସି ଏକ ଦିବ୍ୟଶକ୍ତି ପ୍ରବେଶ କଲା ଭଳି ସେ ଅନୁଭବ କରୁଥିଲା। ବିଭିନ୍ନ ସରକାରୀ ନିଯୁକ୍ତି ପରୀକ୍ଷା ପାଇଁ ପ୍ରସ୍ତୁତି କଲା ମାନସୀ।

*(କ୍ରମଶଃ)*

## କବିତାର କଥା

(ଭାଗ-୯୬)



### ଉମାକାନ୍ତ ରାଉତ



## ଖଟିଖିଆ ମଣିଷର ଉଚ୍ଛ୍ୱାସ

ଆମ ସ୍ୱାଧୀନତାର ପ୍ରାୟ ତିନି ଦଶନ୍ଧି ପୂର୍ବରୁ ଋଷିଆରେ ସଂଘଟିତ ସମାଜବାଦୀ କ୍ରାନ୍ତି ସମଗ୍ର ପୃଥିବୀକୁ ଚମକାଇ ଦେଲା। ସାମ୍ୟବାଦର ସମାଜମନସ୍କ ଆନ୍ଦୋଳନ ଯୁବପିଢିଙ୍କୁ ଆପଣାଛାଏଁ ଆଗେଇନେଲା ବିଜ୍ଞାନଭିତ୍ତିକ ସମାଜବାଦୀ ଆଦର୍ଶ ଆଡ଼କୁ। ଫଳତଃ ଏକ ଶ୍ରେଣୀହୀନ ସମାଜ ଗଠନ ପାଇଁ କବିର କଲମ ବଜ୍ର ହୋଇ ଉଠିଲା ।ସାଧାରଣ ମଣିଷର ପ୍ରତିନିଧିତ୍ୱ କରିବାକୁ ଲାଗିଲା କବିର ଲେଖନୀ। ରାଶି ରାଶି କବିତାର ମନ୍ଦ୍ରଧ୍ୱନିରେ ଗୁଞ୍ଜରିତ ହେଲା ଖଟିଖିଆ ମଣିଷର ସ୍ୱର/ଉଚ୍ଛ୍ୱାସ। ସେଥିସହିତ କାବ୍ୟକବିତାରେ ତିରସ୍କୃତ ହେବାକୁ ଲାଗିଲା ଲୁଟିଖିଆର ଚକ୍ରାନ୍ତ। କବିତାର ପ୍ରତିଟି ପଂକ୍ତି ପଦାଘାତ କରିବାକୁ ଲାଗିଲା ଶୋଷଣକାରୀ, ତୋଷଣକାରୀ ଆଉ ପେଷଣକାରୀର ଦୌରାତ୍ମ୍ୟ ଓ ହୀନକର୍ମ। ଶୋଷିତ, ଅତ୍ୟାଚାରିତ, ନିଷ୍ପେସିତ, ନିର୍ଯ୍ୟାତିତ ଓ ଅବହେଳିତ ଜନମାନସର କୋହଚ୍ଛ୍ୱାସରେ ଗୁଞ୍ଜରିତ ହୋଇ ଉଠିଲା କବିତାର ସ୍ୱର।

ଏହାର ପ୍ରଭାବରେ ଓଡ଼ିଶାର କାବ୍ୟ ଆନ୍ଦୋଳନରେ ମଧ୍ୟ ଏକ ନବଯୁଗର ସୂତ୍ରପାତ ହେଲା। ପୂର୍ବ ପରି ରାଜକୁମାର, ରାଜକୁମାରୀ, ତଥାକଥିତ ସଂଭ୍ରାନ୍ତିୟ ଗୋଷ୍ଠୀ, ପଦପଦବୀ ପ୍ରତିଷ୍ଠାଧାରୀ, ମହାଜନ କି ଜମିଦାରମାନେ କାବ୍ୟ କବିତାର ନାୟକ ନାୟିକା ହୋଇ ରହିଲେ ନାହିଁ। ପ୍ରୋଟାଗୋନିଷ୍ଟଭାବେ ଉଭାହେଲେ ଚାଷୀ, ମୂଲିଆ, ନିଷ୍ପେସିତ ନିର୍ଯ୍ୟାତିତ ଶ୍ରମିକ, ନିଃସ୍ୱ ଓ ଅସହାୟ ମଣିଷ, ଅତ୍ୟାଚାରିତ ତଳିଆ କର୍ମଚାରୀ, ସର୍ବହରା ଓ ସାଧାରଣ ମଣିଷ।

ଶାଣଦିଆ ଖର ତରବାରୀ ଭଳି କଲମ ମୁନ ଝଳି ଉଠିଲା ଦାରିଦ୍ର୍ୟ, କ୍ଷୁଧା, ଶୋଷଣ, ସାମ୍ରାଜ୍ୟବାଦ, ପୁଞ୍ଜିବାଦୀ ମାଲିକ, କତିପୟ ପଦବୀ କ୍ଷମତା ଓ ପ୍ରତିଷ୍ଠାଧାରୀଙ୍କ ଶୋଷଣ ଓ ଅତ୍ୟାଚାର ବିରୁଦ୍ଧରେ। ଅନେକ କବିଙ୍କର ଧ୍ୟେୟ ହୋଇଉଠିଲା ...

"ଶାଣଦିଆ ଖର ତରବାରୀ ଭଳି
କଲମ ଯଦି ମୋ ନ ଉଠିଲା ଝଳି
ଯାହା ସେ ଭାବିଲା ଠିକ୍
ମୋର କବି ବୋଲାଇବା ଧିକ୍।"

ଏହି ବାସ୍ତବତାର ମୂଳଦୁଆ ଉପରେ ସଚ୍ଚି ରାଉତରାୟଙ୍କ ଭଳି ମହାକବିଙ୍କ ଅମର ତୂଳୀରୁ ଝରି ପଡ଼ିଲା 'କୋଣାର୍କ' ଓ 'ବାଜିରାଉତ' ଭଳି ଅନବଦ୍ୟ କାବ୍ୟସମ୍ଭାର।

କୋଣାର୍କ ଗାତ୍ରରେ ରମ୍ୟ କଳାର ଦୈହିକ ଆମୋଦ (ଲୀଳା) କବି ମାନସକୁ ଆଚ୍ଛନ୍ନ କରିପାରିଲା ନାହିଁ। ତୋରଣର ନନ୍ଦନ ଶିରି, ଯକ୍ଷପୁରୀର ଲତା କି ନଗ୍ନ ନଟୀର ନଧର ଚରଣର ଚପଳ ଛନ୍ଦ ମାଟି ସହ ସାମିଲ୍ ଥିବା କବି ପ୍ରାଣକୁ ଆନ୍ଦୋଳିତ କରିପାରିଲା ନାହିଁ। ସମ୍ରାଟର ଜୟ ଜୟକାର ପାଇଁ ଗଣଙ୍କର ଜୀବନକୁ ମାଟିରେ ମିଶାଇ ଜଣକର ନାମ ଘୋଷିବା ପାଇଁ କୋଟି କୋଟି ବିଶୁ ମହାରଣା, ଶିବେଇ ସାଆନ୍ତ ଓ ଧର୍ମପଦମାନଙ୍କର ନିରବେଇ ଦିଆଯାଇଥିବା କୋହଚ୍ଛ୍ୱାସକୁ ଶୁଣିପାରିଲା କବି।

ପଣ୍ଡିତ, ମୁଣ୍ଡିଆଳ ଓ ଭାଟମାନେ ସେ ନିର୍ମାଣକୁ ଦେଶ ଓ ଜାତିର ପରିଚୟ ବୋଲି ଆଖ୍ୟାୟିତ କରିବାକୁ କୋଟି ଘୋଷଣା ପରେ ବି ମାଟିମନସ୍କ କବି ସେକଥା ସ୍ୱୀକାର କରିବାକୁ ନାରାଜ ହେଲା। କବି କେବଳ ଦ୍ୱିଧା ବୋଧ କଲା ନାହିଁ ବରଂ ମର୍ମେ ମର୍ମେ ଭୀଷଣ ଆଘାତ ପ୍ରାପ୍ତ ହେଲା। ତାର ବିଗଳିତ ହୃଦୟ ଜାତନା ଓ ଜ୍ୱାଳାରେ ଦହଗଞ୍ଜ ହେବାକୁ ଲାଗିଲା। ସବୁ ଦେଖି, ସବୁ ଅନୁଭବ କରି ବି କିଛି କରିପାରୁ ନଥିବା ଅସହାୟ କବିମାନସ ଫାଟି ନଯାଇ ଭାରସାମ୍ୟ ରକ୍ଷା କରିବାକୁ ମଣିଷ ଓ ମାନବିକତାର ଜୟ ଜୟକାର ଘୋଷି ସର୍ଜନା କରିଚାଲିଲା ରାଶି ରାଶି କବିତାର ପଂକ୍ତି।

ଚକ୍ଷୁଷ୍ମାନ କବିର ଆଖି ସ୍ପଷ୍ଟ ଦେଖିପାରିଲା ସ୍ୱର୍ଣ୍ଣ ଉଷାର ଛବି ନେପଥ୍ୟରେ ଥିବା ରାତ୍ରୀର କଳା ଯବନିକାକୁ ,ତିଳେ ତିଳେ ସମାଧି ଦିଆଯାଇଥିବା ନିରୀହ କାରିଗରର ଛାତିକୁ, କଳାମୁଗୁନିର ରକ୍ତରେ ମିଶିଯାଇଥିବା ନିରୀହ ମଣିଷର ଶୋଣିତକୁ, ମାଟି ହୋଇଯାଉଥିବା କ୍ଷୁଧାତୁର ମଣିଷକୁ ଆଉ ଆଭିଜାତ୍ୟ ପ୍ରଦର୍ଶନ ପାଇଁ ଏସବୁର ସମାଧି ଉପରେ ମୃଗତୃଷ୍ଣା ସାଜିଥିବା ସପନର ନୀଳ ଢେଉକୁ।

ଏହି ଚରମ ଅନୁଭବର ଅନ୍ତର୍ଦାହରୁ ତ୍ରାହି ପାଇବାକୁ କବିର ନିରୂତା କଲମରୁ ସ୍ୱତଃ ନିର୍ଗତ ହେଲା ମଣିଷର ବ୍ୟଥା ଓ କଥା, କଳାର ଦରବାରରେ ସ୍ଥାନ ପାଇ ନଥିବା ଦାହର କଥା, ରାଜ୍ୟ ତଥା ରାଜକୋଷକୁ ସମୃଦ୍ଧ କରୁଥିବା କୃଷକର କନକ ଶସ୍ୟଦାନାର କଥା, ଫସଲକଟା ଗୀତର କଥା, ଶିଳ୍ପର କାରୁକାର୍ଯ୍ୟ ଭିତରେ କେଉଁଠି ସାମାନ୍ୟଭାବେ ବି ଦେଖା ଯାଉ ନଥିବା କଳାକାର/ଶିଳ୍ପୀର ଚରଣଲିପିର କଥା .....କଳା, ଭାସ୍କର୍ଯ୍ୟ ଓ କାରୁକାର୍ଯ୍ୟରେ ଯାହାସବୁ ନିହାତି କହିବାର ଥିଲା, ଯାହାସବୁ ଖୋଦିତ ହେବା ଅପରିହାର୍ଯ୍ୟ ଥିଲା; ହେଲେ କୁହାଯାଇନଥିଲା।

ତେଣୁ ତ କବି କୋଣାର୍କକୁ ଅତିକ୍ରମ କରି ଅଧିକ ବଳୀୟାନ ଓ ମହତ୍ତର ଭାବେ ଗଢିଦେଲା ଭିନ୍ନ ଏକ 'କୋଣାର୍କ'। ମାଟି ପଥରରେ ଗଢ଼ା ମୃଣ୍ମୟ କୋଣାର୍କ ଦିନେ ମାଟିରେ ମିଶିଯିବ, ହେଲେ କବିକଳାର ନିଦର୍ଶନ ଏ ଚିନ୍ମୟ କୋଣାର୍କ କାଳ ଥିଲାଯାଏଁ ଚିର ଭାସ୍ୱର ହୋଇ କାଳର କପାଳରେ ଝୋଟି ଚିତା ଭାବେ ଝଟକୁ ଥିବ : ନିଃସନ୍ଦେହ। ସେଥିପାଇଁ କବିର ଛାତିରୁ ଉକୁଟି ଉଠିଲା ....

"ତୁମେ ଦେଖିଅଛ ଶିଳାରେ ତା'ର ତ
ରମ୍ୟ କଳାର ରୂପ
ମୁଁ ଦେଖିଛି ତହିଁ କୋଟି କଂକାଳ
ଭଗ୍ନ ବୁକୁର ସ୍ତୂପ
କେତେ କ୍ଷୁଧାତୁର ମଣିଷ ଖାଇଚି
କ୍ଷୁଧାରେ ସେଦିନ ମାଟି
ରମ୍ୟ କଳାର ଦରବାରେ ତାର
କିଛି ନାହିଁ ପରିପାଟୀ"

କବି ସଚ୍ଚି ରାଉତରାୟଙ୍କ ପୂର୍ବରୁ ଆଧୁନିକ ଓଡ଼ିଆ ସାହିତ୍ୟର ଏକ ବିସ୍ମୟକର ପ୍ରତିଭା ଭାବରେ ଉଭା ହୋଇଥିଲେ କବି ଗୋଦାବରୀଶ ମହାପାତ୍ର। ନିଆଁଖୁଣ୍ଟା ମହାପାତ୍ରେ ନାମରେ ପରିଚିତ ଏହି ସ୍ରଷ୍ଟାଙ୍କର ସାରସ୍ୱତ ରଚନାରେ କେବଳ ନଥିଲା ସାମାଜିକ ଅବ୍ୟବସ୍ଥା, ଦୁର୍ନୀତି ଓ କତିପୟ ସଂଭ୍ରାନ୍ତୀୟ ପଦପଦବୀ ପ୍ରତିଷ୍ଠାଧାରୀ ତଥାକଥିତ ସଂଭ୍ରାନ୍ତୀୟ ଶୋଷକଙ୍କ ବିରୁଦ୍ଧରେ ଖଡ୍ଗ ଉତ୍ତୋଳନ ଅବା ଗୋଟେ ସାରସ୍ୱତ ସୈନିକର କଠୋରପଣ, କର୍କଶତା, ଅକୁତୋଭୟତି ଓ ସାହସିକତା। ବରଂ ଥିଲା ଆବଶ୍ୟକତା ଅନୁଯାୟୀ ଲାଳିତ୍ୟ, ଶିଶୁସୁଲଭ ଚପଳତା ଏବଂ ସରସତା।

ନବରସର ଚର୍ଚ୍ଚାରେ ହାସ୍ୟରସ ଓ ଭୟାନକ ରସ ପରସ୍ପରର ନିକଟବର୍ତ୍ତୀ ନୁହଁନ୍ତି ବୋଲି କୁହାଯିଉଥିଲାବେଳେ ଆଶ୍ଚର୍ଯ୍ୟଜନକଭାବେ ଗୋଦାବରୀଶଙ୍କ ଯମଦାଡ ଭଳି ରଚନାରେ ଏ ଦୁଇଟିର ଉପସ୍ଥିତି ତାଙ୍କୁ କେବଳ ଏକ ବିସ୍ମୟକର ପ୍ରତିଭାର ପ୍ରତିଷ୍ଠା ଦେଲା ନାହିଁ ବରଂ ଦୁର୍ନୀତିଖୋର୍ ଶୋଷଣକାରୀ, ଲମ୍ପଟ, କାପୁରୁଷ ଓ ମାଟି ବିରୋଧୀ ଗଦ୍ଦାରମାନଙ୍କର କମ୍ପନ(ଐବଙ୍ଗକ୍ରମ) ଭାବେ ପ୍ରତୀୟମାନ କଲା ।ତେଣୁ 'ହେ ମୋର କଲମ'ର ପୃଷ୍ଠାରେ ସେ ଏହିପରି ଢଙ୍ଗରେ ସୁକୋମଳ ମାଟିର କଥା କହିଲେ ...

"ଯେଉଁ ଗାଆଁର ପାଣି ପବନ
ଅଙ୍ଗେ ଦେଲା ବଳ
ଯେ ଭୂଇଁ ତଳ ଧୂଳିରେ ରଚିଥିଲି
ମୁଁ ଖେଳଘର
ଯେଉଁ ବକୁଳ ମୂଳରେ ବସି
ରଚିଲି ଫୁଲ ମାଳା
ଯେଉଁ ନିର୍ଜନ କୁଟୀର କୋଳେ
ଢାଳିଛି ଲୁହଧାରା
ଆପଣା ସଖା ବନ୍ଧୁ ବୋଲି
ଯାହାରେ ଅଛି ଡାକି
ସେ ଭୂଇଁ ସେବା କରିବାକୁ ତ
ରହିଚି ବହୁ ବାକି
ସେଇଠି ପୁଣି ଜନ୍ମ ହେବି
ସେଇଠି ହେବ ଦେଖା
ଆବର ନିଆଁଖୁଣ୍ଟା ହେବ
ସେଇ ଥାନରେ ଲେଖା"

ଇଏ ତ ହେଲା ମାଟିର କଥା। ହେଲେ ମାଟି ମଣିଷର ଉଚ୍ଛ୍ୱାସକୁ ସେ କଲମର ମସୀରେ ଯେଭଳି ଭାବେ ତୋଳି ଧରିଛନ୍ତି ତା'ର ପଟ୍ଟାନ୍ତର ନାହିଁ ...

"ହେ କଲମ ମୋର ଅତି ଆପଣାର
ଅନ୍ତର କଥା କହ-
ଦେଖିଚ କି ଏତେ ସତ୍ୟ ନାମରେ
ଛଳନା ଦୁର୍ବିସହ!
କେତେ ଅବତାରେ ଧରଣୀ ବୁକୁରେ
ଦେବତା ହୋଇଲା ନର
କାଳ ଇଙ୍ଗିତେ ଲୁଚିଗଲେ ସବୁ
ରହିଲା ତୁମରି ଗାର!
ତୁମେ ଗୌତମ ଶଙ୍କର ଯୀଶୁ
ବଚନ ରଖିଚ ଧରି
ଜାଗ୍ରତ କର ଉଦ୍ୟତ କର
ଆଉଥରେ ସେଇପରି
ତୁମେତଚାଲିନ' ଛଳନାରେ କେବେ
ଥକି ନ' ଗୁଣ୍ଡିମିରେ
ପେଷଣ ଶୋଷଣ ଦୂଷଣ ଦେଇଚ
ଆଡେଇ ଏକଇ ଗାରେ
ଛେଦନ କରିଚ ବନ୍ଧନ ଯେତେ
ଅନ୍ଧେ ଦେଇଚ ଆଖି
କାଳ ବକ୍ଷରେ ମହା ଅକ୍ଷରେ
ପଦେ ପଦେ ଲେଖି ଲେଖି
ବିପ୍ଳବ ତବ ସତ୍ୟ ଶାନ୍ତି
ଶିବ-ସୁନ୍ଦର-ରସେ
ଯୁଗ ଯୁଗାନ୍ତ ଅନ୍ଧାର ଭେଦି ତୁମରି ପ୍ରଦୀପ ହସେ।"

ଏହି ପରିପ୍ରେକ୍ଷୀରେ କବି ରବି ସିଂଙ୍କର 'ମଣିଷ' କବିତାର ପ୍ରତିଟି ପଂକ୍ତି ମଧ୍ୟ ପ୍ରଣିଧାନଯୋଗ୍ୟ।

"ମଣିଷକୁ ଥରେ ପଢ଼ ପଢ଼
ମଣିଷଠାରୁ କେ ନାହିଁ ବଡ଼
ମଣିଷ ତ ବଡ଼ ଗ୍ରନ୍ଥ କିତାବ
ସାରା ଦୁନିଆର କାରିଗର
ମଣିଷକୁ ଥରେ ପଢ଼ ପଢ଼"

*(କ୍ରମଶଃ)*

***କଥା ହୁଅନ୍ତୁ : ୯୪୩୭୨୬୭୧୨୫***



## ନିଆରା ଅନୁରାଗ

### ଶରତ କୁମାର ଦାସ



କ'ଣ ମାପି ହୁଏ ଗଭୀର ରାତିର ବୟସ
ଅନ୍ଧାରର ଗାଢ ଆସ୍ତରଣ ତଳେ?
ସୂର୍ଯ୍ୟଙ୍କ ସଫେଦ ଆଲୁଅରେ କ'ଣ
ପଢିହୁଏ ଭିନ୍ନ ଏକ ସକାଳର ଇତିହାସ?
ବାରୁଦ ଗଦାରେ କ'ଣ ଗଜୁରି ଉଠେ
ଆତ୍ମପ୍ରତ୍ୟୟର ସବୁଜ ଉଲ୍ଲାସ,
ମୁଠା ମୁଠା ଲୁହରେ ଧୋଇ ହୁଏ କି
ଛାତି ତଳର ଜମାଟ ବନ୍ଧା
କୁହ କୁହ ଅବସୋସ ଆଉ ଅନ୍ତର୍ଦାହ?
ଘମାଘୋଟ ଯୁଦ୍ଧର ବିଭୀଷିକାରୁ
କ'ଣ ସାଉଁଟିହୁଏ ସଂପ୍ରୀତିର ବୀଜ
ସାଇତି ରଖି ହୁଏ କି ପୋଷପୋଷ ଲହୁ
ପ୍ରତିହିଂସାର ଖିଆଲି ନିଶାରେ?
ପାପୁଲିଏ ସିକ୍ତ ବିଶ୍ୱାସର କଅଁଳ ଛୁଆଁରେ
ବନ୍ଧାପଡେ ଚିମୁଟାଏ ସତେଜ ନିଃଶ୍ୱାସ
କ୍ଷତବିକ୍ଷତ ଇଚ୍ଛାମାନେ ସ୍ୱତଃ ସଜେଇ ହୁଅନ୍ତି
ନିଆରା ଅନୁରାଗର ନିବିଡ ଆଶ୍ଳେଷେ
ଆଉ ନିଶୁଣି ବାନ୍ଧନ୍ତି ସ୍ୱର୍ଗକୁ ନିର୍ଜ୍ଜନରେ।
ଠିକଣା ହଜାଏ ବିଷାଦର ଊର୍ଦ୍ଧ୍ୱମୁଖୀ ଶିଖା
କୋଉ ଅଗନା ଅଗନି ବନସ୍ତରେ
ବିଛାଡି ହୋଇପଡେ ରଙ୍ଗବେରଙ୍ଗର ଫୁଲ
ନୀଳ ଉପତ୍ୟକାର ମୁକୁଳା ଛାତିରେ।
ପକ୍ଷୀଙ୍କ କାକଳିରେ କ୍ଷଣିକେ
ଆକ୍ତାମାକ୍ତା ହୁଅନ୍ତି ହାଡ,ମାଂସ ଓ ମଗଜ
ବଦଳିଯାଏ ଅବୁଝା ଗଣିତର ଭାଗ୍ୟ
ସମତୁଲ ସମୀକରଣର ସରଳ ସୂତ୍ରରେ
ପକ୍ଷୀରାଜ ଘୋଡା ଉଡୁଥାଏ ପବନ ସାଥିରେ।
ସମୟର ନିବୁଜ ଛାତିରେ ଲେଖି ହୋଇଯାଏ
ଦିଗବିଜୟର ସ୍ୱର୍ଦ୍ଧିତ ଆତ୍ମଲିପି
ଜଳିଉଠେ ମାଟିଦ୍ୱୀପ ସ୍ୱର୍ଗକୁ ମଥା ଟେକି
ପରମ ତୃପ୍ତିର ମହୋତ୍ସବରେ।
ଭୁଲିବାକୁ ହୁଏ ପରାଜୟର ନିଆଁହୁଳା
ଖୁନ୍ଦି ହୋଇରହିଥିବା ରକ୍ତର ପ୍ରତିଟି ବିନ୍ଦୁରେ,
ଫିଙ୍ଗିଦେବାକୁ ପଡେ ନିର୍ବିଘ୍ନରେ
ଗ୍ଳାନି ଓ ଅବସାଦର ଅନ୍ତିମ ଅବଶେଷ
ଅଣ୍ଟା ଭିଡି ଠିଆ ହେବାକୁ ପାଦ ଦ୍ୱୟ
ପ୍ରତିଯୋଗିତା କରୁଥାନ୍ତି ସଗର୍ବେ।
ଶୋଭାଯାତ୍ରାର ଲମ୍ବା ଧାଡି ଆଗେଇ ଚାଲେ
ଅସୁମାରି ଚିତ୍ରିତ ସ୍ୱପ୍ନମାନଙ୍କର,
ରଙ୍ଗ ମାଖିବାକୁ ପଡେ ପ୍ରେମର ତୂଳିରେ ପୁନଶ୍ଚ
ପ୍ରଜାପତିର ଉଡନ୍ତା ଡେଣାରେ,
ମୁହଁ ପଖାଳୁଥାଏ ପୂର୍ଣ୍ଣ ଆବେଗରେ
ସ୍ୱାଭିମାନର ମଖମଲି ନୂଆ ଇସ୍ତାହାର।
ଶେଷରେ ଆତ୍ମଗୋପନ କରେ କାଳରାତି
ନୈରାଶ୍ୟର ପାହାଡ ସନ୍ଧିରେ
ହସୁଥାଏ ରୂପାଜହ୍ନ ଲବଙ୍ଗଦ୍ୱୀପରେ
ନୀଳକଇଁର ନୀଳ ନୀଳ ସମ୍ମୋହନେ
ଫଗୁଣର ମଧୁସିକ୍ତ ଆଦ୍ୟ ପାହାଚରେ।

ଅଧ୍ୟାପକ
*ବିଭାଗୀୟ ମୁଖ୍ୟ, ରାଜନୀତି ବିଜ୍ଞାନ ବିଭାଗ*
*ବଡବିଲ ମହାବିଦ୍ୟାଳୟ, ବଡବିଲ, କେନ୍ଦୁଝର*
*ଦୂରଭାଷ : ୮୨୪୯୧୩୭୦୯୧*

## କରିବାନି ଆତ୍ମହତ୍ୟା

### ନରେନ୍ଦ୍ର ପ୍ରସାଦ ବେହେରା

ଆତ୍ମହତ୍ୟା ଏକ ମହାପାପ ବୋଲି
ସମସ୍ତେ ଆମେ ଜାଣନ୍ତି
ତଥାପି ମଣିଷ ଜାଣିଶୁଣି କାହିଁ
ଏମିତି ଭୁଲ୍ କରନ୍ତି !
ସାମାନ୍ୟ କଥାରେ ବିବାଦ ଜନ୍ମିଲେ
ସଙ୍ଗେ ସଙ୍ଗେ ପଦକ୍ଷେପ
ଶିକ୍ଷିତ ବେକାର ଘରର ଘରଣୀ
କରିଥାନ୍ତି ଅନୁତାପ।
ଦୈନିକ ସମାଜେ ଘଟୁଅଛି ଜାଣ
ଏଭଳି କେତେ ଘଟଣା
କହିଦେଲେ ପଦେ ଟାଣକରି କଥା
ନିଜକୁ ମିଳେ ଯନ୍ତ୍ରଣା।
କିଏ ଯେ କହିବ ପରିବାର ମଧ୍ୟେ
ଏମିତି ନାହିଁ ଘଟଣା
ଶୁଣିଲେ କେଉଁଠି ପଢିଲେ ପେପର
ମୁଣ୍ଡ ହୋଇଯାଏ ଟିଣା।
ସ୍ୱାମୀ ସ୍ତ୍ରୀ ମଧ୍ୟେ କଳହ ରହିଛି
ଏକଥା ନାହିଁ ଅଛପା
ଉଗ୍ରଚଣ୍ଡୀ ସ୍ତିରୀ ମାନେନି କାହାକୁ
ସାହସ ବଢାଏ ବୋପା।
ପ୍ରେମିକ ପ୍ରେମିକା ହୋଇଲେ ବିଚ୍ଛେଦ
କରନ୍ତି ମନେ ସନ୍ତାପ
ଜୀବନର ଲକ୍ଷ୍ୟ ହାସଲ ପୂର୍ବରୁ
କରିଥାନ୍ତି ମହାପାପ।
ଆକଟ ବଢିଲେ ଅଘଟଣ ଘଟେ
ଅସମ୍ଭାଳ ହୁଏ ମନ
ସ୍ନେହ ବନ୍ଧନରେ ବାନ୍ଧିହେଲେ ଥରେ
ବିଚ୍ଛେଦରେ ଅପମାନ।
ଆତ୍ମହତ୍ୟା ପାଇଁ ବିଭିନ୍ନ ପ୍ରକାର
ପଥକୁ ଲୋଡନ୍ତି ନର
ବୁଝନ୍ତି କେହି କାହାରି କଥାକୁ
କରନ୍ତି ନାହିଁ ବିଚାର।
ସଂସାର ଭିତରେ କରିଥିଲେ ଘର
ସମସ୍ୟା ନିଶ୍ଚେ ରହିବ
କାପୁରୁଷ ପରି ଆତ୍ମହତ୍ୟା କରି
କାହିଁକି ପାପ ଅର୍ଜିବ।
ସମୟର ଗତି ଜୀବନ ପଥରେ
କେହି ତ ନୁହେଁ କାହାର
ଆତ୍ମହତ୍ୟା ଭଳି ମହାନ ପାପକୁ
କରିଦେବା ଆଜି ପର।
ଯେତେ ଝଡଝଞ୍ଜା ଆସୁ ଏ ଜୀବନେ
ନେବାନି କେବେ ନିଷ୍ପତ୍ତି
ସମାଜରେ ଥିବା ଏଭଳି ବ୍ୟାଧିକୁ
ଦୂରେଇ ଦେବା ଝଟତି।
ସୁଖ ଦୁଃଖ ହସ ଖୁସିରେ ରହିବା
ସମାଜକୁ ଦେବା ବାର୍ତ୍ତା
ବିଧାତାଙ୍କ ସୃଷ୍ଟି ଏ ପୈତୃକ ପ୍ରାଣ
ଗଢିଛନ୍ତି ସୃଷ୍ଟିକର୍ତ୍ତା।
କୌଣସି ସ୍ଥିତିରେ ସମ୍ମୁଖୀନ ହେଲେ
ସମ୍ଭାଳିବା ମେରୁପରି
ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି
ସମସ୍ତେ ଦେବା ପାଶୋରି।
କରିବାନି ଆମ୍ଭେ ଆତ୍ମହତ୍ୟା କେବେ
ଜୀବନ ଦେଇଛି ବିହି
ଅମୂଲ୍ୟ ସମ୍ପଦ ଜୀବନଟା ଏହି
ସମସ୍ତଙ୍କୁ ଦେବା କହି।

*ସମ୍ପାଦକ- ମୋ ଅନୁଷ୍ଠାନ,*
*ଆଳଦା, ଖଇରା, ବାଲେଶ୍ୱର*
*ଦୂରଭାଷ : ୯୮୫୩୧୪୨୫୧୦*









### ଭୁବନି ଭୋଇ

ଷ୍ଟାଣ୍ଡାର୍ଡ - ୧
ତପୋବନ ଏକାଡେମୀ
ସିରୋଲ, ଟିଟିଲାଗଡ,
ବଲାଙ୍ଗିର




# ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ସାମ୍ବାଦିକ ଦିବସ ପାଳିତ

**ଭୁବନେଶ୍ୱର :** ଜାତୀୟ ପ୍ରେସ ଡେ ଅବସରରେ ଭୁବନେଶ୍ୱରରେ ଓଡିଶା କର୍ମଜିବୀ ସାମ୍ବାଦିକ ସଂଘ ପକ୍ଷରୁ "ପ୍ରେସ ମିଡିଆ ଆଟ୍ କ୍ରସରୋଡ" ଶିର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଓଡିଶା ହାଇକୋର୍ଟର ପୂର୍ବତନ ବିଚାରପତି ତଥା ରାଜ୍ୟ ଖାଉଟି ବିବାଦ ସମାଧାନ ଆୟୋଗର ସଭାପତି ଜଷ୍ଟିସ ଡକ୍ଟର ଦୁର୍ଗାପ୍ରସନ୍ନ ଚୌଧୁରୀ ,ପୂର୍ବତନ ସାଂସଦ ତଥା ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ପ୍ରସନ୍ନ ପାଟ୍ଟଶାଣୀ, ପୂର୍ବତନ ପୋଲିସ ଏଡିଜି ତଥା ଆଇପିଏସ ଗୋପବନ୍ଧୁ ମଲ୍ଲିକ ଯୋଗ ଦେଇ ସାମ୍ବାଦିକ ମାନଙ୍କର ବିଭିନ୍ନ ସମସ୍ୟା ଉପରେ ମତ ରଖିଥିଲେ । ଭାରତୀୟ ସମ୍ବିଧାନର ୩ଟି ସ୍ତମ୍ଭ ଦିନକୁ ଦିନ ଦୁର୍ବଳ ହୋଇଯାଉଥିବା ବେଳେ ଚତୁର୍ଥସ୍ତମ୍ଭ ଗଣମାଧମ ଭାବେ ଲୋକଙ୍କ ସ୍ୱରକୁ ସରକାରଙ୍କ ନିକଟରେ ପହଞ୍ଚାଇବା, ସମାଜର ଜାଗ୍ରତ ପ୍ରହରୀ ଭାବେ ଦୁର୍ନୀତି ମୂଳପ୍ପାଟନ ଓ ମୁଖ୍ୟ ବିରୋଧୀଦଳର



ଭୂମିକା ତୁଲାଉଛି । ସାଧାରଣ ଲୋକଙ୍କ ବିଶ୍ୱାସ ଓ ଭରଷା ଜିତିବାରେ ଗଣମାଧମ ଆମ ସମାଜରେ ପ୍ରମୁଖ ଭୁମିକା ନେଇଛି । ତେଣୁ କାମଳ ସାମ୍ବାଦିକତା ଛାଡି ସମାଜକୁ ସଠିକ ଦିଗଦର୍ଶନ ଦେବାକୁ ପ୍ରତି ସାମ୍ବାଦିକ ନିଜକୁ ଜଣେଜଣେ ଯୋଦ୍ଧା ଭାବେ ଉତ୍ସର୍ଗକୃତ ମନୋଭାବ ରଖି କାମ କରିବାକୁ ବକ୍ତା ମାନେ ମତ ରଖିଥିଲେ । ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକରିଥିବା ସମାଜସେବୀ, ସାମ୍ବାଦିକ ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ପଦସ୍ତ ଅଧିକାରୀ ମାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା । ଓଡିଶା କର୍ମଜୀବୀ ସାମ୍ବାଦିକ ସଂଘର ସଭାପତି ତଥା ଜାତୀୟ କର୍ମଜୀବୀ ସଂଘର ସାଧାରଣ ସମ୍ପାଦକ ସୁଜ୍ଞାନଚୌଧୁରୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ରାଜ୍ୟର କୋଣ ଅନୁକୋଣରୁ ୨୦୦ରୁ ଅଧିକ ସମ୍ବାଦିକ ଯୋଗ ଦେଇଥିଲେ । ଏହି ସମ୍ବର୍ଧନା ଉତ୍ସବରେ ଓଡ଼ିଶା କର୍ମଜିବୀ ସାମ୍ବାଦିକ ସଂଘ ର ପୁରୀ ଜିଲ୍ଲା ସଭାପତି ଶରତ ପରିଡ଼ା, ପୁରୀ ଜଳସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ରତ୍ନାକର ଦଳେଇ,ଏସଡିପିଓ ନିମାପଡ଼ା ଦେବାଶିଷ ମିଶ୍ର, ଉଦ୍ୟାନ କୃଷି ଅଧିକାରୀ ଅଜୟ ପ୍ରଧାନ, ବରିଷ୍ଠ ସାମ୍ବାଦିକ ଲଳିତେନ୍ଦୁ ପଲାଉରୀ, ତ୍ରିଲୋଚନ ମିଶ୍ର, ଆଶୁତୋଷ ରଥ, ଲଳିତ ଦାଶ, ପ୍ରମୋଦ ପରିଡ଼ା, ଅଲେଖ ବିଶ୍ୱାଳ ପ୍ରମୁଖ ମାନପତ୍ର ଉପଢୌକନ ସମ୍ମାନିତ ହୋଇଥିଲେ ।

# ଜିଲ୍ଲାରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ



**ଜଗତସିଂହପୁର :** ଜଗତସିଂହପୁର ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଜଗତସିଂହପୁର ଜିଲ୍ଲା କୋର୍ଟ ଓ ସ୍ଥାନୀୟ ପୌରପରିଷଦ ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଜିଲ୍ଲା ଓ ଦୌରା ଜଜ୍ ତଥା ପ୍ରାଧିକରଣର ଅଧ୍ୟକ୍ଷ ଅନୁପ କୁମାର ଚନ୍ଦନଙ୍କ ଅଧ୍ୟକ୍ଷତାରେ ଚଳିତ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏହି ଲୋକଅଦାଲତର ଜିଲ୍ଲା ଓ ଦୌରା ଜଜ୍ ଅନୁପ କୁମାର ଚନ୍ଦନଙ୍କ ସହ ପରିବାର ଅଦାଲତ ଜଜ୍ ଭଗବାନ ପ୍ରଧାନ, ଅତିରିକ୍ତ ଜିଲ୍ଲା ଜଜ୍ ରାଜଶ୍ରୀ ମହାପାତ୍ର, ସିଜେଏମ୍ ପ୍ରିୟରଞ୍ଜନ ମିଶ୍ର, ପ୍ରାଧିକରଣ ସଚିବ ସୁନନ୍ଦା ପାଢୀ, ସବଜଜ୍ ସୁଦୀପ୍ତା ଦେହୁରି, ଜଜ ମହିଳା କୋର୍ଟ ରଶ୍ମିକା ସାହୁ, ରେଜିଷ୍ଟର ସିଭିଲ କୋର୍ଟ ସୁଦୀପ୍ତା ପାତ୍ର, ସବ୍ ଜଜ୍ (ଏଲଆର) ଅଭୟ କୁମାର ଦାସ, ଏସଡିଜେଏମ ବିଷ୍ଣୁ ପ୍ରସାଦ ଦେବତା, ମୁନଶିଫ ନିରଞ୍ଜନ ଦାସ, ଜେଏମଏଫସି ଝିଲ୍ଲି ଲିନା ନାୟକ, ଜେଏମଏସସି ମଲ୍ଲିକା ଗୋଏଙ୍କା ପ୍ରମୁଖ ଯୋଗଦେଇ ମାମଲା ଗୁଡିକର ପରିଚାଳନା କରିଥିଲେ । ଦୁର୍ଘଟଣା ଜନିତ ମୋକଦ୍ଦମାର ବିଚାର ପାଇଁ ଉଦ୍ଦିଷ୍ଟ ବେଞ୍ଚରେ ଅତିରିକ୍ତ ପବ୍ଲିକ୍ ପ୍ରକ୍ୱେକ୍ୟୁଟର ଭଜହରି କର, ସରକାରୀ ଓକିଲ ସଲିଲ ଘୋଷ, ଆଇନଜୀବି ଧୀରେନ୍ଦ୍ରନାଥ ଆଚାର୍ଯ୍ୟ, ସଲ୍ୟବିଭାଗ ଡାକ୍ତର ସିଦ୍ଧାର୍ଥ ଶଙ୍କର ମହାନ୍ତି, ସାମାଜିକ କର୍ମୀ ସୁଷମା ପ୍ରଧାନ ଓ ମନୋସ୍ତତ୍ୱ ବିତ୍ ସୁସ୍ମିତା ମାଝି ମୋକଦ୍ଦମା ପରିଚାଳନା କରିଥିଲେ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରଧୀନ ମୋକଦ୍ଦମା ଯଥା ଫୌଜଧାରୀ, ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବୈବାହିକ ବିବାଦ, ରାଜସ୍ୱ ମାମଲା ଓ ଅନ୍ୟାନ୍ୟ ଦିୱାନୀ ମୋକଦ୍ଦମା ସହିତ ଜିଲ୍ଲାରେ ଥିବା ବ୍ୟାଙ୍କ ମାମଲା ସମ୍ବନ୍ଧୀୟ ପ୍ରାକ୍ ମୋକଦ୍ଦମା ବି ଆଦି ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଫଇସଲା ହୋଇଥିଲା । ଜିଲ୍ଲାରୁ ସମୁଦାୟ ୨୬୧୦ ମାମଲା ମଧ୍ୟରୁ ୧୪୨୨ ଟି ଫଇସଲା ହୋଇଥିବା ବେଳେ ୧୧୮୮ ଟି ମାମଲାର ସମାଧାନ କାହିଁ କରାଗଲା ନାହିଁ ବୋଲି ଗଣମାଧ୍ୟମକୁ ପ୍ରଦାନ କରାଗଲା ନାହିଁ । ଏହି ଅଦାଲତରେ ବିଭିନ୍ନ ମୋକଦ୍ଦମାର ବିଚାର କରାଯାଇ ସେ ବାବଦର ୨କୋଟି ୫ଲକ୍ଷ ୧୨ହଜାର ୩୩୮ ଟଙ୍କା ଆଦାୟ କରାଯାଇଛି । ସେହିପରି ବ୍ୟାଙ୍କ ମାମଲା ସମ୍ବନ୍ଧୀୟ ପ୍ରାକ୍ ମୋକଦ୍ଦମାରେ ୪୯୦୨ ମାମଲାରୁ ୪୨ଟି ସଫଳତାର ସହ ଫଇସଲା ହେବା ସହିତ ୧୩ ଲକ୍ଷ ୧୫ ହଜାର ୩୦୦ ଟଙ୍କା ଋଣ ଆଦାୟ କରାଯାଇଛି । ଜଗତସିଂହପୁର ଜିଲ୍ଲା କୋର୍ଟ ସମେତ କୁଜଙ୍ଗ, ତିର୍ତୋଲ, ରଘୁନାଥପୁର ଓ ଏରସମା କୋର୍ଟ ପ୍ରାଙ୍ଗଣରେ ମଧ୍ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି ଏବଂ ବିଚାରପତିମାନଙ୍କ ଦ୍ୱାରା ମୋକଦ୍ଦମା ଗୁଡିକର ଫଇସଲା କରାଯିବା ସହିତ ଜୋରିମାନା ବି ଆଦାୟ କରାଯାଉଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଦଳିଲା ୮ବର୍ଷ ...

ହାତେଇଥିବା ପ୍ରଭାବଶାଳୀ ବ୍ୟକ୍ତିମାନଙ୍କୁ ସୁହାଇବା ନିମନ୍ତେ ଉଦ୍ଦିଷ୍ଟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ତତକାଳୀନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଇଚ୍ଛାଧୀନ କୋଟାରେ ୨ଟି ଘର ହାତେଇଥିବାକୁ ନେଇ ବାଦବିବାଦ ବଢ଼ିବା ପରେ ୨୦୧୧ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଇଚ୍ଛାଧୀନ କୋଟାକୁ ସମ୍ପୂର୍ଣ୍ଣ ରଦ୍ଦ କରିଦେଇଥିଲେ । ଆଉ ଆଇଏଏସ୍ ତାରା ଦତ୍ତଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କଫୋର୍ସ ଗଠନ କରିଥିଲେ । ଏହି ଟାସ୍କଫୋର୍ସ ନିଜର ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲା, ଯାହାକୁ ୨୦୧୪ ଡିସେମ୍ବର ୧୮ତାରିଖରେ ରାଜ୍ୟ କ୍ୟାବିନେଟ୍ ମଧ୍ୟ ଅନୁମୋଦନ କରିଥିଲେ । ଟାସ୍କଫୋର୍ସ ରିପୋର୍ଟର ଅନୁଚ୍ଛେଦ ୪୮(୭)ରେ ସୁପାରିଶ କରାଯାଇଛି ଯେ, ଇଚ୍ଛାଧୀନ କୋଟାରେ ପ୍ରଥମେ ପ୍ଲଟ ଓ ଘର ପାଇ ତାକୁ ଅନ୍ୟ ନାଁକୁ ଟ୍ରାନ୍ସଫର କରି ପୁଣିଥରେ ଦ୍ୱିତୀୟ ଥର ଇଚ୍ଛାଧୀନ କୋଟାରେ ପ୍ଲଟ୍ ଅବା ଘର ପାଇଥିବା ହିତାଧିକାରୀଙ୍କ ପୂର୍ବ ହସ୍ତାନ୍ତରଣକୁ ରଦ୍ଦ କରାଯିବା ସହ ଏସବୁ ପାଇଁ ଅନୁମତି ଦେଇଥିବା ସିଡିଏ, ବିଡିଏ ଓ ଗୃହ ନିର୍ମାଣ ବୋର୍ଡର ଅଧିକାରୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବାର ଆବଶ୍ୟକତା ରହିଛି । ଇଚ୍ଛାଧୀନ କୋଟାରେ ଆବଣ୍ଟିତ ଘର ଓ ପ୍ଲଟର ଏଭଳି ବେଆଇନ ହସ୍ତାନ୍ତର ଓ ଏକାଧିକ ପ୍ଲଟ୍ ଅବା ଘର ଆବଂଟନକୁ ସମ୍ପୂର୍ଣ୍ଣ ରଦ୍ଦ କରାଯିବା ଉଚିତ୍ । ତେବେ ସରକାରୀ ନୀତିନିୟମ ପାଳନ କରି ହିତାଧିକାରୀ ପାଇଥିବା ଗୋଟିଏ ଘର ଅବା ପ୍ଲଟ୍ର ଟ୍ରାନ୍ସଫର ହୋଇଥିଲେ, ସେଗୁଡ଼ିକର ଆବଣ୍ଟନ ରଦ୍ଦ ନକରିବାକୁ ଟାସ୍କଫୋର୍ସ ରିପୋର୍ଟରେ ଉଲ୍ଲେଖ ରହିଛି । ତେବେ ପ୍ରଶ୍ନ ଉଠୁଛି, ଟାସ୍କଫୋର୍ସ ରିପୋର୍ଟରେ ଇଚ୍ଛାଧୀନ କୋଟାରେ ଘର ଓ ପ୍ଲଟକୁ ବେଆଇନ ଭାବେ ଟ୍ରାନ୍ସଫର କରାଯିବା ଓ ସମ୍ପୃକ୍ତ ହିତାଧିକାରୀ ଦ୍ୱିତୀୟଥର ପୁଣି ଇଚ୍ଛାଧୀନ କୋଟାରେ ଘର ଓ ପ୍ଲଟ ହାତେଇବା ଆଦିରେ ସାମିଲ ଥିବା ସରକାରୀ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସହ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ ପାଇଁ ସୁପାରିଶ ହୋଇଥିଲେ ମଧ୍ୟ ସରକାର ଏହା ଉପରେ ପଦକ୍ଷେପ ନନେଇ ସମସ୍ତ ଇଚ୍ଛାଧୀନ କୋଟାକୁ ବୈଧ କରିବା ଏବେ ସରକାରଙ୍କ ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସାଧାରଣ ପ୍ରଶାସନ ବିଭାଗର ସୂଚନା ଅନୁସାରେ, ୧୯୯୫ରୁ ୨୦୧୧ ମସିହା ମଧ୍ୟରେ ବିଡିଏ, ସିଡିଏ ଓ ଗୃହ ନିର୍ମାଣ ବୋର୍ଡ ପକ୍ଷରୁ ଇଚ୍ଛାଧୀନ କୋଟାରେ ମୋଟ ୧୭୯୧ଟି ପ୍ଲଟ ଓ କୋଠା ଆବଣ୍ଟିତ ହୋଇଛି । ବିଡିଏରେ ୮୦୩, ସିଡିଏରେ ୯୨୧ଟି ଓ ଗୃହ ନିର୍ମାଣ ବୋର୍ଡରେ ୬୭ଟି ଆବଣ୍ଟନ ରହିଛି । ସେଥିରୁ ମାତ୍ର ୫୪ଟି ଏକାଧିକ ଆବଣ୍ଟନ ଚିହ୍ନଟ ହୋଇଛି । ଯେଉଁଥିରେ ବିଡିଏର ୧୮ଟି, ସିଡିଏର ୩୨ଟି ଓ ଗୃହ ନିର୍ମାଣ ବୋର୍ଡର ୪ଟି ଆବଣ୍ଟନ ରହିଛି । ଇଚ୍ଛାଧୀନ କୋଟାରେ ଏକାଧିକ ପ୍ଲଟ୍ ଓ ଘର ନେଇଥିବା ବ୍ୟକ୍ତିଙ୍କୁ ରାଜ୍ୟ ସରକାର ନୋଟିସ୍ ଜାରି କରି ସେମାନଙ୍କୁ ଅତିରିକ୍ତ ଘର ଓ ପ୍ଲଟ୍ ଫେରାଇବା ପାଇଁ ପରାମର୍ଶ ଦେଇଥିଲେ । କିନ୍ତୁ ନିଜର ପ୍ରଭାବ ବିସ୍ତାର କରି ଏସବୁ ଏକାଧିକ ଘର ଓ ପ୍ଲଟ୍ ହାତେଇଥିବା କୌଣସି ବ୍ୟକ୍ତି କିମ୍ବା ସରକାରୀ ଅଫିସରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିବା ସରକାର ଟାସ୍କଫୋର୍ସ ରିପୋର୍ଟରୁ ଏହି ପ୍ରାବଧାନକୁ ହଟାଇ ସମସ୍ତ ଇଚ୍ଛାଧୀନ କୋଟାକୁ ପୁଣିଥରେ ବୈଧ କରିଦେଇଛି । ଅର୍ଥାତ୍ ଏହି ଅବଧି ମଧ୍ୟରେ ଇଚ୍ଛାଧୀନ କୋଟାରେ ଆବଣ୍ଟିତ ମୋଟ ୧୭୩୭ଟି ପ୍ଲଟ୍ ଓ ଘର ଆଇନତଃ ବୈଧ ରହିବ । ଯାହାଫଳରେ ଏଣିକି ଆବଣ୍ଟନକାରୀଙ୍କ ଉତ୍ତରାଧିକାରୀଙ୍କ ସପକ୍ଷରେ ଦାଖଲ ଖାରଜ ଓ ଆବଣ୍ଟନ ପରବର୍ତ୍ତୀ କାର୍ଯ୍ୟକଳାପ ସରକାରୀ ଭାବେ ସମ୍ଭବପର ହୋଇପାରିବ ।

### ଖାଲି ହେଉଛି ...

ବର୍ଷର ପ୍ରଥମ ୪ ମାସ ମଧ୍ୟରେ ଦେଶରୁ ପ୍ରାୟ ୭୩ ଲକ୍ଷ ଟନ୍ ଚାଉଳ ରପ୍ତାନୀ ହୋଇଛି । ଆଭ୍ୟନ୍ତରୀଣ ଚାହିଦା ଓ ରପ୍ତାନୀ ଅସଙ୍ଗତି ଘରୋଇ ବଜାରରେ ଚାଉଳ ଦର ବୃଦ୍ଧି କରିଛି । ଏଥିପାଇଁ ଖୁଦ ରପ୍ତାନୀ ଉପରେ ପ୍ରତିବନ୍ଧକ ଲାଗିଛି, ଅଣ-ବାସୁମତୀ ଚାଉଳ ଉପରେ ରପ୍ତାନି ଶୁଳ୍କ ୨୦%କୁ ବୃଦ୍ଧି କରାଯାଇଛି । ଏହା ଫଳରେ ରପ୍ତାନୀ ହ୍ରାସ ପାଇଛି ଏବଂ ଦେଶ ୫୬୦୦ କୋଟି ଟଙ୍କା କ୍ଷତି ସହିବାକୁ ଯାଉଛି । ଅନ୍ୟପକ୍ଷରେ ଦେଶରେ ପର୍ଯ୍ୟାପ୍ତ ପରିମାଣର ଚାଉଳ ଗଚ୍ଛିତ ଥିବାରୁ ଫୁଡ଼ କର୍ପୋରେସନ ଅଫ ଇଣ୍ଡିଆ ଓଡ଼ିଶାରୁ ଚାଉଳ ଉଠାଉ ନାହିଁ ବୋଲି କେନ୍ଦ୍ର ସରକାର ଓ ଏଫ୍‌ସିଆଇ ଯାହା କହୁଛନ୍ତି, ବାସ୍ତବିକତା ହେଉଛି ତାହାର ଠିକ୍ ବିପରୀତ । ୨୦୨୧ ମସିହାରେ କେନ୍ଦ୍ର ସରକାରଙ୍କ ଖାଦ୍ୟଭଣ୍ଡାରରେ ୨୬୮ ଲକ୍ଷ ଟନ୍ ଚାଉଳ ଗଚ୍ଛିତ ଥିଲା । ଚଳିତ ବର୍ଷ ୧ ସେପଟେମ୍ବରରେ ତାହା ୨୪୪ ଲକ୍ଷ ଟନ୍‌କୁ ହ୍ରାସ ପାଇଛି । କେନ୍ଦ୍ର ଗୋଦାମରେ ୨୨ ଲକ୍ଷ ଟନ୍ କମ୍ ଚାଉଳ ଥିବା ସତ୍ତ୍ୱେ ଓଡ଼ିଶାରୁ ୧୦ ଲକ୍ଷ ଟନ୍ ଚାଉଳ ଉଠାଇବାରେ କାହିଁକି କେନ୍ଦ୍ର ସରକାର କାର୍ପଣ୍ୟ କରୁଛନ୍ତି ତାହା ଅନେକଙ୍କ ପାଇଁ ଅବୋଧ । ଓଡ଼ିଶାରୁ ଏଫ୍‌ସିଆଇ ଜାଣିଶୁଣି ଚାଉଳ ନ ଉଠାଇବା ପଛରେ ରୀତିମତ ଷଡ଼ଯନ୍ତ୍ର ଥିବା ମନେ କରାଯାଉଛି ବୋଲି ଅର୍ଥନୀତି ବିଶେଷଜ୍ଞମାନେ ମନେ କରୁଛନ୍ତି । ଚାଷୀଙ୍କ ମନରେ ରାଜ୍ୟ ସରକାରଙ୍କ ବିରୋଧରେ ଅସନ୍ତୋଷ ସୃଷ୍ଟି କରିବା ନିମନ୍ତେ ଜାଣିଶୁଣି ଏପରି ପଦକ୍ଷେପ ନିଆଯାଉଛି ବୋଲି କୁହାଯାଉଛି । କେବଳ ଚାଉଳ ନୁହେଁ; ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଖରିଫ ଡାଲିଜାତୀୟ ଫସଲ ଉତ୍ପାଦନ ମଧ୍ୟ ହ୍ରାସ ପାଇଛି । କୃଷି ମନ୍ତ୍ରଣାଳୟର ପରିସଂଖ୍ୟାନ ଅନୁସାରେ ଗତବର୍ଷ ତୁଳନାରେ ଚଳିତ ବର୍ଷ ୫ ଲକ୍ଷ ହେକ୍ଟର କମ୍ ଜମିରେ ଡ଼ାଲି ଚାଷ ହୋଇଛି । ଏଣୁ ଆଗାମୀ ଦିନରେ ଡାଲିର ମୂଲ୍ୟ ବୃଦ୍ଧି ପାଇବ ଆଶଙ୍କା ସୃଷ୍ଟି ହୋଇଛି । ଏଭଳି ପରିସ୍ଥିତିରେ କେନ୍ଦ୍ର ସରକାର ଦେଶର ୮୦ କୋଟି ଲୋକଙ୍କୁ ରିହାତି ମୂଲ୍ୟରେ ଯୋଗାଇ ଆସୁଥିବା 'ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା' ମାଧ୍ୟମରେ ଗରିବ ଲୋକଙ୍କୁ ପ୍ରତି ମାସରେ ୫ କିଲୋଗ୍ରାମ ମାଗଣା ଚାଉଳ କିମ୍ବା ଗହମ ଏବଂ ୧ କିଲୋଗ୍ରାମ ପସନ୍ଦ ଡାଲି ଦେବା ପାଇଁ ମାର୍ଚ୍ଚ ୨୦୨୦ରେ ଯେଉଁ ଘୋଷଣା କରିଥିଲେ ତାହା ବନ୍ଦ କରିଦେଇ ପାରନ୍ତି ବୋଲି ଅର୍ଥନୀତି ବିଶେଷଜ୍ଞ ମାନେ ଆଶଙ୍କା ପ୍ରକାଶ କରିଛନ୍ତି । ସମ୍ପ୍ରତି ସାରା ଦେଶରେ ବିଭିନ୍ନ ରାଜ୍ୟରେ ନିର୍ବାଚନ ଓ ଉପନିର୍ବାଚନ ଚାଲିଛି । ଏହା ଶେଷ ହେବା ପରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇପାରେ ବୋଲି କୁହାଯାଉଛି ।

### ବଢ଼ିବ ବିଧାୟକଙ୍କ ...

ସୁବିଧାସୁଯୋଗ ଆଦିର ସମୀକ୍ଷା କରାଯାଇଥିଲା ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ମିଳିଥିବା ସୂଚନା ଅନୁସାରେ, ମୋଟ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ବିଧାୟକମାନଙ୍କୁ ମିଳୁଥିବା ଦରମା ଓ ବିଭିନ୍ନ ଭତ୍ତା ଏବଂ ସୁବିଧାସୁଯୋଗ ଉପରେ କମିଟି ବିଚାରବିମର୍ଶ କରିଛନ୍ତି । ଓଡ଼ିଶାର ବିଧାୟକମାନଙ୍କୁ ଦରମା ଓ ଭତ୍ତା ବାବଦରେ ମାସିକ ୧ଲକ୍ଷ ଟଙ୍କା ମିଳୁଥିବାବେଳେ ଆନ୍ଧ୍ରପ୍ରଦେଶରେ ୧.୨୫ଲକ୍ଷ ଟଙ୍କା, ଗୁଜୁରାଟରେ ୧.୨୭ଲକ୍ଷ ଟଙ୍କା, ଛତିଶଗଡ଼ରେ ୧.୩୫ଲକ୍ଷ ଟଙ୍କା, ତାମିଲନାଡୁରେ ୧.୧୩ଲକ୍ଷ ଟଙ୍କା, କେରଳରେ ୭୦ହଜାର ଟଙ୍କା, ମିଜୋରାମରେ ୬୫ହଜାର ଟଙ୍କା, ପଶ୍ଚିମବଙ୍ଗରେ ୫୨ହଜାର ଟଙ୍କା, ପୁଡୁଚେରୀରେ ୧.୦୫ଲକ୍ଷ ଟଙ୍କା, ଗୋଆରେ ୧.୨୨ଲକ୍ଷ ଟଙ୍କା, ବିହାରରେ ୧.୬୫ଲକ୍ଷ ଟଙ୍କା, ମହାରାଷ୍ଟ୍ରରେ ୧.୬୦ଲକ୍ଷ ଟଙ୍କା, ଝାଡ଼ଖଣ୍ଡରେ ୧.୭୬ଲକ୍ଷ ଟଙ୍କା, ଆସାମରେ ୧.୭୩ଲକ୍ଷ ଟଙ୍କା, ସିକ୍କିମରେ ୧.୬୩ ଲକ୍ଷ ଟଙ୍କା, ହରିୟାଣାରେ ୧.୯୫ଲକ୍ଷ ଟଙ୍କା, ମେଘାଳୟରେ ୧.୪୪ଲକ୍ଷ ଟଙ୍କା, କର୍ଣ୍ଣାଟକରେ ୧.୪୫ଲକ୍ଷ ଟଙ୍କା, ରାଜସ୍ଥାନରେ ବିଧାୟକମାନଙ୍କୁ ମାସିକ ୧.୪୨ଲକ୍ଷ ଟଙ୍କା ମିଳୁଛି । ସର୍ବାଧିକ ୨.୫୦ଲକ୍ଷ ଟଙ୍କା ମାସିକ ଦରମା ତେଲେଙ୍ଗାନାରେ ବିଧାୟକଙ୍କୁ ମିଳୁଥିବାବେଳେ ମଧ୍ୟପ୍ରଦେଶ ଓ ଦିଲ୍ଲୀରେ ୨.୧୦ଲକ୍ଷ ଟଙ୍କା ଓ ଉତ୍ତରପ୍ରଦେଶରେ ବିଧାୟକମାନଙ୍କୁ ୧.୮୭ଲକ୍ଷ ଟଙ୍କା ଦରମା ଓ ଅନ୍ୟାନ୍ୟ ଭତ୍ତା ଆଦି ମିଳୁଛି ବୋଲି ଜଣାପଡ଼ିଛି ।

### ଶିକ୍ଷାରେ ଉତ୍କର୍ଷ ପାଇଁ ...

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓ ମାଧ୍ୟମିକ ଶିକ୍ଷା ପରିଷଦ ପାଇଁ ଡିଜି ଲକର ବ୍ୟବସ୍ଥାର ଶୁଭାରମ୍ଭ ମଧ୍ୟ କରିଛନ୍ତି । ଏହି ଭର୍ଚ୍ୟୁଆଲ ଲକରରେ ଛାତ୍ରଛାତ୍ରୀଙ୍କ ସାର୍ଟିଫିକେଟ, ମାର୍କସିଟ ଓ ଅନ୍ୟାନ୍ୟ ଡକ୍ୟୁମେଣ୍ଟ ସୁରକ୍ଷିତ ରହିପାରିବା ସହିତ ସୁବିଧାରେ ଉପଲବ୍ଧ ମଧ୍ୟ ହେବ । ଏଥିରେ ଚୋରି ବା ହଜି ଯିବାର କୌଣସି ସମ୍ଭାବନା ରହିବ ନାହିଁ । ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ୩ଟି ଗୁରୁତ୍ୱପୂର୍ଣ୍ଣ ବିଷୟରେ ପରାମର୍ଶ ଦେଇଥିଲେ । ପ୍ରଥମଟି ହେଉଛି – ସମୟର ଆହ୍ୱାନ । ସେ କହିଥିଲେ ଯେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ସମୟ ହେଉଛି ଗୁରୁତ୍ୱପୂର୍ଣ୍ଣ । ଠିକ୍ ସମୟରେ ଠିକ୍ କାମ କଲେ, ପିଲାମାନେ ଆଗରେ ରହିପାରିବେ ବୋଲି ମତବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇ କହିଥିଲେ ଯେ ବର୍ତ୍ତମାନ ହେଉଛି ପିଲାମାନଙ୍କର ଜ୍ଞାନ ଅର୍ଜନ କରିବାର ସମୟ । ପାଠ ସହିତ ଖେଳକୁଦ, ନାଚଗୀତ – ସବୁ କ୍ଷେତ୍ରରେ ଉତ୍କର୍ଷ ହାସଲ କରି ନିଜ ପାଇଁ ପରିଚୟ ସୃଷ୍ଟି କରିବାକୁ ସେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । ଦ୍ୱିତୀୟରେ "ପରିବର୍ତ୍ତନ ଅବଶ୍ୟମ୍ଭାବୀ" ବୋଲି ମତବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସମୟ ସହ ତାଳ ଦେଇ ଆଗକୁ ବଢିବାକୁ ହେବ ଓ ପରିବର୍ତ୍ତନକୁ ଗ୍ରହଣ କରିବାକୁ ହେବ । ସମୟର ଆହ୍ୱାନକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତ ହେବାକୁ ପରାମର୍ଶ ଦେଇ ସେ କହିଥିଲେ ଯେ ଆମର ୫-ଟି ରୂପାନ୍ତରର ମୁଖ୍ୟ ଲକ୍ଷ୍ୟ ହେଉଛି, ସମୟର ଆହ୍ୱାନର ମୁକାବିଲା ପାଇଁ ପିଲା ମାନଙ୍କୁ ପ୍ରସ୍ତୁତ କରିବା । ନିଜ ଭିତରେ ବୈଜ୍ଞାନିକ ମନୋବୃତ୍ତିର ବିକାଶ ପାଇଁ ସେ ପରାମର୍ଶ ଦେଇଥିଲେ । ତୃତୀୟରେ ପିଲାମାନଙ୍କୁ ଦାୟିତ୍ୱବୋଧତା ସଂପର୍କରେ ବୁଝାଇ କହିଥିଲେ ଯେ ତୁମମାନଙ୍କ ଜୀବନ ଗଢିତୋଳିବାରେ ଯେଉଁ ମାନଙ୍କ ଅବଦାନ ରହିଛି, ଯଥା- ଶିକ୍ଷକ, ପରିବାର, ଗୁରୁ ,ନିଜ ଗାଁ ଓ ସ୍କୁଲ – ସେମାନଙ୍କ ପ୍ରତି ନିଜର ଦାୟିତ୍ୱ ଓ ସମ୍ମାନକୁ କେବେ ହେଲେ ଭୁଲ ନାହିଁ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରିବା ସହିତ ଏକ କଫି ଟେବୁଲ ପୁସ୍ତକ, ମାଗାଜିନ ଓ ମୋ ସ୍କୁଲ ନ୍ୟୁଜ ଲେଟର ଉନ୍ମୋଚନ କରିଥିଲେ । ଏହି ଅବସରରେ ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଅଶୋକ ପଣ୍ଡା ଓ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ନିଜ ନିଜର ଅଭିଭାଷଣ ରଖି ଶିକ୍ଷା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ଦୃଢ ନେତୃତ୍ୱ ଓ ଦୂରଦୃଷ୍ଟିର ଉଚ୍ଚପ୍ରଶଂସା କରିଥିଲେ । ସ୍କୁଲ ଗୁଡିକର ରୂପାନ୍ତର, ମୋ ସ୍କୁଲ କାର୍ଯ୍ୟକ୍ରମ ଆଦି ରାଜ୍ୟର ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ସେମାନେ ମତବ୍ୟକ୍ତ କରିଥିଲେ । ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଓ ଉତ୍ତର ବିଧାୟକ ସୁଶାନ୍ତ ରାଉତ ପ୍ରମୁଖ ଅଭିଭାଷଣ ଦେଇଥିଲେ । ସ୍କୁଲ ଓ ଗଣଶିକ୍ଷା ବିଭାଗର କମିଶନର-ତଥା-ସଚିବ ଅଶ୍ୱଥି ଏସ୍ ସ୍ୱାଗତ ଭାଷଣ ଦେଇଥିଲେ ଓ ଓସେପାର ପ୍ରକଳ୍ପ ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ ।

### 'ବାଲିଯାତ୍ରା ...

ବାଲିଯାତ୍ରା ଆୟବ୍ୟୟର ସ୍ପେଶାଲ ଅଡିଟ୍ କରନ୍ତୁ । ଦରକାର ପଡ଼ିଲେ ଆରଟିଆଇ ଆକ୍ଟରେ ଯାତ୍ରା ଆୟବ୍ୟୟ ହିସାବ ମଗାଯିବ ବୋଲି ପ୍ରଭାତ କହିଛନ୍ତି । ଏଥିସହ ଆସନ୍ତାବର୍ଷଠାରୁ କଟକ ବାଲିଯାତ୍ରାକୁ ରାଜ୍ୟ ସରକାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରନ୍ତୁ ବୋଲି ଦାବି ରଖିଛନ୍ତି । ଆଜି ବସିଥିବା କଟକ ମହାନଗର ଶାନ୍ତି କମିଟି ଓ ପୂଜା କମିଟିର ସଦସ୍ୟଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଏହି ପ୍ରସଙ୍ଗକୁ ନେଇ ଜୋରଦାର ଆଲୋଚନା ହୋଇଥିଲା । ଅନ୍ୟପକ୍ଷରେ ବାଲିଯାତ୍ରା ମଞ୍ଚରେ ନବୀନ ବନ୍ଦନାକୁ ନାପସନ୍ଦ କରିଛନ୍ତି ପ୍ରଭାତ ତ୍ରିପାଠୀ । ସେ କହିଛନ୍ତି, ପର୍ଵୋତ୍ସବକୁ ଯେମିତି ରାଜନୀତି କରଣ କରାଗଲା, ତାହା ଆଦୌ ଠିକ ନୁହେଁ । ଏହା ଓଡ଼ିଶାବାସୀଙ୍କ ଅସ୍ମିତା ପ୍ରତି ପଦାଘାତ । ପ୍ରଭାତ ତ୍ରିପାଠୀ ଏପରି ବୟାନକୁ ନେଇ କଟକ ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି, ଏଥର ବାଲିଯାତ୍ରା ବେଶ୍ ଧୁମ୍ଧାମରେ ଆୟୋଜନ ହୋଇଛି । ସବୁ କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ କରାଯାଇଛି । ଯଦି କିଏ ଅଡିଟ୍ ଚାହୁଁଛନ୍ତି, ତାକୁ ଆମେ ସ୍ୱାଗତ କରୁଛୁ । ତେବେ ଯେଉଁମାନଙ୍କର କଟକ ସହର ପାଇଁ ଅବଦାନ ଥାଏ, ସେମାନଙ୍କୁ ବାଲିଯାତ୍ରା ଅବସରରେ ସମ୍ମାନିତ କରାଯାଏ ବୋଲି ଜିଲ୍ଲାପାଳ କହିଛନ୍ତି ।

### ସନ୍ଦେହ ଘେରରେ ...

ସୁବିନିଯୋଗ କରିବାରେ ହାତ ଛଡା କରିନାହାନ୍ତି ସ୍ଥାନୀୟ ବାଲି ମାଫିଆ । ଚଳିତ ବର୍ଷ ବର୍ଷା ଋତୁ ପରେ ସମସ୍ତ ବାଲି ସାଇରାତ ଗୁଡିକରେ ବହୁ ପରିମାଣ ରେ ବାଲି ଗଚ୍ଛିତ ଥିବାର ଦୃଶ୍ୟ ମାନ ହୋଇଥିଲା । ବିଶେଷ କରି ସୁନିଆ ପାଳ , ଝିଙ୍କପାଳ, ବଜ୍ରତୁଣ୍ଡି, କଣ୍ଟାପାଳ, ଇଟାମୁଣ୍ଡିଆ ଆଦି ମୌଜାରେ ବିପୁଳ ପରିମାଣରେ ବାଲି ଘଚ୍ଛିତ ରହିଥିଲା । କିନ୍ତୁ ଏହି ଅକ୍ଟବର ଓ ନଭେଂମବେର ମାସରେ ବାଲି ମାଫିଆଙ୍କ ଦ୍ୱାରା ଅଧା ଧିକ ବାଲି ହରିଲୁଟ ହେଇସାରିଲାଣି । ଯାହାର ଆନୁମାନିକ ମୂଲ୍ୟ ୨୦ କଟି ରୁ ଉର୍ଦ୍ଧ୍ୱ ହେବାର ଅନୁମାନ କରାଯାଉଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଉକ୍ତ ଚୋରା ଚାଲାଣ କୁ ନେଇ ସେମାନେ ତହସିଲଦାର ଓ ରାଜସ୍ୱ ନିରୀକ୍ଷକ ଙ୍କୁ ବାରମ୍ବାର ଅବଗତ କରୁଥିଲେ ସୁଦ୍ଧା କୌଣସି ସୁଫଳ ମିଳୁ ନାହିଁ । ଓଲଟା କିଛି ଘଣ୍ଟା ମଧ୍ୟରେ ବାଲି ମାଫିଆ ମାନେ ଫୋନ କରୁଥିବା ଲୋକଙ୍କ ଘରେ ପହଞ୍ଚି ଜୀବନରୁ ମାରିଦେବା ଭଳି ଘଟଣା ଦେଖିବାକୁ ମିଳିଛି । ଯେଉଁ କାରଣ ପାଇଁ ବର୍ତ୍ତମାନ ସ୍ଥାନୀୟ ଲୋକେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଫୋନ କରିବାକୁ ଭୟ କରୁଛନ୍ତି । ତେବେ ଏଥିରୁ ଗୋଟେ ଜିନିଷ ପ୍ରମାଣିତ ହେଉଛି ଯେ ତହସିଲଦାର ଓ ବାଲି ମାଫିଆଙ୍କ ସମ୍ପର୍କ କେତେ ନିବିଡ । ସ୍ଥାନୀୟ ତହସିଲଦାର ନାମକୁ ମାତ୍ର ଗୋଟେ ଦୁଇଟି ଗାଡି ଧରି ବାଃ ବାଃ ନେଉଛନ୍ତି ଓ ନାମକୁ ମାତ୍ର ଜରିମାନା ଆଦାୟ କରି ଛାଡି ଦେଇଛନ୍ତି । ଶାମାଖୁଣ୍ଟା ବ୍ଲକ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପୋଡା ଅସ୍ତିଆରେ ଥିବା ବେଳେ ଉକ୍ତ ରାସ୍ତା ଦେଇ ସହ ସହ ବାଲି ବୋଝେଇ ଟ୍ରାକ୍ଟର ବିନା ପରମିଟରେ ଯାତାୟତ କରୁଛନ୍ତି । ତେବେ ଏହା କିପରି ସମ୍ଭବ ପର ହେଇ ପାରୁଛି ତାହା ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରଶ୍ନବାଚି ସୃଷ୍ଟି କରିଛି । ବାଲି ମାଫିଆ ମାନେ ନୂତନ କୌଶଳ ଅବଲମ୍ବନ କରିବା ପୂର୍ବକ ତହସିଲଦାର ଓ ଆରଇଙ୍କ ଯିବା ଆସିବା ରାସ୍ତାରେ ତୀକ୍ଷ୍ଣ ନଜର ରଖିଛନ୍ତି । ଯାହା ଦ୍ୱାରା ବିଭାଗୀୟ ଅଧିକାରୀ କାର୍ଯ୍ୟାଳୟ ରୁ ବାହାରିବା ମାତ୍ରେ ବିଭିନ୍ନ ଛକ ସ୍ଥାନରେ ଜଗି ରହିଥିବା ମାଫିଆ ମାନେ ସେମାନଙ୍କୁ ସୂଚନା ଦେଇ ଦେଉଥିବା ଯୋଗୁଁ ଗାଡି ଗୁଡିକ ଖସି ଯାଉଥିବା କଥା କଥା ପ୍ରକାଶ ପୋଡା ଅସ୍ତିଆ ରାଜସ୍ୱ ନିରୀକ୍ଷକ । ତେବେ ଏଠାରେ ପ୍ରଶ୍ନ ଉଠେ ସ୍ଥାନୀୟ ତହସିଲଦାର ଏହି କଟି କଟି ଟଙ୍କା ର ବାଲି ଚୋରା ଚାଲାଣ ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇଛନ୍ତି ? ବାଲି ଚୋରି ରକିବା ନିମନ୍ତେ ପଲିସ ବିଭାଗର ସହାୟତା ଲଡିଛନ୍ତି ? କଣ ସିଭିଲ ସ୍କ୍ୱାଡ୍ ଗଠନ ନିମନ୍ତେ ଆବେଦନ କରିଛନ୍ତି ? କଣ ପାଇଁ ତହସିଲଦାର ଉକ୍ତ ଚୋରି ହେଉଥିବା ବାଲି ସୌରାତ ଗୁଡିକରେ ୧୪୪ ଧାରା ଜାରି କରୁନାହାନ୍ତି ? ତେବେ ଏହିପରି ଅନେକ ପ୍ରଶ୍ନ ବର୍ତ୍ତମାନ ସ୍ଥାନୀୟ ଲୋକଙ୍କ ମନ ଉଙ୍କି ମାରୁଛି ।ତେବେ ଉକ୍ତ ବାଲି ଚୋରିକୁ ଲଗାମ ଲଗାଇବା ପାଇଁ ମୟୂରଭଞ୍ଜ ଜିଲ୍ଲା ପାଳ କେଉଁ ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ।

### ଏଣିକି ସମ୍ପତ୍ତି ବିକ୍ରି ...

ବ୍ୟବସ୍ଥାରେ ସ୍ୱଚ୍ଛତା ରଖିବା କ୍ଷେତ୍ରରେ ୫-ଟି ବିଭାଗ ଆଶାଠାରୁ ଅଧିକ ଭଲ ପ୍ରଦର୍ଶନ କରିଛି । ଗୋଟିଏ ପଟେ ୫-ଟି ବ୍ୟବସ୍ଥା ସାରା ଦେଶରେ ପ୍ରଶଂସା ସାଉଁଟୁଥିବା ବେଳେ ସମ୍ପତ୍ତି ବିକ୍ରିରେ ବାୟୋମେଟ୍ରିକ ଲାଗୁ କରିବା ଭଳି ନୂଆ ନିଷ୍ପତ୍ତିକୁ ସର୍ବସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି । ଭାରତ ସରକାରଙ୍କର ସ୍ୱତନ୍ତ୍ର ପରିଚୟ କର୍ତ୍ତୃପକ୍ଷ (ୟୁଆଇଡିଏଆଇ) ପକ୍ଷରୁ ଗତ ସେପ୍ଟେମ୍ବର ୬ ତାରିଖରେ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ବାୟୋମେଟ୍ରିକ୍ ବ୍ୟବସ୍ଥାକୁ ଦୃଢ଼ୀକରଣ କରିବା ପାଇଁ ପରାମର୍ଶ ଦିଆଯାଇଥିଲା । ଜାତୀୟସ୍ତରରେ ସମ୍ପତ୍ତିର ବିକ୍ରି ଓ ବନ୍ଧକ ବେଳେ ଏଭଳି ଠକେଇ ବାରମ୍ବାର ଦେଖିବାକୁ ମିଳୁଥିବା ହେତୁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ଏନେଇ ସଚେତନ କରାଇଥିଲେ । ତେବେ ଆଧାରଜନିକ ବାୟୋମେଟ୍ରିକ୍ ଯାଞ୍ଚକୁ ବଢ଼ାଇବା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଦତ୍ତ ଚିଠିକୁ ଗତ ନଭେମ୍ବର ୨ ତାରିଖରେ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟରକୁ ପଠାଯାଇଛି ।

### ରଘୁନାଥପୁର ଥାନା ...

କଥା ହେଉଥିବା ବେଳେ ଅଭିଯୋଗକାରି ଓ ତାଙ୍କ ଓକିଲ ଥାନାରେ ବସି ଆଗିଲା ଆଲୋଚନା କରୁଥିଲେ । ଏହା ଦେଖି ମୁଁ ଥାନା ଅଧିକାରୀଙ୍କୁ ଫୋନରେ ବାହାରକୁ ଆସିବାକୁ କହିବାରୁ ହଠାତ୍ ସେ ଉତ୍କ୍ଷିପ୍ତ ହୋଇ ଅତ୍ୟନ୍ତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ମହକିଲଙ୍କୁ ତାଙ୍କ ରୁମ୍‌କୁ ଛାଡିବାକୁ କହିଥିଲେ । ଏଥିରେ ମୁଁ ରାଜି ନହୋଇ ମୋ ମହକିଲକୁ ଛାଡିନଥିଲି । ତା ପରେ ଶ୍ରୀ ବେହେରା ବାହରକୁ ଚାଲିଆସି ମୋତେ ଓ ମହକିଲକୁ ଅତ୍ୟନ୍ତ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଯୁକ୍ତିତର୍କ କରିବାକୁ ବି ପଛାଇ ନଥିଲେ, ଫଳରେ ଖବରପାଇ ଲୋକମାନେ ପହଞ୍ଚିବାରୁ ନିଜର ଭାବମୂର୍ତ୍ତିକୁ ବଞ୍ଚାଇବାକୁ ଯାଇ ଶ୍ରୀ ବେହେରା ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥିଲେ । ଜଣେ ଥାନା ଅଧିକାରୀଙ୍କ ଓକିଲଙ୍କ ପ୍ରତି ଏପରି ବ୍ୟବହାରକୁ ନେଇ ସେଠାରେ ଅସନ୍ତୋଷ ବି ଦେଖାଯାଇଥିଲା । ଜଣେ ବରିଷ୍ଠ ଓକିଲଙ୍କୁ ବାହାରେ ଏପରି ଅଶାଳୀନ ବ୍ୟବହାରକୁ ନେଇ ଓ ଗାଳିମନ୍ଦ କରିବା ଘଟଣା ରଘୁନାଥପୁର ଥାନା ପୋଲିସ ପ୍ରଶାସନ ନିଜର ମାନବିକତା ହରାଇ ବସିଲାଣି । ଏହି ଥାନାରେ ଆଇନଶୃଙ୍ଖଳା ପରିସ୍ଥିତି ଏକପ୍ରକାର ବିପର୍ଯ୍ୟୟ ଆଡକୁ ଗତିକାଲଣି । ଥାନା ଅଧିକାରୀ ଶ୍ରୀ ବେହେରା କଟକ ଜିଲ୍ଲା ଅନ୍ତର୍ଗତ ବାଙ୍କି ଅଞ୍ଚଳର ବାସିନ୍ଦା ହୋଇଥିବାରୁ ସେ ତାଙ୍କର ଦବଦବା ବଜାୟ ରଖି ମୋ ସରକାରଙ୍କ ସଫଳତାକୁ ପଙ୍ଗୁ କରିଦେଲାଣି । ଏହି ପୋଲିସ ବାବୁ ଜଣକ କିଛି ଦିନ ତଳେ ଜନୈକ ଗଣମାଧ୍ୟମ ପ୍ରତିନିଧିଙ୍କୁ ଥାନା ଗାଡିରେ ଘରୁ ବସାଇ ଆଣି ଘଣ୍ଟା ଘଣ୍ଟା ଧରି ଥାନା ବାରଣ୍ଡାରେ ବସାଇଥିଲେ । ଶେଷରେ ଜଣାପଡିଥିଲା ଯେ ସୂଚନା ଅଧିକାର ଆଇନ ବଳରେ ରଘୁନାଥପୁର ଥାନା ସମ୍ପର୍କରେ ସୂଚନା ମାଗିଥିବାରୁ ଥାନା ଅଧିକାରୀ ମିଥ୍ୟାଆଳ ଦେଖାଇ ଏକ ହାଇଡ୍ରାମାର ଆୟୋଜନ କରିଥିଲେ । ଥାନା ଅଧିକାରୀଙ୍କ ଏପରି କାର୍ଯ୍ୟକ୍ରମକୁ ନେଇ ଗୃହ ସଚିବ, ଓଡିଶା ମାନବ ଅଧିକାର କମିଶନ, ପୋଲିସ ମହାନିର୍ଦ୍ଦେଶକ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଓ ଉଚ୍ଚ ନ୍ୟାୟାଳୟ ଓକିଲ ସଂଘ ନିକଟରେ ଶ୍ରୀ ଦାଶ ଜଣାଇବା ସହିତ ଏ ଦିଗରେ ୭ଦିନ ମଧ୍ୟରେ ଯଦି କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଆଇନର ଆଶ୍ରୟ ନେବେ ବୋଲି ପ୍ରକାଶ କରିଛନ୍ତି । ଏପରି ମନ୍ଦ ଉଦ୍ଦେଶ୍ୟ ପ୍ରଣୋଦିତ ତଥା ପିସି ନେବାରେ ସିଦ୍ଧ ହସ୍ତ ଥିବା ଏହି ଥାନା ଅଧିକାରୀଙ୍କୁ ଅନ୍ୟ ସ୍ଥାନକୁ ବଦଳି କରିବାକୁ ସାଧାରଣରେ ଦୃଢ ଦାବି ହେଉଛି । ଏହି ଥାନା ଅଧିକାରୀଙ୍କ ନିର୍ଯାତନାକୁ ନେଇ ଗଣମାଧ୍ୟମ ମାନଙ୍କରେ ଖବର ପ୍ରକାଶ ହେଉଥିଲେ ତାଙ୍କର ବଦଳି ନହେବାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଏପରିକି ଏହି ଥାନାରୁ ସୂଚନା ଅଧିକାର ଆଇନ ବଳରେ ସୂଚନା ମାଗିଲେ ବି ସୂଚନା ପ୍ରଦାନ କରାଯାଉନାହିଁ । ସଂପୃକ୍ତ ଥାନା ଅଧିକାରୀଙ୍କ ଏପରି ଦୌରାତ୍ମ୍ୟ ଓ ମିଥ୍ୟାଘଟଣା କ୍ରମରେ ଜନସାଧାରଣଙ୍କୁ ନ୍ୟାୟ ସଠିକ୍ ଭାବେ ମିଳିପାରୁନାହିଁ । ବରିଷ୍ଠ ଓକିଲ ଶ୍ରୀ ଦାଶଙ୍କୁ ଦୁର୍ବ୍ୟବହାର ଘଟଣା ଉପରେ ଯଦି କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଜନସାଧାରଣ ଥାନା ଆଗରେ ଧାରାଣା ଦେବେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

# ରାଜ୍ୟସ୍ତରୀୟ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ପାଳନ ପ୍ରସ୍ତୁତି




**ନବରଙ୍ଗପୁର :** ଶହୀଦ ଲକ୍ଷ୍ମଣ ନାୟକଙ୍କ ୧୨୩ ତମ ଜନ୍ମ ଜୟନ୍ତୀ ପାଳନ ପାଇଁ ନବରଙ୍ଗପୁର ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠୀତ ହୋଇଯାଇଛି । ଅବିଭକ୍ତ କୋରାପୁଟ ଜିଲ୍ଲା ମୂଳ ନିବାସୀ ବିକାଶ ପରିଷଦ ଆନୁକୁଲ୍ୟରେ ଏହି କାର୍ଯ୍ୟକ୍ରମ ନବରଙ୍ଗପୁର ଦଳିତ ପାଠାଗାର ସମ୍ମୁଖସ୍ଥ ପଡିଆ ଠାରେ ଆୟୋଜନ କରାଯାଉଛି । ଅମଲା ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମୀଳନୀରେ ପରିଷଦର ଅଧ୍ୟକ୍ଷ ଚନ୍ଦ୍ର ଧ୍ୱଜ ମାଝୀଙ୍କ ସମେତ ଉପ ସଭାପତି ମୂରଳୀ ଧର ବିଷୋୟୀ, ଭଦ୍ର ଗୌଡ, ଉପଦେଷ୍ଟା ଡମ୍ବୁ କୁମାର ଓ ବେଲାଳସେନ ନାୟକ,ଆଇନ ପରାମର୍ଶ ଦାତା ଆଇନଜୀବୀ ପ୍ରତାପ କୁମାର ପଣ୍ଡା ଉପସ୍ଥିତ ରହି ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି । ୨୨ ତାରିଖ ଦିନ ପୂର୍ବାହ୍ନରେ ଏକ ରାଲୀ ଭଗବତୀ ସାହି ମାଉଳି ମାଁ ମନ୍ଦିର ଠାରୁ ଠାରୁ ଆରମ୍ଭ ହୋଇ ଦଳିତ ପାଠାଗାର ନିକଟକୁ ପହନଞ୍ଚିବ । ସେଠାରେ ଏକ ସଭା ଅନୁଷ୍ଠୀତ ହେବ । ଏଥିରେ ମୁଖ୍ୟ ଅତିଥି ରୂପେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ରେଲୱେ ବୋର୍ଡ ସଭାପତି ଭଜମନ ବେହେରା ଯୋଗଦେବେ । ଏହି ଅବସରରେ ୬ ଜଣଙ୍କୁ ଭୁମି ପୁତ୍ର ସମ୍ମାନ, ୫ ଜଣଙ୍କୁ ଅଭିଭକ୍ତ କୋରାପୁଟ ଜିଲ୍ଲା ଗୌରବ ସମ୍ମାନ ଓ ୭ ଜଣଙ୍କୁ ସ୍ୱତନ୍ତ୍ର ମାନପତ୍ର ପ୍ରଦାନ କରାଯିବ । ଏହାପରେ ପରିଷଦର ୧୦ ଜଣିଆ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ଜରିଆରେ ପୃଥକ ପୃଥକ ଭାବେ ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରିବେ । ଏହି ଦାବି ଗୁଡିକ ମଧ୍ୟରେ ବିଶେଷ କରି ଅଭିଭକ୍ତ କୋରାପୁଟ ଜିଲ୍ଲାକୁ କେନ୍ଦ୍ର ଶାସିତ ଅଞ୍ଚଳ ଭାବେ ଘୋଷଣା କରିବା,ଅଭିଭକ୍ତ କୋରାପୁଟ ଜିଲ୍ଲାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ କରିବା, ଜଙ୍ଗଲ ଜମି ଅଧିକାରକୁ ସମସ୍ତ ବର୍ଗ ପାଇଁ ଲାଗୁ କରିବା ଆଦି ରହିଛି । ଏହି ଜୟନ୍ତୀ ପାଳନ କରିବା ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଗନ୍ୟ ମାନ୍ୟ ବ୍ୟକ୍ତି ମାନଙ୍କର ସମାଗମ ହେବାର କାର୍ଯ୍ୟକ୍ରମ ରହିଛି ।

# ଚିକିତ୍ସାରେ ଅର୍ଥ ସାଜିଛି ବାଧକ



**ଉଦଳା :** ରାଜ୍ୟ ସରକାର ଚିକିତ୍ସା କ୍ଷେତ୍ରରେ ବିଭିନ୍ନ ପ୍ରକାର ସହାୟତା ଘୋଷଣା କରୁଥିଲା ବେଳେ ଅର୍ଥ ଅଭାବରୁ ଜଣେ ଗରିବ କିଭଳି ଚିକିତ୍ସା ସୁବିଧା ପାଇପାରୁନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଠାରେ ଯାହାଙ୍କ କଥା କୁହାଯାଇଛି ସେ ଗୋଟିଏ ବେଳା ଖାଇବାକୁ ପାଉଥିଲା ବେଳେ ଆଉ ଗୋଟିଏ ବେଳା ଉପବାସରେ ଦିନ କାଟୁଛନ୍ତି । ଭୋକ ଉପାସରେ ରହି ପାଖରେ ଟଙ୍କା ନଥିବାରୁ ଭଗବାନଙ୍କ ଉପରେ ଭରସା କରି ବଞ୍ଚିଛନ୍ତି ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ କୁଣ୍ଡାବାଇ ପଞ୍ଚାୟତ ଗୋଠସାହି ଗ୍ରାମର ମିଥୁନ ନାଏକ । ତେଣୁ ତୁରନ୍ତ ଜିଲ୍ଲାପାଳ ମିଥୁନଙ୍କ ଚିକିତ୍ସା ଭାର ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ମୈତ୍ରେୟୀ ଲେଖିକା ସଂଗଠନର ଚତୁର୍ଦ୍ଦଶତମ ମାସିକ ଆସର ଆଭାସୀ



**ଭୁବନେଶ୍ୱର :** ମୈତ୍ରେୟୀ ଲେଖିକା ସଂଗଠନର ଚତୁର୍ଦ୍ଦଶତମ ମାସିକ ଆସର ଆଭାସୀ ମଞ୍ଚରେ ଅନୁଷ୍ଠିତ ହୋଇଯାଇଛି । ଏହି ଆସରରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ବିଶିଷ୍ଟ ଲେଖିକା ତଥା ଔପନାସିକା ପ୍ରବୀଣା ମହାନ୍ତି । ଆଲୋଚନାର ବିଷୟ ଥିଲା 'ଲକ୍ଷ୍ମୀ-ଏକ ବିଦ୍ରୋହର ସ୍ୱର' । ଏବେ ମାର୍ଗଶୀର, ଶିଶିରର ଝୋଟିରେ ଧରାବତରଣ କରିଛନ୍ତି ମାଆ ପଦ୍ମାଳୟା । ମୁଖ୍ୟ ଅତିଥି ଶ୍ରୀମତୀ ମହାନ୍ତି ବଳରାମ ଦାସଙ୍କର 'ଲକ୍ଷ୍ମୀପୁରାଣ' ଉପରେ ଆଲୋକପାତ କରି ଏହା କିପରି ଉତ୍କଳୀୟ ସଂସ୍କୃତିରେ ନାରୀର କୋମଳ ବିଦ୍ରୋହର ସ୍ୱରକୁ ମହିମାମଣ୍ଡିତ କରିଛି ସେ ବିଷୟରେ ବ୍ୟାଖ୍ୟା କଲେ । ନାରୀ କୋମଳ ହୃଦୟର ଅଧିକାରିଣୀ ହେଲେ ମଧ୍ୟ ସ୍ଥଳ ବିଶେଷରେ ସିଏ ଅନ୍ୟାୟ, ଅନାଚାର ବିରୋଧରେ ବିଦ୍ରୋହର ସ୍ୱର ମଧ୍ୟ ଉତ୍ତୋଳନ କରିପାରେ । ଲକ୍ଷ୍ମୀମନ୍ତ ହେବାର ଅର୍ଥ କେବଳ ଧନଧାନ୍ୟରେ ନୁହେଁ ମାନସିକତାରେ ଧନୀ ହେବାର କଥା । ଏହି ପରିପ୍ରେକ୍ଷୀରେ ସିଏ ଶ୍ରୀଅରବିନ୍ଦ ଲିଖିତ 'ମହାଲକ୍ଷ୍ମୀ'ରୁ କିଛି ଧାଡି ପଢି ଶୁଣେଇ ଥିଲେ । ଆସରର ସଭାପତି ଆସନ ଅଳଙ୍କୃତ କରିଥିଲେ ମୈତ୍ରେୟୀ ଜୟଶ୍ରୀ ପଟ୍ଟନାୟକ । ସିଏ ଲକ୍ଷ୍ମୀପୁରାଣ ଉପରେ ତାଙ୍କର ବକ୍ତବ୍ୟ ରଖିଥିଲେ । ଭକ୍ତିଅର୍ଘ୍ୟରେ ମୈତ୍ରେୟୀ ସୁଚିତ୍ରା ରଥଙ୍କର ସୁଲଳିତ ସ୍ୱରରେ ଦେବୀ ବନ୍ଦନା ଆସରରେ ଭାବମୟ ପରିବେଶ ସୃଷ୍ଟି କରିଥିଲା । ମଞ୍ଚ ସଞ୍ଚାଳନା କରିଥିଲେ ମୈତ୍ରେୟୀ ପ୍ରଭାତୀ ମଞ୍ଜରୀ ବେହେରା । ସୃଜନିକା କ୍ରମରେ ଆଜିର ସମୀକ୍ଷାରେ ଥିଲେ ମୈତ୍ରେୟୀ ସୁଜାତା ମହାପାତ୍ର । ବିଜୟଲକ୍ଷ୍ମୀ ପାଣିଗ୍ରାହୀଙ୍କର ପ୍ରଥମ କବିତା ସଂକଳନ 'ଅନନ୍ୟା'ର ସମୀକ୍ଷା କରାଯାଇଥିଲା । ସର୍ଜକ ଓ ସମୀକ୍ଷକ ଉଭୟଙ୍କର ଯୁଗଳବନ୍ଦୀରେ ସୃଜନିକା ଖୁବ୍ ଭାବଗର୍ଭକ ହୋଇ ପାରିଥିଲା । ଯେଉଁସ୍ରଷ୍ଟାଙ୍କର ସର୍ଜନା ଦ୍ୱାରା ଆଜିର ଆସର ସମୃଦ୍ଧ ହୋଇଥିଲା ସେମାନେ ହେଲେ ମୈତ୍ରେୟୀ ବିଦ୍ୟୁତଲତା ଦାଶ, ମାଧବୀ ପଟେଲ, ମୈତ୍ରେୟୀ କମିଳା, ଚନ୍ଦ୍ରା ମିଶ୍ର, ନମିତା ପାଇକରାୟ, ଆରତୀ ସାହୁ, ସୁସ୍ମିତା ପଟେଲ ଓ ମହେଶ୍ୱତା ପାଣିଗ୍ରାହୀ । ସର୍ଜନା-ସମୀକ୍ଷା କରିଥିଲେ ମୈତ୍ରେୟୀ ସଙ୍ଘମିତ୍ରା ରାଏଗୁରୁ । ଶେଷ-ସ୍ପର୍ଶ ଦେଇଥିଲେ ମୈତ୍ରେୟୀ ସଙ୍ଘମିତ୍ରା ସେଣ । ଯେଉଁମାନେ ପ୍ରଚ୍ଛଦପଟରେ ରହି ଆସର କାର୍ଯ୍ୟରେ ସହଯୋଗ କରିଥିଲେ ସେମାନେ ହେଲେ ମୈତ୍ରେୟୀ ମିତା ପଟ୍ଟନାୟକ, ଶ୍ୱେତପଦ୍ମା ପାଢ଼ୀ, ଗାୟତ୍ରୀ ଦାସ, ନନ୍ଦିତା ମହାନ୍ତି ଓ ବିଶ୍ୱଭାରତୀ ଦାଶ ।

# ଅବଲୁପ୍ତ ଐଶ୍ୱର୍ଯ୍ୟର ଅମୃତ ପରମ୍ପରା: ନୌବାଣିଜ୍ୟ



ଡକ୍ଟର ମନୋରଞ୍ଜନ ବିଷୋୟୀ



ମହାଭାରତୀୟ ପରମ୍ପରାରେ ଓଡ଼ିଆମାନେ ଥିଲେ ଏକ ପ୍ରାଚୀନ ସଭ୍ୟଜାତି। ଏହି ଜାତିର ବୌଦ୍ଧିକ ଓ ବୈଷୟିକ ଐଶ୍ୱର୍ଯ୍ୟ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ଏକଦା ଏହି ଓଡ଼ିଆଭାଷୀ ରାଜ୍ୟର ଭୌଗୋଳିକ ସୀମା ସାଧାରଣ ଭାବରେ ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ସୁବିସ୍ତୃତ ଥିଲା। ଦିଗ୍‌ବିଜୟୀ ସମ୍ରାଟମାନଙ୍କ ଶାସନ କାଳରେ ପ୍ରାଚୀନ କଳିଙ୍ଗ, ଉତ୍କଳ କିମ୍ବା କୋଶଳର ସୀମା ସାମୟିକ ପରିବର୍ତ୍ତିତ ହୋଇଥିଲା। ତଥାପି ଏହି ତିନିଗୋଟି ରାଜନୈତିକ ବିଭାଗ ବା ତ୍ରିକଳିଙ୍ଗର ଜନସାଧାରଣ ଯେ ଯଶସ୍ୱୀ ଓଡ଼ିଆ ଜାତିଥିଲେ, ଏହା ନିଃସନ୍ଦେହରେ କୁହାଯାଇପାରେ। ଏହି ଜାତି ପାଇଁ ସମୁଦ୍ର ଥିଲା ଏକ ଆହ୍ୱାନ। ସମୁଦ୍ରଯାତ୍ରା ଓ ନୌ-ବାଣିଜ୍ୟ କ୍ଷେତ୍ରରେ ପ୍ରାଚୀନ ଓଡ଼ିଶା ବା କଳିଙ୍ଗର ଭୂମିକା ଭାରତ ଇତିହାସରେ ଏକ ଗୌରବମୟ ଅଧ୍ୟାୟ । ଅତୀତରେ ଏହି କଳିଙ୍ଗ ରାଜ୍ୟର ସୁଦୀର୍ଘ ସମୁଦ୍ର ଉପକୂଳରେ ବହୁ ବନ୍ଦର ଥିଲା। ଏସବୁ ବନ୍ଦରମାନଙ୍କରୁ ସାଧବ ପୁଅମାନେ ସୁଦୂରରୁ ଅନେକ ଦୂର ଦରିଆପାରି ଦେଶମାନଙ୍କରେ ନୌ-ବାଣିଜ୍ୟ କରି ଏ ଦେଶକୁ ଧନଶାଳୀ କରିବା ସଙ୍ଗେ ସଙ୍ଗେ ଭାରତୀୟ ସଂସ୍କୃତି, ସାହିତ୍ୟ ଓ ଶିଳ୍ପ ଭାସ୍କର୍ଯ୍ୟର ପ୍ରଚାର କରିଥିଲେ।

ତେଣୁ ଆଜି ମଧ୍ୟ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ଓଡ଼ିଆ କାର୍ତ୍ତିକ ପୂର୍ଣ୍ଣିମା ଅବକାଶରେ ନୌକା ଭସାଇ "ଆ କା ମା ବୈ, ପାନ ଗୁଆ ଥୋଇ / ପାନ ଗୁଆ ତୋର, ମାସକ ଧର୍ମ ମୋର" ଉଚ୍ଚାରଣ ପୂର୍ବକ ନିଜର ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ସ୍ମରଣ କରିଥାଏ। ଏହା କେଉଁ କାଳରୁ ଆମ ସାମାଜିକ ଜୀବନର ଚଳଣି ହୋଇ ରହିଆସିଛି, ତାହା ଅବଧାରଣା କରିବା ଅତ୍ୟନ୍ତ କଷ୍ଟକର। ତଥାପି ଏହାକୁ ଅତୀତ ଓଡ଼ିଆ ସାଧବପୁଅର ନୌ-ଯାତ୍ରାର ବାର୍ତ୍ତାବହ କହିଲେ ଅତ୍ୟୁକ୍ତି ହେବ ନାହିଁ। କୁହାଯାଏ କଳିଙ୍ଗ ବଣିକ କାର୍ତ୍ତିକପୂର୍ଣ୍ଣିମା ଦିନ ପ୍ରତ୍ୟୁଷରୁ ସ୍ନାନ କରି କଳିଙ୍ଗଜାତ ପାନର ବିନିମୟରେ ଜାଭା ପ୍ରଭୃତି ଅଞ୍ଚଳରୁ ଯେଉଁ ଗୁଆ ଆମଦାନି କରେ, ସେହି ପାନ ଓ ଗୁଆ ଶୁଦ୍ଧ ମନରେ ଗଙ୍ଗାମାତାଙ୍କୁ ସମର୍ପଣ କରି ଧର୍ମର ଦ୍ୱାହି ଦେଇ ବାଣିଜ୍ୟ ନୌକା ମେଲି ଦେଉଥିଲା ଏବଂ ନୌକାପୃଷ୍ଠରେ ଭାସି ଭାସି ତୀର ଦେଶରୁ କ୍ରମେ ଅନ୍ତର ହେବାବେଳେ ସମବେତ ଆତ୍ମୀୟସ୍ୱଜନଙ୍କୁ ବିଦାୟକାଳୀନ ଇଙ୍ଗିତବାଣୀ ଶୁଣାଉଥିଲା -ଆ କା ମା ବୈ ଅର୍ଥାତ୍ ଆଷାଢ଼ ଠାରୁ କାର୍ତ୍ତିକ ମଧ୍ୟରୁ ଫେରିବି, ଭୟ କରନା । ଏହାର ସ୍ମାରକୀ ସଦୃଶ୍ୟ କାର୍ତ୍ତିକପୂର୍ଣ୍ଣିମା ଦିନ ଓଡ଼ିଶାର ଲୋକାୟତରେ ବୋଇତ ବା ନୌକା ଭସା ଅନୁଷ୍ଠିତ ହୋଇଆସୁଛି । ସମ୍ଭବତଃ ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ ଯେଉଁଠି ଆବାଳବୃଦ୍ଧବନିତା ଧର୍ମ ପାଳନ କଲାଭଳି ନଦୀ ଓ ସମୁଦ୍ରଗୁଡ଼ିକୁ ବର୍ତ୍ତିକା ସମନ୍ୱିତ ବୋଇତ ଭସେଇ ଆଲୋକିତ କରିଥାନ୍ତି । କଦଳୀ ପାଟୁଆରେ ବୋଇତ, ପାନ ଗୁଆ, ବତୀ ଓ ଦୁର୍ବାକ୍ଷତ ଏହାର ଉପକରଣ । ବସ୍ତୁତଃ ଏହି ବୋଇତ ଭସା ନିଶ୍ଚିତଭାବେ ବନ୍ଦାପନାର ଏକ ପ୍ରତୀକ । ଘରକୁ ଧନରତ୍ନ ଧରି ଫେରୁଥିବା ସାଧବମାନଙ୍କ ସମ୍ମାନରେ ଏହା ଅନୁଷ୍ଠିତ ହୋଇଆସୁଛି । ଯାହାଫଳରେ ଆଜିବି ସାଗରପାରି ବାଣିଜ୍ୟର ମହତ୍ତ୍ୱକୁ ଓଡ଼ିଶାବାସୀ ଉପଲବ୍ଧି କରି ଆସୁଛନ୍ତି ଏବଂ ବୋଇତ ଭସାଇ ସେ ସ୍ମୃତିକୁ ଆଲୋକିତ କରି ରଖିଛନ୍ତି । ପ୍ରକୃତ ପକ୍ଷେ କହିବାକୁ ଗଲେ କଳିଙ୍ଗ ଅଧିବାସୀ ମାନଙ୍କର ନୌ-ଚାଳନା ଓ ନୌ-ବାଣିଜ୍ୟ ପରମ୍ପରା ଭାରତର ଗୌରବାବହ ଇତିହାସର ଏକ ସମୃଦ୍ଧ ଅଧ୍ୟାୟ। ଭାରତୀୟ ସଂସ୍କୃତିର ପରିପ୍ରସାର ସଙ୍ଗେ ସଙ୍ଗେ ଭାରତ ଓ ଦକ୍ଷିଣ ପୂର୍ବ ଏସିଆ ମଧ୍ୟରେ ବାଣିଜ୍ୟିକ ସୁସମ୍ପର୍କ ବୃଦ୍ଧି କରିବା ଥିଲା କଳିଙ୍ଗ ନାବିକ ଓ ସାଧବମାନଙ୍କର ବିଶିଷ୍ଟ ଅବଦାନ।

ବସ୍ତୁତଃ କହିବାକୁ ଗଲେ ଓଡ଼ିଶାରେ ନୌ-ବାଣିଜ୍ୟର ପ୍ରସାର ପ୍ରାଗୈତିହାସିକ ଯୁଗରୁ ଆରମ୍ଭ କରି ଶୈଳୋଦ୍ଭବ ରାଜତ୍ୱ ପର୍ଯ୍ୟନ୍ତ ବିଶେଷ ଭାବରେ ରହିଆସିଥିଲା। ଏପରିକି ଭୌମକର ବଂଶର ରାଜାମାନେ ମଧ୍ୟ ଏଥିରେ ପୃଷ୍ଠପୋଷକତା କରିଥିଲେ। ଏହା ସହ ସୋମବଂଶୀ ରାଜାମାନେ ଏ ଦିଗରେ ବିଶେଷ ଯତ୍ନବାନ ହୋଇନଥିଲେ ହେଁ ଏହି ପରମ୍ପରା ଅକ୍ଷୁଣ୍ଣ ରହିଥିଲା। ପରନ୍ତୁ ଗଙ୍ଗରାଜାମାନେ ଭୂଭାଗରେ ନିଜ ସାମ୍ରାଜ୍ୟର ସୀମାବିସ୍ତାର କରିବାକୁ ଯତ୍ନବାନ ହୋଇଥିବାରୁ ଓଡ଼ିଶାର ନୌ-ବାଣିଜ୍ୟ ପ୍ରତି ଆଦୌ ଦୃଷ୍ଟି ଦେଇନଥିଲେ। ତେଣୁ ଆମର ନୌ-ବାଣିଜ୍ୟ ଚୋଳ ରାଜାମାନଙ୍କର ଅଧିକାରକୁ ଆସି ଯାଇଥିଲା। କିନ୍ତୁ ଏ ପରିପ୍ରେକ୍ଷୀରେ କହିରଖେ, ଖ୍ରୀଷ୍ଟପୂର୍ବ ୨୬୧ରେ ଇତିହାସ ପ୍ରସିଦ୍ଧ ମଗଧ ସମ୍ରାଟ ଅଶୋକଙ୍କର କଳିଙ୍ଗଯୁଦ୍ଧ ହୋଇଥିଲା। ତଥାପି ଏହି ଘଟଣାର ବହୁପୂର୍ବରୁ ବହିର୍ବାଣିଜ୍ୟ ତଥା ଅନ୍ତର୍ବାଣିଜ୍ୟରେ କଳିଙ୍ଗବାସୀ ଭାରତବର୍ଷରେ ବେଶ୍ ପ୍ରତିଷ୍ଠିତ ହୋଇ ସାରିଥିଲେ। କଳିଙ୍ଗର ସୁଦୀର୍ଘ ସମୁଦ୍ର ଉପକୂଳ ଓ ସୁଗଭୀର ନଦୀଗୁଡ଼ିକ ଏ କ୍ଷେତ୍ରରେ ବିଶେଷ ସହାୟକ ହୋଇଥିବା ବୋଲି ସ୍ୱୀକାର୍ଯ୍ୟ। ତେଣୁ ବୋଧହୁଏ ନୌ-ବାଣିଜ୍ୟର ସୁବିଧା ହାସଲ ପାଇଁ ମଗଧସମ୍ରାଟ କଳିଙ୍ଗ ଆକ୍ରମଣ କରିଥାଇପାରନ୍ତି। ଏପରିକି ଅଶୋକଙ୍କ ବହୁପୂର୍ବରୁ କଳିଙ୍ଗର ଅଧିବାସୀ ବ୍ରହ୍ମଦେଶର ପେରୁ ଅଞ୍ଚଳରେ ଉପନିବେଶ ସ୍ଥାପନ କରିସାରିଥିଲେ। ଏହା ସହ ଚୀନ ପରିବ୍ରାଜକ ମେଗାସ୍ଥିନିସ୍ କହନ୍ତି- ଚୀନ ଦେଶ ସହିତ ବହୁ ପ୍ରାଚୀନ କାଳରୁ କଳିଙ୍ଗର ବାଣିଜ୍ୟ ବ୍ୟବସାୟ ଚାଲି ଆସିଥିଲା। ଚୀନ ଲୋକମାନେ ବାଣିଜ୍ୟ କରୁଥିବା ଭାରତୀୟମାନଙ୍କୁ କୁନ୍-ଲୋକ ବୋଲି କହୁଥିଲେ। ଯାହା କଳିଙ୍ଗ ଶବ୍ଦର ନାମାନ୍ତର ମାତ୍ର। ସେ କହିବା ପ୍ରକାରେ ସିଂହଳ ଓ କଳିଙ୍ଗ ମଧ୍ୟରେ ହାତୀର ବାଣିଜ୍ୟ ପ୍ରଚଳନ ଥିଲା। ଗ୍ରୀକ୍ ଐତିହାସିକମାନଙ୍କ ମତରେ - ପ୍ରଥମ ଓ ଦ୍ୱିତୀୟ ଶତାବ୍ଦୀରେ ଭାରତର ପୂର୍ବଉପକୂଳରେ ବହୁ ଉନ୍ନତ ଧରଣର ବନ୍ଦର ବିକାଶ ଲାଭ କରିଥିଲା। ସେଗୁଡ଼ିକ ହେଲା- କାଲିଚି (କୋରକେଇ), କାମରା (କାବେରୀ ପଟ୍ଟନମ୍), ପୋଡୁଚୁ (ପଣ୍ଡିଚେରୀ), ସପଟମା (ମସୁଲିପଟ୍ଟମ୍), କଣ୍ଟକ ଶିଲାଇ (ଘଣ୍ଟଶିଳା), ପିଟୁଣ୍ଡ(ପିଥୁଣ୍ଡ), ପଲୌର (ପାଲୁର-ଦନ୍ତପୁର), ଗଙ୍ଗେ (ଗୋପାଳପୁର) ଓ ତାମଲିପି (ତାମ୍ରଲିପି)। ପ୍ରଥମ ତିନୋଟିକୁ ବାଦ୍‌ଦେଲେ ଅନ୍ୟ ସମସ୍ତ ବନ୍ଦର କଳିଙ୍ଗ ଉପକୂଳରେ ଅବସ୍ଥିତ ଥିଲା ଓ ସେଗୁଡ଼ିକ ମଧ୍ୟରେ ପାଲୁର ଥିଲା ସର୍ବବୃହତ୍। ଏପରିକି ଭୌଗୋଳିକ ଟୋଲେମୀ ପାଲୁର ବନ୍ଦରକୁ ସେକାଳର ସମୁଦ୍ରଗାମୀ ନୌକାଗୁଡ଼ିକର ଏକ ବିଶିଷ୍ଟ କେନ୍ଦ୍ର ରୂପେ ବର୍ଣ୍ଣନା କରିଛନ୍ତି। ଏହି ବିବରଣୀରୁ ସ୍ପଷ୍ଟ ଅନୁମେୟ ଯେ, ସେ କାଳରେ ପାଲୁର ଠାରୁ ସମୁଦ୍ର ଭିତରକୁ ପ୍ରବେଶ କରିବା ସମ୍ଭବପର ହେଉଥିଲା ଓ ସମୁଦ୍ର ମଧ୍ୟ ଦେଇ ବ୍ରହ୍ମଦେଶ, ଶ୍ୟାମ (ଥାଇଲାଣ୍ଡ), ତାମ୍ରପର୍ଣ୍ଣୀ (ସିଂହଳ), ସୁବର୍ଣ୍ଣଦ୍ୱୀପ (ଜାଭା), କମ୍ବୋଜ, ଚମ୍ପା (ଆଧୁନିକ ଭିଏତ୍‌ନାମର ଅଞ୍ଚଳ) ଦେଶମାନଙ୍କ ସହ ସମ୍ପର୍କ ପ୍ରତିଷ୍ଠା କରିବାରେ କଳିଙ୍ଗର ନାବିକ ଓ ବଣିକମାନେ କୃତିତ୍ୱ ଅର୍ଜନ କରିଥିଲେ। ଯାହା ଫଳରେ କଳିଙ୍ଗର ଅର୍ଥନୈତିକ ବିକାଶ ସଙ୍ଗେ ସଙ୍ଗେ ଧର୍ମ ଓ ସଂସ୍କୃତିର ପ୍ରସାର ମଧ୍ୟ ହୋଇପାରିଥିଲା।

ଏପରିକି ବୌଦ୍ଧଧର୍ମର ଅଭ୍ୟୁଦୟ କାଳରେ ତାମ୍ରଲିପ୍ତି, ଚେଲିତାଲୋ ପ୍ରଭୃତି ପ୍ରସିଦ୍ଧ ବନ୍ଦର ଥିବାର ଜଣାଯାଏ। ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀରେ କଳିଙ୍ଗ ରାଜ ଗୁହଶିବଙ୍କ ଦୁହିତା ହେମମାଳା ଓ ଜାମାତା ଦନ୍ତକୁମାର କଳିଙ୍ଗରେ ପୂଜିତ ବୁଦ୍ଧଦେବଙ୍କ ଦନ୍ତକୁ ନେଇ ସିଂହଳରେ ପହଞ୍ଚିଥିଲେ। ଚୀନ ଦେଶ ସହ କଳିଙ୍ଗର ନୌ-ସମ୍ପର୍କ ଅତିଶୟ ପ୍ରାଚୀନ। ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀରେ ଚୀନ ପରିବ୍ରାଜକ ଫାହିୟାନ କଳିଙ୍ଗର ତାମ୍ରଲିପ୍ତି ବନ୍ଦରରୁ ସିଂହଳ ଯାଇ ସେଠାରୁ କଳିଙ୍ଗ ଜାହାଜରେ ଜାଭା ବାଟ ଦେଇ ସ୍ୱଦେଶକୁ ଫେରିଥିଲେ। ସେହିପରି ସପ୍ତମ ଶତାବ୍ଦୀରେ ହୁଏନ୍‌ସାଂ ଓଡ଼ିଶା ଭ୍ରମଣରେ ଆସିଥିବା ସମୟରେ ପ୍ରତ୍ୟକ୍ଷଦର୍ଶୀ ଭାବରେ ଚେଲିତାଲୋ ବିଷୟ ବର୍ଣ୍ଣନା କରିଅଛନ୍ତି। ଏହା ସହ ନବମ ଓ ଦଶମ ଶତାବ୍ଦୀ ବେଳକୁ ବଙ୍ଗୋପସାଗରରେ ଆରବ ନାବିକ ଓ ବଣିକମାନଙ୍କର ଆବିର୍ଭାବ ହେଲା। ସେମାନେ ଓଡ଼ିଶାକୁ ଉରସିନ ବା ରସଫିନ୍ ନାମରେ ଉଲ୍ଲେଖ କରିବା ସହିତ ସମୁଦ୍ର ସଙ୍ଗେ ସମ୍ପୃକ୍ତ କରିଅଛନ୍ତି।

ପ୍ରକୃତପକ୍ଷେ କହିବାକୁ ଗଲେ ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ଅତି ପୁରାତନ। ଏହାର ଉପକୂଳ ସୁଦୀର୍ଘ ଅଟେ। ଏହା ସହ ଏଠାରେ ଅବସ୍ଥିତ ବହୁତ ଗୁଡ଼ିଏ ବନ୍ଦର ଆନ୍ତର୍ବାଣିଜ୍ୟ ଓ ବହିର୍ବାଣିଜ୍ୟ ପାଇଁ ସୁପ୍ରସିଦ୍ଧ। ସମୁଦ୍ର ପଥରେ ଦୂରଦେଶକୁ ଯାଇ ବଣିକମାନେ ବହୁତ ଧନ ସମ୍ପତ୍ତିରେ ଏ ଦେଶକୁ ଧନୀ ଓ ସମୃଦ୍ଧିଶାଳୀ କରିଥିଲେ। ପଞ୍ଚଦଶ ଶତାବ୍ଦୀ ବେଳକୁ ଓଡ଼ିଶାର ବନ୍ଦର ମାନଙ୍କରୁ ମାଲକ୍କାକୁ ବସ୍ତ୍ରାଦି ଦ୍ରବ୍ୟମାନ ରପ୍ତାନୀ ହେଉଥିଲା। ଷୋଡ଼ଶ ଶତାବ୍ଦୀ ବେଳକୁ ବାଣିଜ୍ୟ କାରବାର ମଧ୍ୟ ପ୍ରାଚ୍ୟ ଦେଶର ଲୋହିତସାଗର ଉପକୂଳସ୍ଥ ଆଡେନ ଓ ଜେଡ୍‌ଡାବନ୍ଦର ବ୍ୟତୀତ ବନ୍ତାମ୍, ପେଗୁ, ଟେନାସରିମ ଓ ଆଚିନ ଆଦି ବନ୍ଦର ସହିତ ସମ୍ପର୍କ ସ୍ଥାପନ କରିପାରିଥିଲା। ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭରେ ଇଉରୋପୀୟ ବଣିକମାନେ ଓଡ଼ିଶା ଉପକୂଳ ସହିତ ପରିଚିତ ହେଲେ ଏବଂ ପରେ ପରେ ବାଣିଜ୍ୟ କାରବାରରେ ଲିପ୍ତ ରହିଲେ। ପର୍ତ୍ତୁଗୀଜ, ଓଲନ୍ଦାଜ, ଦୀନାମାର ଓ ଫରାସୀ ବଣିକ କମ୍ପାନୀଙ୍କର ବାଣିଜ୍ୟିକ ସଂସ୍ଥାମାନ ଓଡ଼ିଶା ଉପକୂଳରେ ଗଢ଼ି ଉଠିଥିଲା। କିନ୍ତୁ ସପ୍ତଦଶ ଶତାବ୍ଦୀରେ ଭାରତୀୟ ବଣିକମାନେ ଇଂରେଜ କମ୍ପାନୀର ସୁରକ୍ଷା ବଳୟ ମଧ୍ୟରେ ରହିଥିଲେ।

ମୋଟ ଉପରେ କହିବାକୁ ଗଲେ ବାଣିଜ୍ୟ ସୂତ୍ରରେ କଳିଙ୍ଗ ଭୂମି ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଭୂଖଣ୍ଡ ସହିତ ବହୁକାଳ ପର୍ଯ୍ୟନ୍ତ ନିବିଡ଼ ଭାବରେ ସମ୍ପୃକ୍ତ ରହିଥିଲା। କିନ୍ତୁ ଏହି ନୌବାଣିଜ୍ୟର ଐତିହ୍ୟ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ କୌଣସି ପ୍ରକାରେ ତିଷ୍ଠି ରହିଥିଲା। ଇଂରେଜମାନେ ଓଡ଼ିଶା ଅଧିକାର କଲା ପରେ ବହୁବନ୍ଦର ଲୁପ୍ତପ୍ରାୟ ହୋଇଯାଇଥିଲା। ଯେଉଁ କେତେକ ନାମକୁ ମାତ୍ର ଥିଲା, ସେଗୁଡ଼ିକ ଇଂରେଜ ସରକାରଙ୍କର ସମ୍ପୂର୍ଣ୍ଣ ଅକ୍ତିଆରରେ ରହି କେବଳ ସରକାରୀ କାର୍ଯ୍ୟରେ ନିୟୋଜିତ ହେଉଥିଲା। ଫଳତଃ ପ୍ରାଚୀନ ପ୍ରଧାନ ବନ୍ଦର ଗୁଡ଼ିକ ବିସ୍ମୃତି ଗର୍ଭରେ ଲୀନ ହୋଇଗଲା।

ପରିଶେଷରେ ଏତିକି କହିଲେ ଯଥେଷ୍ଟ ହେବ ଓଡ଼ିଶାର ସାମୁଦ୍ରିକ ବାଣିଜ୍ୟ କାରବାର ଅତି ପୁରାତନ। ଏହାର ଉପକୂଳ ସୁଦୀର୍ଘ ଅଟେ ଏବଂ ଏଠାରେ ଅବସ୍ଥିତ ବହୁତ ବନ୍ଦର ଆନ୍ତର୍ବାଣିଜ୍ୟ ତଥା ବହିର୍ବାଣିଜ୍ୟ ପାଇଁ ସୁପ୍ରସିଦ୍ଧ। ଏସବୁ ସତ୍ତ୍ୱେ ନୌ-ବାଣିଜ୍ୟର ସେ ପୁରାତନ ପରମ୍ପରା ଆଉ ନାହିଁ। ତଥାପି ଓଡ଼ିଶାର ଜନସାଧାରଣ 'ଆ-କା-ମା-ବୈ' ଉଚ୍ଚାରଣ ସହ କାର୍ତ୍ତିକପୂର୍ଣ୍ଣିମା ଉତ୍ସବଟିକୁ ସେହି ପରମ୍ପରାର ଏକ ଚିରନ୍ତନ ସ୍ମୃତି ରୂପେ ଅଦ୍ୟାପି ବହନ କରି ଆସୁଛନ୍ତି।

*ସ୍ନାତକୋତ୍ତର ଓଡ଼ିଆ ବିଭାଗ,*
*ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ*
*ଦୂରଭାଷ : ୮୮୯୫୧୪୧୭୨୭*



# ବରଷକ ବାର ମାସ, କରିବା କାକୁଡି ଚାଷ





ବ୍ରଜ କିଶୋରେ ଲେଙ୍କା

କାକୁଡି ଏକ ଲାଭ ଦାୟକ ଓ ସୁକ୍ଷ୍ମ ଫସଲ। ମୁଖ୍ୟତଃ ଏହାକୁ କଞ୍ଚାରେ ଖିଆ ଯାଏ ବା ସାଲାଡ଼ କରି ଖିଆଯାଏ। ଏହାକୁ ଉଭୟ ବର୍ଷା, ଶୀତ ଓ ଖରା ଋତୁରେ ଚାଷ କରାଯାଏ। ଏହାର ବର୍ଷ ସାରା ଚାହିଦା ଥାଏ ତେଣୁ ବିକ୍ରି ବଟାରେ କୌଣସି ଅସୁବିଧା ହୁଏ ନାହିଁ। ଆଜି କାଲି ଡାକ୍ତର ମାନେ ଖାଇବା ପୂର୍ବରୁ କିଛି କାକୁଡି ସାଲାଡ଼ ଖାଇବାକୁ ପରାମର୍ଶ ମଧ୍ୟ ଦେଉଛନ୍ତି। ଏଥି ସହିତ ଏହାର ଅନେକ ଔଷଧୀୟ ଗୁଣ ମଧ୍ୟ ରହିଛି। ଏହାର ଫଳ କୋଷ୍ଠ କାଠିନ୍ୟ, ହଳଦୀକାମଳ ତଥା ବଦହଜମି ଦୂର କରି ବାକୁ ବ୍ୟବହାର କରାଯାଏ।

ଏହା ତରଭୁଜ ଫସଲ ପଛକୁ ଭାରତର ଦିତ୍ୱୀୟ ଖାଇବା କାକୁଡି ଜାତୀୟ ଫଳ ହିସାବରେ ସ୍ଥାନ ମଧ୍ୟ ଅଧିକାର କରିଛି। ଆପଣମାନେ ଜାଣିଲେ ଖୁସି ହେବେ ଭାରତ ଏହାର ଉତ୍ପତି ସ୍ଥଳୀ।

ଆମ ରାଜ୍ୟ ଓଡ଼ିଆରେ ଏହା ମୁଖ୍ୟତଃ ବର୍ଷା ଓ ଖରା ଦିନେ ଚାଷ କରାଯାଏ। କମ ଥଣ୍ଡା ଥିବା ଅଞ୍ଚଳରେ ଶୀତ ଦିନେ ମଧ୍ୟ କାକୁଡି ଚାଷ କରା ଯାଏ। ଏହା ସାଧାରଣତଃ ୧୮-୨୪ଡ଼ିଗ୍ରୀ ସେଲ୍ସିୟସ ଉତ୍ତାପରେ ଅଧିକ ଅମଳ ଦେଇଥାଏ। ଏହା ଉର୍ବର, ନିଗିଡା ଗଭୀର ଦୋରସାରୁ ବାଲିଆ ଦୋରସା ମାଟିରେ ଭଲ ହୋଇଥାଏ। ମାଟିର ଅମ୍ଳତା ୫.୫ ରୁ ୬.୮ଥିଲେ ଏଥିରୁ ଅଧିକ ଅମଳ ମିଳିଥାଏ। ଏହା ସାଧାରଣତଃ ନଦୀ ପଠା ଏବଂ ନଦୀ ଶଯ୍ୟାରେ ଖରା ଦିନେ ଚାଷ ହୋଇଥାଏ। ମଞ୍ଜି ଲାଗିବାର ୬ ରୁ ୧୨ ଘଣ୍ଟା ପୂର୍ବରୁ ପାଣିରେ ବତୁରାଇ ଲଗାଇଲେ ଗଜା ଶୀଘ୍ର ଓ ଭଲ ହୋଇଥାଏ। ବିହନ ଲଗାଇବା ପୂର୍ବରୁ ୧କି. ଗ୍ରା ବିହନକୁ ୨ଗ୍ରାମ ଥିରାମ ବା ୧ଗ୍ରାମ ବାଭିଷ୍ଟିନ୍ ଦ୍ୱାରା ବିଶୋଧନ କରି ଲଗାଇବା ଉଚିତ। ଧାଡିକୁ ଧାଡି ୧.୫ ରୁ ୨ଏମ୍‌ଟି ଓ ବୁଦାକୁ ବୁଦା ୬୦-୯୦ସେ. ମି ବ୍ୟବଧାନରେ ଲଗାଇବା ଉଚିତ। ସାଧାରଣତଃ ବର୍ଷା ଦିନେ ମେ -ଜୁନ ମାସରେ, ଖରା ଦିନେ ଫେବୃଆରୀ - ମାର୍ଚ୍ଚ ମାସରେ ଓ ଶୀତ ଦିନେ ନଭେମ୍ବରରୁ ଜାନୁଆରୀ ମାସରେ ମଞ୍ଜି ଲଗାଯାଏ। ପ୍ରଥମେ ନିଜର ଜମିକୁ ଦେଖି ଓ ଜଳବାୟୁକୁ ଦେଖି ବିହନ ଚୟନ କରାଯାଇ ଥାଏ। ସେହି ବିହନକୁ ଚାରା କରି ଲଗା ଯାଇଥାଏ ଅଥବା ସିଧା ସଳଖ ମନ୍ଦାରେ ପକା ଯାଇଥାଏ। ଆମ ରାଜ୍ୟରେ ଧାଡିକୁ ଧାଡି ୧ ରୁ ୧.୫ ମିଟର ଓ ମନ୍ଦାକୁ ମନ୍ଦା ୬୦ ରୁ ୯୦ ସେ. ମି. ବ୍ୟବଧାନରେ ଲଗା ଯାଇଥାଏ। ମନ୍ଦା ପ୍ରଣାଳୀରେ ୩୦ ରୁ ୪୫ ସେ. ମି. ଲମ୍ବ, ପ୍ରସ୍ତରେ ଗାତ ଖୋଳି ଏକର ପ୍ରତି ୬ରୁ ୮ଟନ କମ୍ପୋଷ୍ଟ ଖତ ଓ ମୂଳ ସାର ଦେଇ ମନ୍ଦା ପ୍ରତି ୪-୫ ଟି ଲଗା ଯାଇଥାଏ। ମଞ୍ଜି ଲଗାଇବା ସମୟରେ ଏକର ପ୍ରତି ୧୦କି. ଗ୍ରା ଯବକ୍ଷାରଜାନ, ୧୨ କି. ଗ୍ରା ଫସଫରସ ଓ ୩୦ କି. ଗ୍ରା ପୋଟସ ସାର ମୂଳ ସାର ହିସାବରେ ପ୍ରୟୋଗ କରାଯାଇଥାଏ। ପୁନଶ୍ଚ ବୁଣିବାର ୧୫ ରୁ ୨୦ ଦିନ ପରେ ୧୦ କି. ଗ୍ରା ଯବକ୍ଷାରଜାନ ପ୍ରୟୋଗ କରାଯାଇଥାଏ। ମଞ୍ଜି ବୁଣିବାର ୩୦ ରୁ ୩୫ ଦିନ ଓ ୪୫ ରୁ ୫୦ ଦିନରେ ୩ଗ୍ରାମ /ଲିଟର ମିଶ୍ରିତ ଅଣୁ ସାର ପ୍ରୟୋଗ କରିବା ଉଚିତ। ବର୍ଷା ଋତୁରେ ମନ୍ଦା ଗୁଡିକ ମାଟି ଉପରେ କରା ଯାଇଥାଏ ଓ ଲଟା ଗୁଡିକ ମାଡିବା ପାଇଁ ଭାଡ଼ି /ମଞ୍ଚା କରାଯାଇଥାଏ।







ମଞ୍ଜି ଲଗାଇବାର ୧୦ ଦିନ ମଧ୍ୟରେ ଖାଲି ଥିବା ସ୍ଥାନ ପୂରଣ କରାଯାଏ। ମନ୍ଦା ପ୍ରତି ୨ଟି ଗଛ ରଖି ଅଧିକ ଗଛ ଉପାଡି ଦିଆ ଯାଏ। ୧୫ ରୁ ୨୦ ଦିନ ଓ ୨୫ ରୁ ୩୦ ଦିନରେ ୨ ଥର କୋଡା ଖୁସା କରି ସମସ୍ତ ଅନାବନା ଗଛ ନଷ୍ଟ କରିଦେବା ଉଚିତ। ଗଛରେ ୨ ପତ୍ର ସମୟରେ ଇଥେଫାନ (୦.୧ଗ୍ରାମ /ଲିଟର)ସ୍ପ୍ରେ କଲେ ମାଇ ଫୁଲ ଅଧିକ ଆସି ଅମଳ ବଢିଥାଏ। ବିହନ ଲଗାଇବାର ୧ରୁ ୨ଦିନ ପୂର୍ବରୁ ଓ ୩ ରୁ ୧୦ ଦିନ ବ୍ୟବଧାନରେ ଜଳସେଚନ କରିବା ଉଚିତ।

ଏହାର ମୁଖ୍ୟ କିସମ ଗୁଡିକ ହେଲା ପୋନେସେଟା, ପୁସା ଉଦୟ, ପୁସା ସଂଯୋଗ, ସୁପ୍ରିୟା, ଚଇତାଳି, ନିର୍ମାଲ୍ୟ, ଚାଇନା ଲଙ୍ଗ, ଜାପାନିଜ ଲଙ୍ଗ ଗ୍ରୀନ, ଶୀତଳ, ଖିରା ୭୫, ଖିରା ୯୦ ଇତ୍ୟାଦି। ପୋନେସେଟ କିସମର ଅନ୍ଥା କ୍ଲୋଜ ଓ ପାଣ୍ଡୁରା ରୋଗ ସହଣି ଶକ୍ତି ରହିଛି।

ପରାଗସଙ୍ଗମର ୫-୭ ଦିନ ମଧ୍ୟରେ କାକୁଡି ତୋଳାଯାଏ। ସମ୍ପୂର୍ଣ୍ଣ ସବୁଜ ରଙ୍ଗର କାକୁଡିର ବଜାର ଚାହିଦା ଅଧିକ ଥିବାରୁ ୨ ଦିନ ବ୍ୟବଧାନରେ କାକୁଡି ତୋଳାଯାଏ। କାକୁଡିକୁ ହାତରେ ନ ଚିଣ୍ଡାଇ ଦା ବା ଛୁରୀରେ କଟାଯାଇ ଅମଳ କରାଯାଏ। ବଜାରକୁ ପଠାଇବା ପୂର୍ବରୁ ପରିଷ୍କାର ପାଣିରେ ଧୋଇ ପୋକରା ଓ ବଙ୍କା ଫଳ ଗୁଡିକୁ ବାଛି ଦେବା ଉଚିତ। କିସମ ଓ ଋତୁ ଅନୁସାରେ ଏକର ପ୍ରତି ୭୦-୮୦ କ୍ୱିଣ୍ଟାଲ ଅମଳ ହୋଇ ଥାଏ।

***Ex Director, IMAGE***
*ଦୂରଭାଷ : ୯୫୫୬୦୩୭୨୩୨*

ଏକମାତ୍ର
ଅନୁସନ୍ଧାନ ପରେ ଖବର
ଭୁବନେଶ୍ୱର, ୨୧ - ୨୭ ନଭେମ୍ବର, ୨୦୨୨





# ଏଫ୍‌ସିଆଇର ଚାହିଦା ପୂରଣ କରିପାରୁନି ଓଡ଼ିଶା



**ଭୁବନେଶ୍ୱର :** ଓଡ଼ିଶାରୁ ଚାଉଳ କ୍ରୟ ନେଇ ଏଫ୍‌ସିଆଇର କୌଣସି ସମସ୍ୟା ନାହିଁ। ବରଂ ଚାହିଦା ଅନୁଯାୟୀ ରାଜ୍ୟ ଏଫ୍‌ସିଆଇକୁ ଚାଉଳ ଯୋଗାଇପାରୁନାହିଁ। ୫ ଲକ୍ଷ ମେଟ୍ରିକ୍ ଟନ୍ର ଅରୁଆ ଚାଉଳ ପାଇଁ ଏଫ୍‌ସିଆଇର ଚାହିଦା ଥିବା ବେଳେ ଓଡ଼ିଶା ମାତ୍ର ୬୩ ହଜାର ମେଟ୍ରିକ୍ ଟନ୍ ଚାଉଳ ଯୋଗାଇପାରୁଛି। ଅଥଚ ୭.୩୩ ଲକ୍ଷ ମେଟ୍ରିକ୍ ଟନ୍ ଉଷୁନା ଚାଉଳ ଦିଆଯାଇଥିବା ନେଇ ଏଫ୍‌ସିଆଇ ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଫ୍‌ସିଆଇ ପକ୍ଷରୁ କୁହାଯାଇଛି ଯେ ୫ ବର୍ଷ ମଧ୍ୟରେ ରାଜ୍ୟରେ ଧାନ ସଂଗ୍ରହ ୫୧ ପ୍ରତିଶତ ବୃଦ୍ଧିପାଇଛି। ଏମ୍ଏସ୍ପି ବୃଦ୍ଧି ୨୫.୧୬ ପ୍ରତିଶତ ହୋଇଥିବା ବେଳେ ଲାଭାନ୍ୱିତ ହୋଇଥିବା ପଞ୍ଜୀକୃତ ଚାଷୀଙ୍କ ସଂଖ୍ୟା ୮୯.୬୬ ପ୍ରତିଶତ ବୃଦ୍ଧିପାଇଛି। କିନ୍ତୁ ରାଜ୍ୟରୁ ଏଫ୍‌ସିଆଇ କ୍ରୟ କରୁଥିବା ଚାଉଳର ପରିମାଣ ହ୍ରାସ ପାଇଛି। ସୂଚନାନୁସାରେ ୨୦୧୭ ମସିହାରେ ଏଫ୍‌ସିଆଇ ୧୨.୪୦ ଲକ୍ଷ ମେଟ୍ରିକ୍ ଟନ୍ ମିଲିଂ ଚାଉଳ କ୍ରୟ କରିଥିଲା। ତିନି ବର୍ଷ ଧରି ଲଗାତାର ବୃଦ୍ଧି ପାଇଥିଲା। ମାତ୍ର ୨୦୨୧ ମସିହାରେ ଅହେତୁକ ହ୍ରାସ ପାଇଛି। ଅନ୍ୟଦିଗରେ ରାଜ୍ୟରେ କଷ୍ଟମ୍ ମିଲ୍ ଚାଉଳର ପରିମାଣ କ୍ରମାଗତଭାବେ ବୃଦ୍ଧି ପାଇବାରେ ଲାଗିଛି। ୨୦୧୭ ମସିହାରେ ରାଜ୍ୟ ୨୦.୭୫ ଲକ୍ଷ ମେଟ୍ରିକ୍ ଟନ୍ କଷ୍ଟମ୍ ମିଲ୍ ଚାଉଳ କ୍ରୟ କରିଥିଲା। ୨୦୨୧ ମସିହାରେ ଏହା ୩୬.୧୬ ଲକ୍ଷ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି। ଏଫ୍‌ସିଆଇ କ୍ରୟ କରୁଥିବା ଏହି ଚାଉଳ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ସମେତ ପୋଷଣ, ମଧ୍ୟାହ୍ନ ଭୋଜନ ବିଭିନ୍ନ କଲ୍ୟାଣକାରୀ ଯୋଜନାରେ ଉପଯୋଗ ହେଉଛି। ଓଡ଼ିଶାର ବଳକା ଚାଉଳକୁ ଚାଉଳ ଅଭାବ ଥିବା ବିଭିନ୍ନ ରାଜ୍ୟକୁ ରପ୍ତାନି କରାଯାଉଛି। ଏଫ୍‌ସିଆଇର ସୂଚନାନୁସାରେ, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ତିନି ବର୍ଷରେ କେନ୍ଦ୍ର ପକ୍ଷରୁ ରାଜ୍ୟକୁ ୧୧.୪୩ ଲକ୍ଷ, ୧୫.୪୬ ଲକ୍ଷ, ୧୨.୧ ଲକ୍ଷ ମେଟ୍ରିକ୍ ଟନ୍ର ଚାଉଳ ଏବଂ ୧.୦୭ ଲକ୍ଷ ମେଟ୍ରିକ୍ ଟନ୍, ୨.୩୬ ଲକ୍ଷ ମେଟ୍ରିକ୍ ଟନ୍ ଏବଂ ୧.୮୫ ଲକ୍ଷ ମେଟ୍ରିକ୍ ଟନ୍‌ର ଗହମ ଆବଣ୍ଟିତ କରିଥିଲା। ୨୦୨୦, ୨୧ ମସିହାରେ ଓଡ଼ିଶା ୧୦୦ ପ୍ରତିଶତ ଏବଂ ୨୦୨୨ ମସିହା (ଅକ୍ଟୋବର ପର୍ଯ୍ୟନ୍ତ) ୭୩ ପ୍ରତିଶତ ଚାଉଳ ନେଇଛି। ଗହମ ଚଳିତ ବର୍ଷ ଅକ୍ଟୋବର ପର୍ଯ୍ୟନ୍ତ ରାଜ୍ୟ ୬୪.୯ ପ୍ରତିଶତ ନେଇଛି। ଅନ୍ୟ ଦୁଇ ବର୍ଷ ୧୦୦ ଏବଂ ୯୭ ପ୍ରତିଶତ ଗହମ ନେଇଛି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୫ ବର୍ଷ ଧରି କେନ୍ଦ୍ର ରାଜ୍ୟକୁ ୧୯.୧୪, ୧୯.୧୮, ୧୯.୨୯, ୧୯.୦୮ ଏବଂ ୧୬.୩୭ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ, ୨.୯୩, ୨.୯୩, ୨.୯୫, ୨.୯୨ ଲକ୍ଷ ମେଟ୍ରିକ ଟନର ଗହମ ଆବଣ୍ଟିତ କରିଛି। ଚଳିତ ବର୍ଷ କେନ୍ଦ୍ର ସର୍ବନିମ୍ନ ୦.୪୯ ଲକ୍ଷ ମେଟ୍ରିକ୍ ଟନ୍‌ର ଗହମ ଦେଇଛି। ସେଥିରୁ ୯୮ ପ୍ରତିଶତ ରାଜ୍ୟ ନେଇ ସାରିଛି। ଅନ୍ୟ ଜନ କଲ୍ୟାଣକାରୀ ଯୋଜନାରେ କେନ୍ଦ୍ରରୁ ମିଳୁଥିବା ସବୁ ଚାଉଳ ରାଜ୍ୟ ନେଇପାରୁନାହିଁ। ଅର୍ଥାତ ୫ ବର୍ଷରେ ୨.୬୫, ୨.୬୪, ୧.୮୪,୨.୧୯ ଏବଂ ୨.୧୯ ଲକ୍ଷ ମେଟ୍ରିକ୍ ଟନ୍ର ଚାଉଳ, ୦.୬୫, ୦.୬୧, ୦.୫୮, ୦.୫୪, ୦.୩୭ ଲକ୍ଷ ମେଟ୍ରିକ୍ ଟନ୍ର ଗହମ ଆବଣ୍ଟିତ ହୋଇଥିଲା। ୨୦୧୯ ମସିହାରେ ସର୍ବନିମ୍ନ ୬୭.୦୫ ପ୍ରତିଶତ, ୨୦୧୮ ମସିହାରେ ୭୮.୯ ପ୍ରତିଶତ, ୨୦୨୦ ମସିହାରେ ୮୩.୨ ପ୍ରତିଶତ, ୨୦୨୧ ମସିହାରେ ୯୨.୭ ପ୍ରତିଶତ ଏବଂ ୨୦୨୨ ମସିହାରେ ୭୦.୩୨ ପ୍ରତିଶତ ଲିଫ୍ଟିଂ କରିଥିଲା। କିନ୍ତୁ ଗହମ ୯୯ ରୁ ୯୮ ପ୍ରତିଶତ ନେଇଥିଲା।

# ଆଉ ୮ ଧର୍ମାନୁଷ୍ଠାନକୁ ମିଳିବ 'ଭୋଗ' ସାର୍ଟିଫିକେଟ୍

**ଭୁବନେଶ୍ୱର :** ରାଜ୍ୟର ଅଧିକରୁ ଅଧିକ ଧର୍ମାନୁଷ୍ଠାନକୁ 'ଭୋଗ' ବା ବ୍ଲିସଫୁଲ ହାଇଜିନ୍ ଅଫରିଂ ଟୁ ଗଡ୍' ସାର୍ଟିଫିକେସନ୍‌ରେ ସାମିଲ କରିବା ଲାଗି ଉଦ୍ୟମ ଆରମ୍ଭ ହୋଇଛି। ବର୍ତ୍ତମାନସୁଦ୍ଧା ରାଜ୍ୟର ୪ଟି ଧର୍ମାନୁଷ୍ଠାନକୁ ଏହି ସାର୍ଟିଫିକେଟ୍ ମିଳିଥିବା ବେଳେ ଆଉ ୮ଟି ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଯେଉଁସବୁ ଧର୍ମାନୁଷ୍ଠାନରେ ପ୍ରତ୍ୟେକ ଦିନ ଶତାଧିକ ଶ୍ରଦ୍ଧାଳୁ ପ୍ରସାଦ ସେବନ କରୁଛନ୍ତି ବା ବିକ୍ରି ହେଉଛି ସେସବୁ ଧର୍ମାନୁଷ୍ଠାନର ପରିଷ୍କାର ପରିଚ୍ଛନ୍ନତାକୁ ନେଇ ଏହି ସାର୍ଟିଫିକେଟ୍ ପ୍ରଦାନ କରାଯାଉଛି। ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ବା ଏଫ୍ଏସ୍ଏସ୍ଏଆଇ ପକ୍ଷରୁ ଏହି ସାର୍ଟିଫିକେଟ୍ ଦିଆଯିବ। ପ୍ରାଥମିକ ପର୍ଯ୍ୟାୟରେ କେବଳ ଦେବ ନୀତି ହେଉଥିବା ମନ୍ଦିରମାନଙ୍କୁ ଏଥିରୁ ବାଦ୍ ଦିଆଯାଇଛି। ଭୁବନେଶ୍ୱର ସମେତ ରାଜ୍ୟବ୍ୟାପୀ ଏଭଳି ଧର୍ମାନୁଷ୍ଠାନମାନଙ୍କୁ 'ଭୋଗ୍' ସାର୍ଟିଫିକେଟ୍ ଦିଆଯାଉଛି। ରାଜ୍ୟର ୪ଟି ଧର୍ମାନୁଷ୍ଠାନ ଏଭଳି ସାର୍ଟିଫିକେଟ୍ ପାଇ ସାରିଛନ୍ତି। ଏବେ ଆହୁରି ୪ଟି ଧର୍ମାନୁଷ୍ଠାନ ପାଇଁ ଅଡିଟ୍ ଜାରି ରହିଛି। ଖୁବଶୀଘ୍ର ସେମାନଙ୍କୁ ମଧ ଏହି ସାର୍ଟିଫିକେଟ୍ ମିଳିବ ବୋଲି ଜଣାପଡ଼ିଛି। ରାଜ୍ୟ ଖାଦ୍ୟ ନିରାପତ୍ତା କାର୍ଯ୍ୟାଳୟର ଜଣେ ଅଧିକାରୀଙ୍କ କହିବାନୁଯାୟୀ, ଏବେ ବଲାଙ୍ଗୀରର ନୃସିଂହନାଥ ମନ୍ଦିର, କେନ୍ଦୁଝରର ଘଟଗାଁ ତାରିଣୀ, ଯାଜପୁର ବିରଜା ଓ ସମଲେଶ୍ୱରୀ ମନ୍ଦିରକୁ ଭୋଗ୍ ସାର୍ଟିଫିକେଟ୍ ପ୍ରଦାନ କରିବା ଲାଗି ଅଡିଟ୍ ଆରମ୍ଭ ହୋଇଛି। ଅଡିଟ୍ ପରେ ସାର୍ଟିଫିକେଟ୍ ପାଇଁ



ଆବେଦନ କରାଯିବ। ନିକଟରେ ରାଉରକେଲାର ଏକ ଗୁରୁଦ୍ୱାରାକୁ 'ଭୋଗ୍' ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି। ଚଳିତ ଆର୍ଥିକବର୍ଷରେ ରାଜ୍ୟର ଆଉ ୪ଟି ଧର୍ମାନୁଷ୍ଠାନକୁ ଏହି ସାର୍ଟିଫିକେଟ୍ ପ୍ରଦାନ ପାଇଁ ଉଦ୍ୟମ ଆରମ୍ଭ କରାଯିବ। ଏଥିରେ ଭୁବନେଶ୍ୱରର କାଳୀ ମନ୍ଦିର, ଟଙ୍କପାଣି ରୋଡ୍‌ସ୍ଥିତ ସାଇ ମନ୍ଦିର ରହିଛି। 'ଭୋଗ୍' ସାର୍ଟିଫିକେଟ୍ ପାଇଁ ଧର୍ମାନୁଷ୍ଠାନ ପରିସରରେ ପରିମଳ ବଜାୟ ରଖିବା, ବର୍ଜ୍ୟବସ୍ତୁ ପରିଚାଳନା, କଞ୍ଚାମାଲର ସଂରକ୍ଷଣ, ଖାଦ୍ୟର ପ୍ୟାକେଜିଂ ଇତ୍ୟାଦି ଉପରେ ଗୁରୁତ୍ୱ ଦିଆଯାଉଛି। ଏହାସହ ଯେଉଁମାନେ ଖାଦ୍ୟ ପ୍ରକ୍ରିୟାକରଣ ସହିତ ସାମିଲ୍ ହେବେ ସେମାନେ ମଧ ନିଜର ପରିମଳ ଉପରେ ଗୁରୁତ୍ୱ ଦେବେ। ଏଥିପାଇଁ ରୋଷେୟାମାନଙ୍କୁ ତାଲିମ୍ ପ୍ରଦାନ କରାଯିବ। ଯାହାଫଳରେ ଶ୍ରଦ୍ଧାଳୁମାନେ ଉନ୍ନତ ମାନର ପ୍ରସାଦ ପାଇପାରିବେ। ସାର୍ଟିଫିକେଟ୍ ପାଇଥିବା ଧର୍ମାନୁଷ୍ଠାନମାନଙ୍କର ପରବର୍ତ୍ତୀ ସମୟରେ ସମୀକ୍ଷା କରାଯିବ ବୋଲି ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

# ଲକ୍ଷ୍ମୀପୁର ବ୍ଲକରେ ଭୀମଭୋଇ ସାମର୍ଥ୍ୟ ଶିବିର



**କୋରାପୁଟ :** ରାଜ୍ୟ ସରକାରଙ୍କ ତରଫରୁ ଭିନ୍ନକ୍ଷମଙ୍କ ନିମନ୍ତେ ଦିଆଯାଉଥିବା ସୁବିଧା ସୁଯୋଗ ନିମନ୍ତେ ଲକ୍ଷ୍ମୀପୁର ବ୍ଲକରେ ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲକ୍ଷ୍ମୀପୁର ତହସିଲଦାର ତପନ କୁମାର ନାୟକ, ବ୍ଲକ ଚେୟାରମ୍ୟାନ୍, ବିଡିଓ ଏବଂ ସିଡିପିଓ ପାର୍ବତୀ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇ ଭିନ୍ନକ୍ଷମ ମାନଙ୍କୁ ସେମାନଙ୍କର ନବୀକରଣ ସାର୍ଟିଫିକେଟ୍ ଓ ନୂତନ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। ଏଥିସହିତ ଡାକ୍ତରଙ୍କ ଦ୍ୱାରା ଭିନ୍ନକ୍ଷମମାନଙ୍କୁ ଚିହ୍ନଟ କରି ବସ୍ ପାସ୍ ସମେତ ସମସ୍ତ ସରକାରୀ ସୁବିଧା ପ୍ରଦାନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭିନ୍ନକ୍ଷମମାନଙ୍କ ପାଇଁ କାର୍ଯ୍ୟ କରୁଥିବା ନମିତା ଜେନ, ଉର୍ମିଳା ମିଶ୍ର, ସଚଳା ପାଢ଼ୀ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୀତାରାମଙ୍କ ପରଲୋକ



**ବରଗଡ :** ଠେମରା ଗ୍ରାମର ବିଶିଷ୍ଟ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୀତାରାମ ପଣ୍ଡା (୭୬)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ଭଲ ଗଣିତ ଶିକ୍ଷକ ଥିଲେ। ତାଙ୍କର ସମ୍ୟକ ଅନୁଶାସନ ଯୋଗୁଁ ଛାତ୍ରଛାତ୍ରୀଗଣ ଶୃଙ୍ଖଳିତ ଥିଲେ। ପ୍ରାୟ ଚାରିଦଶନ୍ଧି କାଳ ଠେମରା, ଲଇଡା, ବେଦରନୂଆପାଲି, ଖଇରପାଲି ଆଦି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସେ ଶିକ୍ଷକତା କରି ସୁନାମ ଅର୍ଜନ କରିଥିଲେ। ଠେମରା ରଘୁନାଥିଆ ସାମାଜ ବା ପଞ୍ଚଶାସନୀ ବ୍ରାହ୍ମଣ ସମାଜର ସଭାପତି କିଛିବର୍ଷ ଥିଲେ ଓ ଜିଲ୍ଲା ପଞ୍ଚଶାସନୀ ବ୍ରାହ୍ମଣ ସମାଜର ସଭ୍ୟ ଥିଲେ। ତାଙ୍କର ଶବାଧାରରେ ତାଙ୍କର ପୂର୍ବତନ ଛାତ୍ର ତଥା ଗ୍ରାମର ହିତୈଷୀଗଣ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପାରଲୌକିକ ଆତ୍ମାର ସଦ୍‌ଗତି କାମନା କରିଥିଲେ। ଗ୍ରାମ୍ୟ ଶ୍ମଶାନରେ ଜ୍ଞାତିପରିଜନ ଶୁଭେଚ୍ଛୁ ଗଣଙ୍କ ଉପସ୍ଥିତିରେ ଶବଦାହ ସଂସ୍କାର କରାଯାଇଥିଲା। ତାଙ୍କର ବଡପୁଅ ସଂଜୀବ ମୁଖାଗ୍ନି ଦେଇଥିଲେ। ପରଲୋକ ଖବର ପ୍ରଚାରିତ ହେବା ପରେ ଠେମରା ଗ୍ରାମର ପ୍ରତ୍ୟେକ ମହଲରେ ଶୋକର ଲହରୀ ଖେଳିଯାଇଛି। ଏଠାରେ ସୂଚୀତ ଯେ, ପୂର୍ବରୁ ତାଙ୍କର ସହଧର୍ମିଣୀ ଓ ଦ୍ୱିତୀୟ ପୁତ୍ରର ଦେହାନ୍ତ ଘଟିଥିଲା।

# ଶିଶୁ ଦିବସ ଓ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ



**ବରଗଡ :** ବରଗଡ଼ ଜିଲ୍ଲା କମଗାଁ ପ୍ରାଥମିକ ବିଦ୍ୟାଳୟଠାରେ ଶିଶୁ ଦିବସ ଓ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ ଭଟଲି ବ୍ଲକ ଶିକ୍ଷା ଅଧିକାରୀ ସରୋଜ ଭୁଏ। ମୁଖ୍ୟବକ୍ତା ଭାବରେ କମଗାଁ କଲେଜ ଅଧକ୍ଷ ପ୍ରେମାନନ୍ଦ ପଟେଲ ଓ ସମ୍ମାନିତ ଅତିଥି ଭାବରେ ସିଆରସି ଶୁକ୍ର ଗରଡିଆ, ସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ସୁନା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସୁନୀଲ ଖମାରୀ ସଭାରେ ସଭାପତିତ୍ୱ କରିଥିବା ବେଳେ କମିଟି ସଭାପତି ଅବନୀକାନ୍ତ ପ୍ରଧାନ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ବରଗଡ ଜିଲ୍ଲାର ପ୍ରଥମ କୃତ୍ରିମ ଚିଡ଼ିଆଖାନା ଉଦ୍‌ଘାଟିତ ହୋଇଥିଲା ଓ ଅଭିଭାବକ ମାନଙ୍କୁ ମୋ ସ୍କୁଲ ଅଭିଯାନରେ ସାମିଲ ହେବାପାଇଁ ଅନୁରୋଧ କରାଯାଇଥିଲା। ଶିଶୁ ହସିଲେ ଦେଶ ହସିବ ଅର୍ଥାତ ଶିଶୁମାନଙ୍କର ବୌଦ୍ଧିକ ବିକାଶ ପାଇଁ ସମସ୍ତେ ଦାୟିତ୍ୱବାନ ହେବା ପାଇଁ ମତବ୍ୟକ୍ତ କରାଯାଇଥିଲା। ପ୍ରତିବର୍ଷ ଶିଶୁ ଦିବସ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରୁଥିବାରୁ ଅଶ୍ୱିନୀ ପ୍ରଧାନ, ପ୍ରଣୟ ଭୋଇ ଓ କିଶୋର ବିଶିଙ୍କୁ ସମ୍ମାନିତ କରାଯାଇଥିଲା। ଏହାପରେ ଶିଶୁ ପ୍ରତିଭା ବିକାଶ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭିକ ଓ ସମାପନୀ ସଂଗୀତ ଗାନ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀ ଅସ୍ମିତା, ପ୍ରକୃତି, ଲିପ୍ସିତା, ସୁଚିସ୍ମିତା, ସିଦ୍ଧି, ବାଦ୍ୟ ଯନ୍ତ୍ରରେ ସହାୟତା କରିଥିଲେ। ସରୋଜ ସେଠ୍ ,ବିଭୁତି ଭୂଷଣ ତ୍ରିପାଠୀ, ଝରଣା ନାଏକ ଓ ସ୍ମାରିକା ନାଏକ ଧନ୍ୟବାଦ ପ୍ରଦାନ କରିଥିଲେ।

# ସାଇଜ୍ଞାନ ପ୍ଲେ ସ୍କୁଲରେ ଶିଶୁ ଦିବସ ପାଳିତ



**ଜଗତସିଂହପୁର :** ଜଗତସିଂହପୁର ସଦର ମହକୁମାର ଜୟବଢ଼ ଠାରେ ଥିବା ଅଗ୍ରଣୀ ଶିକ୍ଷାନୁଷ୍ଠାନ ସାଇ ଜ୍ଞାନ ପ୍ଲେ ସ୍କୁଲରେ ଶିଶୁ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ସାଇ ଜ୍ଞାନ ପ୍ଲେ ସ୍କୁଲ ର ଅଧକ୍ଷା ପ୍ରଜ୍ଞା ପାରମିତା ଚୌଧୁରୀଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସଦର ଉପ ଆରକ୍ଷୀ ଅଧିକ୍ଷକ ବିରଞ୍ଚି ନାରାୟଣ ବାଗ ଯୋଗଦେଇ କହିଲେ ଶିଶୁ ମାନେ ହେଉଛନ୍ତି ଆମ ଦେଶର ଭବିଷ୍ୟତ। ସେମାନଙ୍କୁ ଉଚିତ ମାର୍ଗରେ ଗଢିତୋଳିବା ହେଉଛି ପରିବାର, ସମାଜ ଓ ବିଦ୍ୟାଳୟ ଶିକ୍ଷକ ମାନଙ୍କର ଗୁରୁଦାୟିତ୍ୱ ଅଟେ। ଛୋଟ ପିଲାମାନେ କୋମଳ, ନିଷ୍ପାପ, ସରଳ କଳିକା ସଦୃଶ ଅଟନ୍ତି। ଛୋଟ ପିଲାମାନଙ୍କ ଭବିଷ୍ୟତରେ ଦେଶର ଭବିଷ୍ୟତ ନିର୍ଭର କରିଥାଏ। ଆଜିର ଦିନରେ ଏହି କୁନି କୁନି କଢି ମାନଙ୍କୁ ସମସ୍ତ ମାନବୀୟ ସଦଗୁଣରେ ପରିପୂର୍ଣ୍ଣ କରି ତାଙ୍କ ଭବିଷ୍ୟତ କାମନା କରିବା ଆମ ସମସ୍ତଙ୍କର ଲକ୍ଷ ହେବା ଉଚିତ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଂଜନ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଲେ ଶିଶୁ ମାନଙ୍କ ଉନ୍ନତି ରେ ଦେଶର ଉନ୍ନତି।ଶିଶୁ ମାନେ ହେଉଛନ୍ତି ଦେଶର ଶ୍ରେଷ୍ଠ ସମ୍ବଳ। ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ଶିଶୁ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ଅଧକ୍ଷତା କରି ସାଇଜ୍ଞାନ ପ୍ଲେ ସ୍କୁଲର ଅଧକ୍ଷା ପ୍ରଜ୍ଞା ପାରମିତା ଚୌଧୁରୀ କହିଲେ ପ୍ରତିଦିନ ମୋର ସମୟ ଶିଶୁ ମାନଙ୍କ ଗହଣରେ କଟୁଛି। ସୁତରାଂ ସବୁଦିନ ଶିଶୁ ଦିବସ ଭଳି ଲାଗୁଛି। ଆଜିର ଦିନରେ କୁନି କୁନି ପିଲାମାନେ ନେହେରୁ, ଝାଂନସି ରାଣୀ, ଭଗତସିଂ, ଭାରତ ମାତା ଇତ୍ୟାଦି ବେଶରେ ସଜିତ ହୋଇ ଆସିଛନ୍ତି। ଏହି କୌତୁକ ବେଶ ଭବିଷ୍ୟତ ପାଇଁ ପ୍ରେରଣା ଦାୟୀ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଅଧ୍ୟାପକ ଆଇଜାକ ମହାନ୍ତି ସ୍ୱାଗତ ସମ୍ଭାଷଣ ଓ ପରିଚୟ ପ୍ରଦାନ କରିଥିଲେ। ସାଇଜ୍ଞାନ ପ୍ଲେ ସ୍କୁଲ ପକ୍ଷରୁ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ସାଇଜ୍ଞାନ କୁନି କୁନି ଛାତ୍ରଛାତ୍ରୀ, ଶିକ୍ଷୟତ୍ରୀ ଗଣ ଓ ଅଭିବାବକ ମାନେ ଉପସ୍ଥିତ ଥିଲେ।

# ଗଞ୍ଜେଇ ଚୋରା ଚାଲାଣ ମାମଲା, ଜଣେ ଦୋଷୀ ସାବ୍ୟସ୍ତ

**କୋରାପୁଟ :** ଗଞ୍ଜେଇ ଚୋରା ଚାଲାଣ ମାମଲାର ବିଚାରକରି ମଙ୍ଗଳବାର କୋରାପୁଟ ଅତିରିକ୍ତ ଜିଲ୍ଲା ଜଜ୍ ଜଣେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ମାମଲାର ଅଭିଯୁକ୍ତ ଉତ୍ତମ ସିଂହଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ ସହ ୧ଲକ୍ଷ ଟଙ୍କା ଜରିମାନା ପ୍ରଦାନ ପାଇଁ ରାୟ ଶୁଣାଇଛନ୍ତି। ଜରିମାନା ଅନାଦେୟ ସ୍ଥଳେ ଆଉ ଏକବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ୧୧ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଏହି ରାୟ ଶୁଣାଇଛନ୍ତି ବିଚାରପତି ମହଲତ ଶା। ସୂଚନା ମୁତାବକ, ଗତ ୨୦୧୫ ମସିହା ମେ' ମାସ ୧୧ ତାରିଖରେ ନନ୍ଦପୁର ଥାନା ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଦ୍ରୁତ ଗତିରେ ଯାଉଥିବା ଏକ ଟ୍ରକ (ଏପି୩୧ଟି ଜି୦୪୧୩) ଉପରେ ସନ୍ଦେହ ହେବାରୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ କରିବାରୁ ଉକ୍ତ ଟ୍ରକରୁ ପ୍ରାୟ ୧ କ୍ୱିଣ୍ଟାଲ ଗଞ୍ଜେଇ ଜବତ ହୋଇଥିଲା। ମଧ୍ୟପ୍ରଦେଶର ଧର ଜିଲ୍ଲାର ଅଭିଯୁକ୍ତ ଉତ୍ତମ ସିଂହ ଏବଂ ସାନୁ ଖାନଙ୍କୁ ଗିରଫ କରାଯାଇଥିଲା। ଜଣେ ଅଭିଯୁକ୍ତ ଆଲବନ ଖେମୁଣ୍ଡୁ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। ନନ୍ଦପୁର ପୋଲିସ (୪୦/୨୦୧୫) ମାମଲା ରୁଜୁ କରି ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ପରେ ଘଟଣାର ତଦନ୍ତ କରି ଅଭିଯୁକ୍ତ ଫର୍ଦ୍ଦ ଦାଖଲ କରିବା ପରେ କୋରାପୁଟ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ଅଦାଲତରେ ଟିଆର କେଶ ନମ୍ବର ୫୪/୨୦୧୫ରେ ବିଚାର ଚାଲିଥିଲା। ବିଚାର ସମୟରେ ଅଭିଯୁକ୍ତ ସାନୁ ଖାନ୍ ହାଇକୋର୍ଟରୁ ଜାମିନ ପାଇ ଫେରାର ହୋଇଯାଇଥିବା ବେଳେ ଉତ୍ତମ ସିଂହଙ୍କର ବିଚାର ଚାଲିଥିଲା। ସମସ୍ତ ସାକ୍ଷୀ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଥିବା ଜଣାପଡିଛି। ସରକାରଙ୍କ ପକ୍ଷରୁ ଆଇନଜୀବୀ ଜୟନ୍ତ କୁମାର ମିଶ୍ର ମାମଲାର ପରିଚାଳନା କରୁଥିଲେ।

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286

# କଳିଙ୍ଗ ଏକାଡେମୀ ଅଫ୍ ଆର୍ଟ, ଡ୍ୟାନ୍ସ ଆଣ୍ଡ୍ ମ୍ୟୁଜିକ ଉଦ୍‌ଘାଟିତ

**ଭୁବନେଶ୍ୱର :** ଶିଶୁ ଦିବସ ପାଳନ ଅବସରରେ ଶିଶୁ ମାନଙ୍କ କଳାତ୍ମକ ପ୍ରତିଭାକୁ ଲୋକାଭିମୂଖୀ କରିବା ଉଦ୍ଦେଶ୍ୟରେ ପୁରୁଣା ଭୁବନେଶ୍ୱରସ୍ଥିତ ଦୟାନଦୀ ବିହାରରେ ଶିଶୁ ଶିଳ୍ପୀଙ୍କ ଅନୁଷ୍ଠାନ 'କଳିଙ୍ଗ ଏକାଡେମୀ ଅଫ୍ ଆର୍ଟ, ଡ୍ୟାନ୍ସ ଏଣ୍ଡ୍ ମ୍ୟୁଜିକ' ଉଦ୍ଘାଟିତ ହୋଇଯାଇଛି। ଉଦ୍ଘାଟନୀ ଉତ୍ସବରେ ଆର୍ନ୍ତଜାତୀୟ ଚିତ୍ରଶିଳ୍ପୀ ତଥା ଓଡ଼ିଶା ଲଳିତକଳା ଏକାଡେମୀର ସଚିବ ପଞ୍ଚାନନ ସାମଲ ମୁଖ୍ୟ ଅତିଥି, 'ସାଧନା' ଅନୁଷ୍ଠାନର ସମ୍ପାଦିକା ସୁଜାତା ମହାପାତ୍ର ସମ୍ମାନିତ ଅତିଥି , ଅର୍ଥନୈତିଜ୍ଞ ଦନାର୍ଦ୍ଦନ ହୋତା ଓ ଓଡ଼ିଶା କଳାକାର ସଂଘର ସମ୍ପାଦକ ପ୍ରଦୀପ ଦାସ ନିମନ୍ତ୍ରିତ ଅତିଥି ରୂପେ ଯୋଗଦେଇ ବାକଦେବୀ ସରସ୍ୱତୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଆଗାମୀ ଭବିଷ୍ୟତରେ ଏହି ଅନୁଷ୍ଠାନ ତଥା ଅନୁଷ୍ଠାନର କୁନି କୁନି ଶିଳ୍ପୀମାନେ ଜାତୀୟସ୍ତରରେ ସୁଖ୍ୟାତି ଅର୍ଜନ କରନ୍ତୁ ବୋଲି ଅତିଥିମାନେ ଆର୍ଶୀବଚନୀ ପ୍ରଦାନ କରିଥିଲେ। ପାରମ୍ପରିକ ଚିତ୍ରଶିଳ୍ପୀ ରବୀନ୍ଦ୍ର କୁମାର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍ଘାଟନୀ ସଭାରେ ନୃତ୍ୟ ସଂଯୋଜକ ସୁଶାନ୍ତ ପୃଷ୍ଟି, କଣ୍ଠଶିଳ୍ପୀ କାଞ୍ଚନବାଳା ପରିଡା ଏବଂ ଆଲୋକ ବାରିକ ପ୍ରମୁଖ କଳାକାର ଏବଂ ଅଭିଭାବକମାନେ ଯୋଗଦାନ ପୂର୍ବକ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। ଶେଷରେ ସୁଚିତ୍ରା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।








PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

# ଏରସମା ବ୍ଲକରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର



**ଜଗତସିଂହପୁର :** ଜିଲ୍ଲା ପ୍ରଶାସନ ପକ୍ଷରୁ ଏରସମା ବ୍ଲକ ପରିସରରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏହି ଜନଶୁଣାଣି ଶିବିରରେ ଜିଲ୍ଲାପାଳ ପାରୁଲ ପଟୱାରୀ ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରି ଉପସ୍ଥିତ ଥିବା ସରକାରୀ ଅଧିକାରୀମାନଙ୍କୁ କହିଥିଲେ ଯେ ଯେଉଁ ଅଭିଯୋଗ ସବୁ ଆସୁଛି, ତାହାର ତ୍ୱରିତ ନିଷ୍ପତି କରାଯାଉ। ଜନସାଧାରଣ ଗୋଟିଏ ଗୋଟିଏ ଅଭିଯୋଗକୁ ନେଇ ବାରମ୍ବାର ଅଭିଯୋଗ କରିବାକୁ ଯେପରି ନଆସିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଉ। ଏହି ଜନଶୁଣାଣି ଶିବିରରେ ମୋଟ୍ ୯୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ୯୩ଟି ଥିଲା। ଆବାସ ଯୋଜନା ପାଇଁ ୪୪ଜଣ ଆବେଦନ କରିଥିବା ବେଳେ ରାସନକାର୍ଡ ପାଇଁ ୧୩ଜଣ, ଜମିଜମା ସମ୍ପର୍କିତ ୯ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧ଟି, ଭତ୍ତା ସମ୍ପର୍କିତ ୧୨ଟି, ରେଡକ୍ରସ ପାଣ୍ଠିରୁ ସହାୟତା ନିମନ୍ତେ ୧ଟି ଥିବା ବେଳେ ଅନ୍ୟାନ୍ୟ ଅସୁବିଧା ନିମନ୍ତେ ୧୦ଟି ଅଭିଯୋଗର ଶୁଣାଣି ହୋଇଥିଲା। ଏହି ଜନଶୁଣାଣି ଶିବିରରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ରନାରାୟଣ ଦାସ, ଉପ-ଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଉପ-ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ଏରସମା ବିଡିଓ କୈଳାଶ ଚନ୍ଦ୍ର ବେହେରା, ତହସିଲଦାର ନବପ୍ରସାଦ ନାୟକ ଓ ବ୍ଲକ ସ୍ତରୀୟ ସମସ୍ତ ଅଧିକାରୀମାନେ ଉପସ୍ଥିତ ରହି ଜନଶୁଣାଣିରେ ସହଯୋଗ କରିଥିଲେ।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି